ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୨
୨୯ ଜାନୁଆରୀ, ୨୦୨୬ ଗୁରୁବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 262
29th January, 2026 Thursday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

CBC 35101/13/0089/2526



VB-G RAM G ରେ ୧୨୫ ଦିନ ର କାମ ମିଳିବ, ଏବଂ ଗାଁରେ ଆଶ୍ରୟ କେନ୍ଦ୍ର ଓ ତଟବନ୍ଧ ତିଆରି ହେବ- ଗାଁ ଭିତରେ ଏବେ ବିପର୍ଯ୍ୟୟ ସହାୟତା ।

Viksit Bharat - Guarantee for Rozgar and Ajeevika Mission (Gramin) : VB - G RAM G
(ବିକଶିତ ଭାରତ-ଜୀ ରାମ ଜୀ) Act, 2025
୧୨୫ ଦିନ ର ରୋଜଗାର ଗ୍ୟାରେଣ୍ଟୀ



## ନୀତିବାଣୀ

**ପ୍ରିୟବାକ୍ୟପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତବଃ**
**ତସ୍ମାଦେବ ବକ୍ତବ୍ୟଂ ବଚନେ କା ଦରିଦ୍ରତା**

ପ୍ରିୟ ଓ ମଧୁର କଥାରେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। କଠୋର କଥା ତୁଳନାରେ ପ୍ରିୟ କଥା କହିବାରେ କୌଣସି କଷ୍ଟ ସ୍ୱୀକାର କରିବାକୁ ପଡ଼େ ନାହିଁ। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।

**ଅମ୍ବିକା ପ୍ରସାଦ ଦାସଙ୍କ**
**‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ**

**ହଜାରରେ ଠକିଥିଲେ ଲକ୍ଷରେ ଗଣିବ....**

# ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ନିଧନ

**ବାରାମତୀ,୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ନାହାନ୍ତି ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର। ଆଜି ମହାରାଷ୍ଟ୍ରର ବାରାମତୀରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ ହୋଇଛି। ଶ୍ରୀ ପାୱାରଙ୍କ ସହ ବିମାନରେ ଥିବା ବାକି ୪ ଜଣ ମଧ ପ୍ରାଣ ହରାଇଛନ୍ତି।



ମୁମ୍ବାଇରୁ ଅଜିତ ପାୱାରଙ୍କୁ ନେଇ ବାରାମତୀ ଯାଉଥିଲା ବିମାନ। ସକାଳ ୮ଟାରେ ଏହା ଉଡାଣ ଆରମ୍ଭ କରିଥିବା ବେଳେ ୮.୪୫ରେ କ୍ରାଶ ହୋଇଛି। ବାରାମତୀ ଏୟାରପୋର୍ଟରେ ଜରୁରୀ ଅବତର ସମୟରେ ବିମାନଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ହିଁ ଏହା ମଧରେ ଥିବା ସମସ୍ତ ୫ ଜଣଙ୍କ ମୃତ୍ୟୁ ହୋଇଛି।

ବିମାନଟି ପୂରା ଖଣ୍ଡଖଣ୍ଡ ହୋଇଯାଇଥିବା ବେଳେ ଏଥିରେ ନିଆଁ ମଧ ଲାଗି ଯାଇଥିଲା। ମୃତକଙ୍କ ମଧରେ ଅଜିତ ପାୱାରଙ୍କ ବ୍ୟତୀତ ଦୁଇ ପାଇଲଟ, ଶ୍ରୀ ପାୱାରଙ୍କ ପିଏସଓ ଓ ଜଣେ ଆଟେଣ୍ଡାଣ୍ଟ ରହିଛନ୍ତି। ବାରାମତୀ ଏୟାରପୋର୍ଟରେ ଏହି ବିମାନ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିବା ବେଳେ ଏତେ ବଡ ଘଟଣା ଘଟିଛି।

ଡିଜିସିଏ ପକ୍ଷରୁ କୁହାଯାଇଛି ଯେ ମୁମ୍ବାଇରୁ ବାରାମତୀ ଯାଉଥିବା ଚାର୍ଟର ବିମାନ ଦୁର୍ଘଟଣା ଗ୍ରସ୍ତ ହେବାରୁ ଏହା ମଧରେ ଥିବା ସମସ୍ତ ୫ ଜଣଙ୍କ ମୃତ୍ୟୁ ହୋଇଛି।

ସର୍ବାଧିକ ୬ ଥର ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ହୋଇଥିବା ଏହି ବରିଷ୍ଠ ରାଜନେତା ଜଣଙ୍କ ବାରାମତିରେ ୪ଟି ସାଧାରଣ ସଭାରେ ଯୋଗ ଦେବାକୁ ଯାଉଥିଲେ। ସେଠାରେ ଜିଲ୍ଲା ପରିଷଦ ନିର୍ବାଚନ ଥିବାରୁ ନିଜ ଦଳ ପାଇଁ ଅଜିତ ପାୱାର ପ୍ରଚାର କରିବାର ଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ Bombardier Learjet ୪୫ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଦିଲ୍ଲୀ ଭିତ୍ତିକ ଚାର୍ଟର କମ୍ପାନୀ ଭିଏସ୍ଆର ଦ୍ୱାରା ପରିଚାଳିତ ହେଉଥିଲା।

ଦୁର୍ଘଟଣା ପରେ ବିମାନଟି ପୂରା ପାଉଁଶ ହୋଇଯାଇଛି। ବିମାନର ଖଣ୍ଡବିଖଣ୍ଡିତ ଅଂଶଗୁଡ଼ିକ ଚାରିଆଡେ ଛିନ୍ନଛତ୍ର ହୋଇ ପଡିଥିବା ବେଳେ ପୂରା ଅଞ୍ଚଳ ଧୂଆଁମୟ ହୋଇ ଯାଇଛି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ବିମାନଟି *(ଶେଷ ପୃଷ୍ଠା ଦେଖନ୍ତୁ)*

## ଷଡ଼ଯନ୍ତ୍ରର ଗନ୍ଧ ବାରିଲେ ମମତା
### ସୁପ୍ରିମକୋର୍ଟ ନେତୃତ୍ୱାଧୀନ ତଦନ୍ତ ଦାବି

**କୋଲକାତା,୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ପଛରେ ଗଭୀର ଷଡଯନ୍ତ୍ରର ଗନ୍ଧ ବାରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏଥିସହ ସେ କ୍ରାଶ ଘଟଣାର ତଦନ୍ତ ସୁପ୍ରିମକୋର୍ଟଙ୍କ ନେତୃତ୍ୱାଧୀନ କମିଟି ଦ୍ୱାରା କରିବାକୁ ଦାବି କରିଛନ୍ତି। ଏହାବାଦ ଦେଶର ରାଜନେତାଙ୍କ ସୁରକ୍ଷା ଉପରେ ମଧ ଦିଦି ପ୍ରଶ୍ନ ଉଠାଇଛନ୍ତି।

ଅଜିତ ପାୱାରଙ୍କ ମୃତ୍ୟୁ ଖବରରେ ମମତା ପୂରା ସ୍ତବ୍ଧ ହୋଇଥିବା ବେଳେ ଏହା ଦେଶ ପାଇଁ ଗୋଟିଏ ବଡ କ୍ଷତି ବୋଲି କହିଛନ୍ତି। ସେ ଦାବି କରିଛନ୍ତି ଯେ ରାଜନେତାମାନଙ୍କ ପାଇଁ ମଧ ଦେଶରେ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଅଜିତ ପାୱାର ବିଜେପି ଛାଡିବାକୁ ଚିନ୍ତା କରୁଥିବା କଥା ମଧ ସେ ଗଣମାଧ୍ୟମକୁ ଜଣାଇଛନ୍ତି।

ସେ କହିଛନ୍ତି, “ଆଜି ଯାହା ଘଟିଛି, ତାହା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସୁପ୍ରିମକୋର୍ଟଙ୍କ ନେତୃତ୍ୱାଧୀନ ତଦନ୍ତ ହିଁ କେବଳ ବିଶ୍ୱାସ ଯୋଗ୍ୟ। ଆମେ କେବଳ ସୁପ୍ରିମକୋର୍ଟଙ୍କ ଉପରେ ବିଶ୍ୱାସ ରଖିଛୁ। ଅନ୍ୟ କୌଣସି ତଦନ୍ତକାରୀ ସଂସ୍ଥା ଉପରେ ଆମର ବିଶ୍ୱାସ ନାହିଁ। ସମସ୍ତ ତଦନ୍ତକାରୀ ସଂସ୍ଥା ସେମାନଙ୍କ ସ୍ୱାଧୀନତା ହରାଇ ସାରିଛନ୍ତି।”

କେବଳ ମମତା ନୁହନ୍ତି, ବାରାମତୀ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁର ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ ପାଇଁ ଅନେକ ରାଜନେତା ମଧ ଦାବି କରିଛନ୍ତି। କଂଗ୍ରେସ ଅଧକ୍ଷ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦୁଇଟି ଝିଅ ହେବାରୁ ମହିଳାଙ୍କୁ ନିର୍ଯାତନା

**ରାଜନଗର,୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁଅ ନହେବା କାରଣରୁ ଦୁଇଟି ଝିଅ ହେବା ଯୋଗୁଁ ଜଣେ ମହିଳାଙ୍କୁ ତାର ଶାଶୁ ଘର ଲୋକେ ନିର୍ଯାତନା ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଯାହା ସ୍ୱାମୀଙ୍କୁ ମହଙ୍ଗା ପଡିବା ସହ ଜେଲ ହାଜତକୁ ଯାଇଥିବା ଜଣାପଡିଛି। ରାଜନଗର ବ୍ଲକ କୋଇଲିପୁର ଗାଁରେ ଅଙ୍ଗନବାଡି କର୍ମୀ ଥିବା ବେଲପାଳ ଗାଁର ଶୁଭମିତ୍ରା ସ୍ୱାଇଁ(୩୪), ସ୍ୱାମୀ- ଉତ୍ତମ କୁମାର ସ୍ୱାଇଁ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ୧୧ବର୍ଷ ପୂର୍ବେ ବୈଦିକ ରୀତିନୀତି ଅନୁସାରେ ବିବାହ ହୋଇଥିଲା। ଶାଶୁଘର ଦାବୀ ମୁତାବକ ଟଙ୍କା, ସୁନା ସହ ଆସବାବପତ୍ର ଯୌତୁକ ଭାବେ ଦେଇଥିଲେ। ତାଙ୍କର ୧୦ବର୍ଷ ଓ ୮ବର୍ଷର ଦୁଇ ଝିଅ ଅଛନ୍ତି। ଅଧିକ ଯୌତୁକ ଦାବୀ ସହ ପୁଅ ନହେବାରୁ ବିଭିନ୍ନ ସମୟରେ ଶାଶୁ ଘର ଲୋକେ ଶାରିରୀକ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏପରିକି ତାଙ୍କ ସ୍ୱାମୀ ଉତମଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସଂପର୍କ ରହି ଆସିଥିବାରୁ ସେ ତାର ବିରୋଧ କରିଥିଲେ। ଫଳରେ ସ୍ୱାମୀ ଉତମ, ଶ୍ୱଶୁର ଗୌରାଙ୍ଗ ତାଙ୍କୁ ଜୀବନରୁ ମାରି ଦେବାକୁ ଚକ୍ରାନ୍ତ କରି ଆସିଥିଲେ। ବିଭିନ୍ନ ସମୟରେ ମାଡଗାଳି ଦେଇ ସେ ଅଙ୍ଗନବାଡି ଚାକିରୀରୁ ପାଉଥିବା ଦରମା ଜୋରଜବରଦସ୍ତ ନେଇଯାଉଥିଲେ। ଏସଂପର୍କରେ ଶୁଭମିତ୍ରା ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮/୨୬ରେ ମାମଲା ରୁଜୁ କରି ତାଙ୍କ ସ୍ୱାମୀ ଉତମଙ୍କୁ ଗିରଫ କରି ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ଏହି ଘଟଣା ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## କଳାଗଡ଼ରେ ଶିଳ୍ପ ଲାଗି ଜନ ଶୁଣାଣି
### ଚାଷୀଙ୍କ ପାଖରୁ ଯିବ ୫୪୩.୩୫୧ ଏକର ଜମି

**କେନ୍ଦ୍ରାପଡ଼ା/ମାର୍ଶାଘାଇ,୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମହାକାଳପଡା ବ୍ଲକ ଯଦୁପୁର ପଂଚାୟତ କଳାଗଡ଼ଠାରେ ପ୍ରସ୍ତାବିତ ୱେଲସପୁନ ଲିଭିଂ ଲିମିଟେଡ଼ (ଟେକ୍ସଟାଇଲ), ୱେଲସପୁନ ନିଉ ଏନର୍ଜି ଲିମିଟେଡ଼ (ଗ୍ରୀନ ହାଡ୍ରୋଜେନ ଏବଂ ଆମୋନିଆ), ଆକମେ ଅକ୍ଷୟ ଏନର୍ଜି ପ୍ରାଇଭେଟ ଲିମିଟେଡ଼ (ଗ୍ରୀନ ହାଡ୍ରୋଜେନ ଲିମିଟେଡ଼) ଏବଂ କୈବଲ୍ୟ ଲଜିଷ୍ଟିକ ପ୍ରାଇଭେଟ ଲିମିଟେଡ଼ ଆଦି ଶିଳ୍ପ ପ୍ରତିଷ୍ଠା ସକାଶେ ଆଜି ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମଶାକଣୀ ବଡଦାଣ୍ଡ ପଡିଆଠାରେ ଅନୁଷ୍ଠିତ ଜନ ଶୁଣାଣିରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାଜ୍ୟସଭାର ଚତୁର୍ଥ ଆସନ: କାହାର ହେବେ ନବୀନ ?

**ଭୁବନେଶ୍ୱର,୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କାହାର ହେବେ ନବୀନ ? ବିଜେପିର ନା’ କଂଗ୍ରେସର ? ରାଜ୍ୟସଭା ପାଇଁ କିଏ ହାତେଇବ ଚତୁର୍ଥ ଆସନ ? କାହାକୁ ସମର୍ଥନ ଦେବ ବିଜେଡି ? ଏବେ ନବୀନଙ୍କ ଉପରେ ସମସ୍ତଙ୍କ ନଜର। ରାଜ୍ୟସଭା ନିର୍ବାଚନକୁ ନେଇ ଅଙ୍କକଷା ଜୋର୍ ଧରିଥିବା ବେଳେ ଚତୁର୍ଥ ଆସନ ପାଇଁ କାହା ପାଖରେ ସଂଖ୍ୟା ନଥିବାରୁ କାହାକୁ କିଏ ସପୋର୍ଟ କରିବେ ତାକୁ ନେଇ ଜୋର୍ ଧରିଛି ଚର୍ଚ୍ଚା। ଦୁଇ ଜାତୀୟ ଦଳ ନବୀନଙ୍କୁ ମନାଇବାକୁ କସରତ ଆରମ୍ଭ କରିଥିବା ଜଣାପଡିଛି। ଏମିତିରେ ଚତୁର୍ଥ ଆସନ ପାଇଁ କିଏ କାହାର ସମର୍ଥନ ଲୋଡିବେ ସେନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ସାମ୍ନାକୁ ଆସିଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଚତୁର୍ଥ ଆସନ ଲାଗି ସେ ବିଜେଡିର ସମର୍ଥନ ଲୋଡିବେ। ଏଥି ପାଇଁ ଭକ୍ତ ନବୀନଙ୍କୁ ଭେଟିବା ଲାଗି ସମୟ ମାଗିଛନ୍ତି।

କଂଗ୍ରେସ ପାଖରେ ୧୪ ବିଧାୟକ ଓ ସିପିଆଇଏମର ଜଣେ ବିଧାୟକ ଥିବା ବେଳେ ସେମାନଙ୍କୁ ଆହୁରି ୧୫ ବିଧାୟକଙ୍କ ସମର୍ଥନ ଦରକାର। ଏମିତିରେ ବିଜେଡି ଯଦି କଂଗ୍ରେସକୁ ସମର୍ଥନ କରେ ତାହେଲେ ସମସ୍ତଙ୍କ ସହମତିରେ ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ ଦେବ କଂଗ୍ରେସ। ଜଣେ ଭଲ ବ୍ୟକ୍ତିଙ୍କୁ ରାଜ୍ୟସଭା ପଠାଇଲେ ଓଡିଶାର ସମ୍ମାନ ରହିବ। ସେପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ କହିଛନ୍ତି ଯେ, ଚତୁର୍ଥ ଆସନ ପାଇଁ ଆବଶ୍ୟକ ପଡିଲେ ଆମେ ବିଜେଡି ତଥା ନବୀନ ପଟ୍ଟନାୟକଙ୍କ ସମର୍ଥନ ମାଗିପାରୁ।

ସେପଟେ ବିଜେଡି କହିଛି ରାଜ୍ୟସଭା ପାଇଁ ଦଳ କାହାକୁ ପ୍ରାର୍ଥୀ କରିବ, ଚତୁର୍ଥ ଆସନ ପାଇଁ ଆମର ରଣନୀତି କ’ଣ ହେବ ତାହା ଆମ ଦଳର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଚିଙ୍ଗୁଡ଼ି ଘେରିରେ ଶ୍ରମିକ ମୃତ

**ରାଜନଗର,୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ନିକଟରେ ଥିବା ଚିଙ୍ଗୁଡ଼ି ଘେରିରେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଚିଙ୍ଗୁଡ଼ି ଘେରିକୁ କାମ କରିବାକୁ ଗତକାଲି ବାରିପଦା ଅଂଚଳର ଦୁଇଜଣ ଆଦିବାସୀ ଯୁବକ ଆସିଥିଲେ। ସାଙ୍ଗରେ ମହୁଲ ଆଣିଥିଲେ। ଗତକାଲି ଘରୁ ଆସିଥିବାରୁ ଆଜି କାମ କରିନଥିଲେ। ଆଜି ଦିନ ତମାମ ମହୁଲ ପିଇଥିଲେ। ଆଜି ଦିନ ପ୍ରାୟ ୫ ଘଟିକା ସମୟରେ କୌଣସି କାରଣରୁ ବାରିପଦାର କେଦାର ବିନ୍ଧାଣି (୩୭ ବର୍ଷ) ଚିଙ୍ଗୁଡ଼ି ଘେରିଲେ ପଡିଯାଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଘେରି ମଧ୍ୟରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ଆସୁଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରା: ମିଶ୍ରିତ ପ୍ରଭାବ

**ଭୁବନେଶ୍ୱର,୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ଆଳରେ ମାତ୍ରାଧିକ ତଣ୍ଡ ଆଦାୟ, ଟାଟା କମ୍ପାନିର ମନମାନି ବିରୋଧରେ ଆଜି ଓଡିଶା ବନ୍ଦ ଡାକରା ଦେଇଥିଲା ନବନିର୍ମାଣ କୃଷକ ସଂଗଠନ। ଆଜି ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲୁ ରହିଥିଲା। ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ, ବାମ ଦଳ ଓ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ ଜଣାଇଛନ୍ତି। ବିଜେଡି ଏହାକୁ ସ୍ୱାଗତ କରିଥିଲେ ହେଁ ବିଧିବଦ୍ଧ ସମର୍ଥନ ଦେଇନାହିଁ। ଓଡିଶା ବନ୍ଦର ପ୍ରଭାବ ରାଜ୍ୟର କିଛି ଜିଲ୍ଲାରେ ଦେଖିବାକୁ ମିଳିଛି।

ଯାଜପୁର ଜିଲ୍ଲାରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି। ଟ୍ରେନ, ବସ, ଟ୍ରକ ଚଳାଚଳକୁ ବାଦ ଦେଲେ ବାକି ସବୁ ସ୍ୱାଭାବିକ ରହିଛି। ଯାଜପୁର ଟାଉନ ଓ ବ୍ୟାସନଗର ସହରରେ ଦୋକାନବଜାର ଖୋଲା ରହିଥିବା ବେଳେ ଦୁଇଚକିଆ, ଚାରିଚକିଆ ଓ ଅଟୋରିକ୍ସା ଚଳାଚଳ ଜାରି ରହିଛି। ସହରରେ କୌଣସି ସ୍ଥାନରେ ଆନ୍ଦୋଳନ କିମ୍ବା ପିକେଟିଂ ଚାଲିଥିବା ଦେଖିବାକୁ ମିଳିନାହିଁ। ସେହିପରି ଯାଜପୁର ଟାଉନରେ ମଧ ଦୋକାନବଜାର, ଯାନବାହନ ଚଳାଚଳ ଜାରି ରହିଛି। ଜିଲ୍ଲା ଅଦାଲତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର ଫାଟକ ଖୋଲା ରହିଥିବା ବେଳେ ଆନ୍ଦୋଳନକାରୀ ସେଠାରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଜଗତସିଂହପୁର ଜିଲ୍ଲାରେ ସହର ସମେତ ବିଭିନ୍ନ ଅଞ୍ଚଳରେ ନବ ନର୍ମାଣ କୃଷକ ସଂଗଠନର ବନ୍ଦ ପାଳନ କରାଯାଇଛି। ଦୋକାନ ବଜାର ସମେତ ଘରୋଇ ପ୍ରତିଷ୍ଠାନ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଦୈନନ୍ଦିନ ଜୀବନଯାତ୍ରା *(ଶେଷ ପୃଷ୍ଠା ଦେଖନ୍ତୁ)*

# ସତରେ ସରକାର ଚାଲୁଛି ତ ?

## ବିଜେପି ୱାଶିଂ ମେସିନ୍‌ରେ ଦାଗ ସଫା କରିବାକୁ ବିଜେଡିର ଦାଗୀ ନେତାଙ୍କ ଲମ୍ବା ଲାଇନ୍

**ଭୁବନେଶ୍ୱର,୨୮।୧**
**ସ୍ୱତନ୍ତ୍ର ପ୍ରତିନିଧି**

ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଆଉ ୪ମାସ ପରେ ୨ବର୍ଷ ପୂର୍ତ୍ତି ପାଳନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସରଳ ଆଚରଣ ଓ ଦୁର୍ନୀତିପ୍ରତି ଶୂନ୍ୟ ସହନଶୀଳ ନୀତି ସତ୍ତ୍ୱେ ବ୍ୟବସ୍ଥାରେ ଥିବା ଦାଗୀଙ୍କ ବିରୋଧରେ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଠିକ୍ ସେହିପରି ସାଙ୍ଗଠନିକ ଦକ୍ଷତା ଥିବା ଓ ଦଳକୁ ସରକାରକୁ ଆଣିବାରେ ଅକ୍ଳାନ୍ତ ପରିଶ୍ରମ କରିଥିବା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଦଳର ନିଷ୍ଠାପର ନେତା ଓ କର୍ମୀଙ୍କୁ ଖାଲି ଥିବା ନିଗମ, ବୋର୍ଡରେ ଥଇଥାନ କରାଯାଇପାରୁ ନାହିଁ। ତାରିଖ ପରେ ତାରିଖ ଗଡ଼ି ଚାଲୁଛି। ଆଶାୟୀଙ୍କ ଆଖିରୁ ନିଦ ହଜିଲାଣି।

ଆଶା କରାଯାଉଥିଲା- ନୂଆପଡ଼ା ଉପ ନିର୍ବାଚନରେ ଦଳର ବାଜିମାତ ପରେ ମୁଖ୍ୟମନ୍ତ୍ରୀ ଓ ଦଳର ସଭାପତି ସ୍ୱାଧୀନ ଭାବେ ଏମିତି କିଛି ନିଷ୍ପତ୍ତି ନେବେ ଯାହା ରାଜ୍ୟ ଶାସନରେ ନୂଆ

### ଦିଲ୍ଲୀରେ ଲସରପସର: ବଳ ଦେଉଛି କିଏ ?

ବାର୍ତ୍ତା ଦେବା ସହ ଦଳୀୟ କର୍ମୀ ଓ ନେତାଙ୍କ ମନୋବଳକୁ ଦୃଢ଼ କରିବ।

ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାରେ ପୂର୍ବ ସରକାର ସମୟରେ ବିଭିନ୍ନ ସଂସ୍ଥାରେ ଗାଦି ମାଡ଼ି ବସିଥିବା ଭିନ୍ନଭିନ୍ନ ପଦବୀଧାରୀ ଆଖିବୁଜା ଦୁର୍ନୀତିରେ ସଂପୃକ୍ତ ଥିବା ଓ ତଦନ୍ତ ପରେ କେତେକଙ୍କ ଦୁର୍ନୀତି ଅଭିଯୋଗ ସାବ୍ୟସ୍ତ ହେବା ସତ୍ତ୍ୱେ ସେମାନଙ୍କ ବିରୋଧରେ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଫଳରେ ନୂଆ ସରକାର ଆସିବା ପରେ ଯଦିଓ ଏହି ଦାଗୀମାନେ ମୁହଁ ଲୁଚାଇ ବୁଲୁଥିଲେ ଏବେ କାର୍ଯ୍ୟାନୁଷ୍ଠାନ ନହେବା ଦେଖି ପୁଣି ଛାତି ଫୁଲେଇ ପଦାକୁ ବାହାରିଲେଣି।

ଦଳର ସମବାୟ ପ୍ରକୋଷ୍ଠର ମୁଖ୍ୟ ଏକ ନାମୀ ଶୀର୍ଷ ସଂସ୍ଥାର ପ୍ରମୁଖ କର୍ମକର୍ତ୍ତା ଯିଏ ସହସ୍ରାଧିକ କୋଟିରୁ ଅଧିକ ଟଙ୍କାର ଦୁର୍ନୀତିରେ ସଂପୃକ୍ତ ଥିବା ଦର୍ଶାଇ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗଣମାଧ୍ୟମରେ ଖୋଲାଖୋଲି କହିଥିଲେ ହେଁ ଏଯାବତ୍ କାର୍ଯ୍ୟାନୁଷ୍ଠାନ ହୋଇପାରିଲା ନାହିଁ। ବରଂ ଏହି ଦାଗୀ ବ୍ୟକ୍ତି କ୍ଷମତାଧରଙ୍କ ଚାରିପଟେ ଚକ୍କର କାଟି ‘ମୋର କେହି କିଛି କରିପାରିବେନି’ ବୋଲି ଫୁଟାଣୀ ମାରି ଦଳର ନେତୃତ୍ୱ ଓ ସରକାରଙ୍କୁ ଖୋଲା ଚାଲେଞ୍ଜ ଦେଉଛନ୍ତି।

ଜାତୀୟ ସ୍ତରରେ ସମବାୟ ମନ୍ତ୍ରୀ ତଥା ବିଜେପିର ତୁଙ୍ଗ ନେତା ଅମିତ ଶାହ ସମବାୟ ଜରିଆରେ ସମୃଦ୍ଧିର ନାରା ଦେଇ କିପରି ସମବାୟ ଦ୍ୱାରା ବହୁମୁଖି ସେବା ଯୋଗାଇ ସମବାୟ ଆନ୍ଦୋଳନକୁ ସଶକ୍ତ କରାଯାଇପାରିବ ସେଥିନେଇ ରୋଡ୍‌ମ୍ୟାପ୍ କରିଥିବାବେଳେ ଓଡ଼ିଶାରେ କିନ୍ତୁ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି କୌଣସି ଠୋସ୍ ପଦକ୍ଷେପ ନିଆଯାଇପାରୁ ନାହିଁ।

ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାକୁ ସୁସଂଗଠିତ କରିବା ସହ ଦୁର୍ନୀତିଗ୍ରସ୍ତ ଦାଗୀ ନେତାଙ୍କୁ ନିୟନ୍ତ୍ରିତ ନକଲେ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ଯେ ଏହା ପ୍ରଭାବିତ କରିବ ଏକଥା ଦଳର ଚିନ୍ତାଶୀଳ ନେତାଏ ଆଲୋଚନା କରୁଛନ୍ତି।

ଏକ ଶୀର୍ଷ ସମବାୟ ସଂସ୍ଥାର ମୁଖ୍ୟ ଦାୟିତ୍ୱରେ ଥିବା ବିଜେଡିର ଜଣେ ଦାଗୀ ନେତାଙ୍କ ବିରୋଧରେ ଅର୍ଥ ଆତ୍ମସାତ୍, ପାଣ୍ଠି ହେରଫେର୍, ଲୋକଙ୍କ ଟଙ୍କାକୁ ମନଇଚ୍ଛା ଖର୍ଚ୍ଚ କରିବା ଆଦି ଅଭିଯୋଗ ଆସିବା ପରେ ନାବାର୍ଡ କର୍ତ୍ତୃପକ୍ଷ ହସ୍ତକ୍ଷେପ କରିଥିଲେ। ପରେ ତଦନ୍ତ ଆରମ୍ଭ ହୋଇଥିଲା ବିଜେଡି ଶାସନର ଶେଷ ସମୟରେ। ତାହା ପୁଣି ତତ୍କାଳୀନ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବଙ୍କ ତତ୍ପରତା କାରଣରୁ। ଉଚ୍ଚସ୍ତରୀୟ ତଦନ୍ତ ବେଳେ ବିଜେଡିର ଏହି ଦାଗୀ ନେତାଙ୍କ କଳା କାରନାମା ପଦାକୁ ଆସିଲା ଏବଂ ତାଙ୍କ ବିରୋଧରେ ଆସିଥିବା ସବୁତକ ଅଭିଯୋଗ ସାବ୍ୟସ୍ତ ହେଲା। ତଦନ୍ତ ରିପୋର୍ଟ ଦାଖଲ ହେଲା ବେଳକୁ ସରକାର ବଦଳି ଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଏହି ତଦନ୍ତ ରିପୋର୍ଟ ଦାଖଲ ହେଲା ପରେ ସେ ତାକୁ ଅନୁମୋଦନ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ସତ୍ତ୍ୱେ ଗତ ଦେଢ଼ବର୍ଷ ଧରି ଏହି ଦାଗୀ ନେତାଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ସେ କିଛିମାସ ଧରି ମୁହଁ ଲୁଚାଇ ବୁଲିବା ପରେ ଏବେ ପୁଣି ବାହାରକୁ ବାହାରିଲେଣି। ଖାଲି ସେତିକି ନୁହେଁ, ଏହି ଦାଗୀ ନେତା ଦିଲ୍ଲୀର ବିଭିନ୍ନ କ୍ଷମତା କେନ୍ଦ୍ରକୁ ଯାଇ ‘ମୋ ହାତରେ ଏତେ ସମବାୟବିତ୍ ଅଛନ୍ତି, ସଭାପତି ବି କଣ୍ଟ୍ରୋଲରେ ଅଛନ୍ତି, ଯଦି ମୋତେ ଓ ମୋ ସାଥୀମାନଙ୍କୁ ବିଜେପି ଖାଳେଇରେ ପୂରେଇଦେବେ ତେବେ ଆମେ ପୂରା ସମବାୟ ବ୍ୟବସ୍ଥାକୁ ବିଜେପି ହାତରେ ଟେକିଦେବୁ’ ଏହି କଥା କହି ରାଜ୍ୟ ନେତାମାନଙ୍କୁ ନାଲି ଆଖି ଦେଖାଉଥିବାର ପ୍ରଚାର ହେଉଛି। ଉଦ୍ଦେଶ୍ୟ ସ୍ପଷ୍ଟ ବୁଝାପଡୁଛି, ଯଦି ବିଜେପିର ୱାଶିଂ ମେସିନ୍‌ରେ ଏହି ଶୀର୍ଷ ସଂସ୍ଥାର ନେତାଙ୍କ ସହ ତାଙ୍କ ସହଯୋଗୀ (ଯେଉଁମାନଙ୍କ ମଧ୍ୟରୁ କେତେକ କର୍ମଚାରୀ ନିଯୁକ୍ତି ଦୁର୍ନୀତିରେ ସଂପୃକ୍ତ ଓ ଅନ୍ୟ କେତେକ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପୃଥକ ଦୁର୍ଘଟଣାରେ ଜଣେ ମୃତ, ୫ ଆହତ

**ମାଲକାନଗିରି, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାରେ ଆଜି ଗୋଟିଏ ଦିନରେ ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଥିବା ଜଣାପଡିଛି । ମାଲକାନଗିରି ସଦର ମହକୁମା ନିସଟସ୍ଥ ଏମଭି-୭ ନମ୍ବର ଠାରେ ଚେନ୍ନାୟୀରୁ ଛତିଶଗଡ଼ର ରାୟଗଡ଼କୁ ଯାଉଥିବା ଏକ ଟ୍ରଲର ଗାଡି ଗୋଟିଏ ମଟର ସାଇକେଲକୁ ରକ୍ଷା କରିବାକୁ ଯାଇ ରାସ୍ତା ଉପରେ ଓଲଟି ପଡିଥିଲା । ଏଥିରେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଂକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ ।

ସେହିପରି ସ୍ଥାନୀୟ ଏମଭି-୪୨ ଗ୍ରାମର ବିଶୁ ଦାସଙ୍କ ଘରେ ଏକ କାର ଭାରସାମ୍ୟ ହରାଇ ପଶିଯାଇଥିଲା । ତେବେ ଏହି ଦୁର୍ଘଟଣାରେ କାର ଡ୍ରାଇଭର ଆହତ ହୋଇଥିବା ବେଳେ ଘରର କୌଣସି ବ୍ୟକ୍ତିଙ୍କର କିଛି ଘଟିନଥିବା ଦେଖିବାକୁ ମିଳିଛି । ତେବେ ଏହି ଦୁର୍ଘଟଣାରେ ବହୁ ଲୋକଙ୍କର ମୃତାହତ ହୋଇଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଥିଲେ । ମାଲକାନଗିରି ଥାନା ଅନ୍ତର୍ଗତ ପାଣ୍ଡ୍ରିପାଣି ଠାରେ ଏକ କାର ମଟର ସାଇକେଲକୁ ଧକ୍କା ଦେବା ଫଳରେ ୫ ବର୍ଷର ଝିଅ ସିବାନୀ ପଡିଆମିଙ୍କର ମୃତ୍ୟୁ ହୋଇଥିବା ବେଳେ ବୁଦୁରା ପଡିଆମିଙ୍କର ଗୋଟିଏ ଗୋଡ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାପଡିଛି । ସେହିପରି ମାଲକାନଗିରି ଥାନ ଅଞ୍ଚଳର ହିଁ ଚାଲାଣଗୁଡା ଠାରେ ଏକ କାର ଗଛରେ ପିଟି ହେବା ଫଳରେ କାର ଚଳାଉଥିବା ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛିଛ ସମସ୍ତ ଦୁର୍ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ତଦନ୍ତ କରୁଥିବା କହିଛି ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର

**ଖଣ୍ଡପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁମିତା ରଥ, ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର,ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଝାଡେଶ୍ୱର ଦାସ, ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଅଭିଷାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି, ଅଭିଯୋଗ ଗୁଡିକ ଶୁଣିଥିଲେ । ଶିବିରରେ ସର୍ବମୋଟ ୭୭ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୬୧ଟି ବ୍ୟକ୍ତିଗତ, ୩ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୩ଟି ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ବିଭିନ୍ନ ଅଭିଯୋଗ ମଧ୍ୟରୁ ୨୦ ଗୋଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲାପାଳ ବ୍ଲକ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିର ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## କୁକୁଡା ଫାର୍ମରେ ନିଆଁ ଲଗାଇ ଜେଲ୍ ଗଲେ ୨ ଠକ

**ମୁରିବାହାଲ : ଏକ୍ସପ୍ରେସ୍ ନ୍ୟୁଜ୍**



ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ନିଜ ଅଭିଯୋଗକାରି ହିଁ ଅଭିଯୁକ୍ତ ନିଜ କୁକୁଡା ଫାର୍ମରେ ନିଜେ ନିଆଁ ଲଗାଇ ୨ଜଣ ଧୂର୍ତ୍ତ ଠକ ଜେଳ ଯାଇଥିବା ବେଳେ ସେମାନଙ୍କ ନିକଟରୁ ୨ଲକ୍ଷ ୬୩ହଜାର ଟଙ୍କା ଜବତ କରିଛନ୍ତି । କମ୍ପାନୀର ମୋଟା ଅଙ୍କର ଟଙ୍କା ହଡପ ଚକ୍ରାନ୍ତ କରାଯାଇ ଫେଲ ମାରିଛି । ଜେଲ ଯାଇଥିବା ଦୁଇଜଣ ଧୂର୍ତ୍ତ ଠକ ହେଲେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଣାବାହାଲ ପଞ୍ଚାୟତ ବାଗବାହାଲି ଗ୍ରାମର ଭୋଜରାଜ ମହାକୁର(୩୬) ବେଳପଡା ଥାନା ଖଲିଆପାଲି ଗ୍ରାମର ସୁବଳ ରଣା(୩୦) ଢେଙ୍କାନାଳ ଜିଲ୍ଲାର ରେଙ୍ଗୁଟିଆ ଗ୍ରାମର ଏକ କମ୍ପାନୀର ମ୍ୟାନେଜର ଲିଙ୍ଗରାଜ ମଲ୍ଲିକ(୨୮)ଙ୍କ ଏତଲା ଆଧାରରେ ଅଭିଯୁକ୍ତ ଭୋଜରାମ କଟକର ପ୍ରିମିୟମ ଚିକ ଫିଡସ ପ୍ରାଇଭେଟ୍ କମ୍ପାନୀରୁ କୁକୁଡା ୪୦ଦିନର ବଡ଼ ହେଲେ କମ୍ପାନୀକୁ ଯୋଗାଇବା ପାଇଁ ଚୁକ୍ତି କରିଥିଲେ । ଏଥିପାଇଁ କମ୍ପାନୀ କିଛି ଆର୍ଥିକ ରାଶି ପ୍ରଦାନ କରୁଥିଲା । କିନ୍ତୁ କୁକୁଡା ଗୁଡିକ ବଡ ହେଲା ପରେ ଭୋଜରାଜ ଚୁକ୍ତି ଖିଲାପ କରି ନିଜ ସହଯୋଗୀ ସୁବଳ ସହିତ ମିଶି ୨୨ଶହ କୁକୁଡାକୁ ବାହାରେ ବିକ୍ରି କରିଦେଇ କିଛି କୁକୁଡା ସହ କୁକୁଡା ଫାର୍ମରେ ନିଜେ ନିଜ ଫାର୍ମ ରେ ନିଆଁ ଲଗାଇ ପୋଡି ଦେବା ସହ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିବା ସ୍ତ୍ରୀକୁ ପଠାଇ ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ କମ୍ପାନୀ ଭୋଜରାଜଙ୍କ କଥା ଓ କାମ ଉପରେ ସନ୍ଦେହ ସୃଷ୍ଟି କରିବା ସହ ଥାନା ରେ ଏତଲା ଦେଇଥିଲା । ପୁଲିସ କେ/ନ୧୬/୨୬,/ଟ-୧୬(୨)/୩୧୮(୪)/୨୯୬/୩୫୧(୨)/୩୨୬(ଜ)/୩(୫) ବିଏନ୍ଏସ, ମାମଲା ରୁଜୁ କରି ଏସଆଇ ଜନାର୍ଦ୍ଦନ ଓରାମ ଘଟଣା ତଦନ୍ତ ଜାରି ରଖିଥିଲେ । ତଦନ୍ତରେ କମ୍ପାନୀର ମୋଟା ଅଙ୍କର ଟଙ୍କା ହଡପ ପାଇଁ ଉଭୟ ଅଭିଯୁକ୍ତ ଏକ ନିଆଁରେ ନିଜ ଫାର୍ମ ପୋଡ଼ି ଭଳି କାଣ୍ଡ ରଚିଥିବା ସ୍ୱୀକାର କରିଥିଲେ । ପୁଲିସ ଉଭୟଙ୍କ ପାଖରୁ ପାଖରୁ ନଗଦ ୨ଲକ୍ଷ ୬୩ହଜାର ଟଙ୍କା ଜବତ କରି ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଗଲା ବୋଲି ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି ।

## ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୮ ଘଣ୍ଟିଆ ବନ୍ଦ

**ଗୋପ, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**




ନୂତନ ସରକାରଙ୍କ ଚାଷୀମାରାଣନୀତି ବିରୁଦ୍ଧରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ଡାକରାକୁ ନୌଟଙ୍କିବାଜ୍ ଓ ନକଲି ଚାଷୀର ବୟାନ ପାଇଁ ଚାଷୀମାନେ ଗର୍ଜିଛନ୍ତି । ଓଡ଼ିଶାର ଅନ୍ନଦାତାଙ୍କୁ ଅପମାନ । ଯେଉଁ ଚାଷୀ ଶୀତ, କାକର ସହି ମୁଣ୍ଡ ଝାଳ ତୁଣ୍ଡରେ ମାରି ସାରା ରାଜ୍ୟକୁ ଅନ୍ନ ଯୋଗାଉଛି, ଆଜି ସେମାନଙ୍କୁ ଶାସକ ଦଳର ନେତାମାନେ 'ନକଲି' ଏବଂ 'ନୌଟଙ୍କିବାଜ୍' କହି କଟା ଘା'ରେ ଚୂନ ଦେଉଛନ୍ତି । ମଣ୍ଡିରେ ଧାନ ପଡ଼ି ରହିଛି, ବୋନସ ଟଙ୍କା ପାଇଁ ଚାଷୀ ଚାତକ ଭଳି ଚାହିଁ ରହିଛି । ହେଲେ ସମସ୍ୟାର ସମାଧାନ କରିବା ବଦଳରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଓ ମୁଖପାତ୍ର ଯଦି ଚାଷୀଙ୍କ ଆନ୍ଦୋଳନକୁ ପରିହାସ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ କୃଷକଙ୍କୁ 'ନୌଟଙ୍କି' କହିଥିବା ବେଳେ ଏବେ ଦଳୀୟ ମୁଖପାତ୍ର 'ନକଲି ଚାଷୀ' ଆଖ୍ୟା ଦେଇଛନ୍ତି ।

ଏଣୁ ଆଜି ଚାଷୀଙ୍କ ପ୍ରଶ୍ନ: ଭୋଟ୍ ବେଳେ ଚାଷୀ ଅସଲି, ଆଉ ହକ୍ ମାଗିଲେ ନକଲି କେମିତି ?

ଜାନୁଆରୀ ସରିବାକୁ ବସିଲାଣି, କାହିଁକି ମଣ୍ଡିରୁ ଧାନ ଉଠୁନି? ୩୧୦୦ ଟଙ୍କା ପ୍ରତିଶ୍ରୁତି କୁଆଡ଼େ ଗଲା ? ନବନିର୍ମାଣ କୃଷକ ସଂଗଠନ ଏବଂ ଚାଷୀ କୁଳର ସ୍ୱାଭିମାନ ରକ୍ଷା ପାଇଁ ୨୮ ତାରିଖ (ବୁଧବାର) ଦିନ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି । ଏହାର ପ୍ରଭାବ ପୁରୀ ଜିଲ୍ଲାର ଗୋପ ବ୍ଲକ ରେ ମଧ ଦେଖିବାକୁ ମିଳିଥିଲା । ଗୋପ ବଜାରର ଚାରିଛକ ଠାରେ ଉଭୟ ପାର୍ଶ୍ୱରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ଉକ୍ତ ବନ୍ଦକୁ ସ୍ୱତସ୍ଫୁତ ଭାବେ ସମ୍ପର୍ଥନ କରିଥିଲେ ଗୋପ ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ସାଧାରଣ ଜନତା ଏବଂ କୃଷକ ସଂଗଠନ । ଏହାଦ୍ୱାରା ଗୋପ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ବନ୍ଦ ରହିଥିଲା । ଏହା କେବଳ ଏକ ରାଜନୈତିକ ବନ୍ଦ ନୁହେଁ, ଏହା ହେଉଛି ଅନ୍ନଦାତାଙ୍କୁ ମିଳିଥିବା ଅପମାନର ଜବାବ ବୋଲି ଗୋପ ବ୍ଲକ ର କୃଷକ ନେତା ତପନ ପରିଡା ଓ ଆର୍ତ୍ତତ୍ରାଣ ପରିଡା କହିଛନ୍ତି । ଏହାର ନେତୃତ୍ୱ ନେଇଥିଲେ ଅକ୍ଷୟ କୁମାର ବରାଳ, ଦିପ୍ତୀରଞ୍ଜନ ସେଠୀ, ଗିରିଧାରୀ ବରାଳ, ସନ୍ତୋଷ ସେଠୀ, ଏମଡ଼ ଅଜୁ ପ୍ରଭୃତି ବ୍ୟକ୍ତି ବିଶେଷମାନେ ଉପସ୍ଥିତ ରହିଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ତିନିବଖରା

**ରାଜନଗର : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ମଧୁପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଘର ପୋଡି ଯାଇଛି । ଏହି ଗ୍ରାମର ଗୋଲେଖ ଦାସ ଓ ମହାଦେବ ଦାସଙ୍କ ଘରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଘର ଜଳି ଯାଇଥିଲା । ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବାରୁ ଆସବାବପତ୍ର ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ଗାଁ ଲୋକେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରୁଥିବା ବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା । ଗୋଲେଖଙ୍କ ସ୍ତ୍ରୀ କୁମୁଦ ଦାସ ଅଗ୍ନିକାଣ୍ଡରେ ଆହତ ହୋଇଛନ୍ତି ।

## ହାତୀଓଟ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

**ପୋଲସରା : ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହାତୀଓଟ ପଞ୍ଚାୟତର ଜନସାଧାରଣ ଅଭିଯୋଗ ପଞ୍ଜିକରଣ କରିଥିଲେ । ଏଥିରେ ମୋଟ ୫୨ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ସେଥିମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ୫ଟି ଘରପଟ୍ଟା ଦିଆଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକର ସମାଧାନ କରିବା ପାଇଁ ପ୍ରୟାସ କରାଯିବ ବୋଲି ପ୍ରକାଶ ପାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ,ସମିତି ସଭ୍ୟ କାହ୍ନୁ ସାହୁ, ଏବିଡିଓ ସୋନମ୍ ବେହେରା, ଆଇନଜୀବୀ ସୁଶାନ୍ତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀହର୍ଷ ବାବୁ ଖାଡେଙ୍ଗା, ସିଡିପିଓ ତିଳୋତ୍ତମା ରାଉତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୂପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ସୁଧାଂଶୁ ପଟ୍ଟନାୟକ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଜନଶୁଣାଣିରେ ଯୋଗଦେଇଥିଲେ ।

## ନବପ୍ରଭା ସାହିତ୍ୟ ସଂସଦ ଓ ପାଠାଗାର ଉନ୍ମୋଚନ

**ହିନ୍ଦୋଳ : ଏକ୍ସପ୍ରେସ୍ ନ୍ୟୁଜ୍**




ସଦ୍ୟ ସମାପ୍ତ ସାଧାରଣତନ୍ତ୍ର ଦିବସ ଜାତୀୟ ଉତ୍ସବ ପାଳନ ଦିନ କବି ସାଦତ ଖାଁଙ୍କ ଦ୍ୱାରା ପ୍ରତିଷ୍ଠିତ ନବପ୍ରଭା ସାହିତ୍ୟ ସଂସଦ ଓ ପାଠାଗାର ହିନ୍ଦୋଳର ରାଜା ସାହେବ୍ ଶୈଳେନ୍ଦ୍ର ନାରାୟଣ ସିଂହଦେଓଙ୍କ ଦ୍ୱାରା ଏନ୍ଏସି ଅନ୍ତର୍ଗତ ୩ ନଂ ୱାର୍ଡ ଅମଲାପଡ଼ା ମୁସଲିମ ବସ୍ତିଠାରେ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ମୁଖ୍ୟ ବକ୍ତା ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ରର ସହମତିରେ ହେମନ୍ତ କୁମାର ପାଣଗ୍ରାହୀ, ସମ୍ମାନିତ ଅତିଥି ଦିଲ୍ଲୀପ କୁମାର ସେଠୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସତ୍ୟ କୁମାର ନନ୍ଦ, ଏନ୍ଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଆଇନଜୀବୀ ଅରୁଣ କୁମାର ଦାସ, ସାହିତ୍ୟ ପତ୍ରିକା ପ୍ରୀତିର ପ୍ରୟାସର ସମ୍ପାଦକ ଶ୍ରୀକୃଷ୍ଣ ଦାସ, ଅଭୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ମୁଖ୍ୟବକ୍ତା ଶ୍ରୀ ପାଣିଗ୍ରାହୀ ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ଖାଁଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏହି ପାଠାଗାର ଆଗାମୀ ପିଢ଼ିକୁ ପରିଚୟ ଦେଉଥିବ ବୋଲି କହିଥିଲେ । ଏହି ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମରେ କବୟିତ୍ରୀ ଯାମିନି ହୋତା, ପ୍ରାକ୍ତନ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଓ ଲେଖକ ଅକ୍ଷୟ କୁମାର ମହାପାତ୍ର, ସାହିତ୍ୟିକ ତଥା ଲେଖକ ପ୍ରଶାନ୍ତ ସାମନ୍ତ, ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ କ୍ଷିତୀସ କୁମାର ସର ପ୍ରମୁଖଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଉନ୍ମୋପର୍ବ ସାରି ଅତିଥିମାନେ ପାଠାଗାର ବୁଲି ଦେଖିବା ସହ କେତେକ ପୁସ୍ତକ ପଠନ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାତା କବି ଶ୍ରୀ ଖାଁ ଶ୍ରୀଜଗନ୍ନାଥଙ୍କ ଉପରେ ରଚିତ ନିଜର ଏକ କବିତା ଆବୃତ୍ତି କରିଥିଲେ ଯାହା କାର୍ଯ୍ୟକ୍ରମ ସ୍ଥଳୀରେ ଏକ ଭାବାବେଗ ସୃଷ୍ଟି କରିଥିଲା । ଏଥିରେ ବହୁ ମାନଗନ୍ୟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଇନଜୀବୀ କ୍ଷିତିସ କୁମାର ସର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

**ରାୟଗଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**



ରାୟଗଡା ଜିଲାରେ ଦିନକୁ ଦିନ ଦାଦନଙ୍କ ଦୁଃଖ ବଢୁଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ଦାଦନ ଖଟିବାକୁ ଯାଇ କିଛି ମୃତ୍ୟୁବରଣ କରିଥିବା ବେଳେ କିଛି ଲୋକ ନିଖୋଜ ହୋଇଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ରାୟଗଡା ବ୍ଲକ ପଦକାପାଡୁ ଗ୍ରାମର ଫକିର ମିଣିଆକା(୩୬) ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଥିବା ତାଙ୍କ ସ୍ତ୍ରୀ ଶାନ୍ତି ମିଣିଆକା ସୂଚନା ଦେବା ସହ ତାଙ୍କୁ ଖୋଜି ଆଣିବା ପାଇଁ ନିବେଦନ କରିଛନ୍ତି । ଏ ନେଇ ସେ ମଙ୍ଗଳବାର ରାୟଗଡା ଏସ୍ପିଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି ।

ସୂଚନା ଅନୁଯାୟୀ, ରାୟଗଡା ବ୍ଲକ କୁମ୍ଭିକୋଟା ପଞ୍ଚାୟତ ଟିଟିଖୋଲା ଗ୍ରାମର ମଇଁଷି କାଣି ନାମକ ଜଣେ ମଧ୍ୟସ୍ଥି ବାଙ୍ଗାଲୋରଠାରେ କାର୍ଯ୍ୟ କରିବ ବୋଲି କହି ଡିସେମ୍ବର ୩ ତାରିଖରେ ଫକିରଙ୍କୁ ନେଇ ରାୟଗଡା ଷ୍ଟେସନରେ ଦଲାଲଙ୍କ ହାତରେ ଟେକି ଦେଇଥିଲେ । ତାଙ୍କୁ ଖାଇବା ପିଇବା ସହ ମାସକୁ ୧୨ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା । କିନ୍ତୁ ଗତ ଡିସେମ୍ବର ୨୧ ତାରିଖରେ ଉକ୍ତ ଦଲାଲ ଫୋନ ଯୋଗେ ପରିବାରକୁ ଫକିର କାମରେ ଯୋଗ ଦେଇନାହିଁ ବୋଲି ଜଣାଇଥିଲା । ଫକିରକୁ କାମକୁ ନେଇଥିବା ଲୋକର ଫୋନ ନମ୍ବର ୭୯୭୮୨୪୮୫୨୫ ବୋଲି ସ୍ତ୍ରୀ ଶାନ୍ତି ଲିଖିତ ଭାବରେ ଜଣାଇଛନ୍ତି । ଫକିରକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କେଣସି ପତ୍ତା ମିଳି ପାରୁନାହିଁ ବୋଲି ସେ କହିଛନ୍ତି । ଅନ୍ୟପଟେ ଫକିରକୁ କାମଦେବି ବୋଲି କହି ନେଇଥିବା ବ୍ୟକ୍ତି ଦେଉଥିବା ତଥ୍ୟରେ କୌଣସି ତାଳମେଳ ରହୁ ନ ଥିବା ଏବଂ ମିଥ୍ୟା ତଥ୍ୟ ଦେଉଥିବାରୁ ଫକିର ମୃତ କି ଜୀବିତ ସେ ନେଇ ସନ୍ଦେହ ଉପୁଜୁଥିବା ସ୍ତ୍ରୀ ଶାନ୍ତି ଲିଖିତ ଭାବେ ଅଭିଯୋଗ କରିଛନ୍ତି । ସେମାନଙ୍କ ଦୁଇଟି ଛୋଟ ପିଲା ଏବଂ ଫକିର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ସ୍ୱାମୀଙ୍କୁ ଫେରାଇଆଣିବା ପାଇଁ ପ୍ରଶାସନ ଏବଂ ପୋଲିସକୁ ନିବେଦନ କରିଛନ୍ତି । ଏ ନେଇ ପରିବାର ରାୟଗଡା ଥାନାରେ ଗତ ଡିସେମ୍ବର ୨୭ ତାରିଖରେ ନିଖୋଜ ହେବା ନେଇ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ପରିବାର ପ୍ରକାଶ କରିଛନ୍ତି । ମଙ୍ଗଳବାର ସୂଚନା ପାଇ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ ଫକିରଙ୍କୁ କାର୍ଯ୍ୟକୁ ନେଇଥିବା ଗଞ୍ଜାମ ଅଞ୍ଚଳର ସଞ୍ଜୟ ସ୍ୱାଇଁଙ୍କୁ ଯୋଗାଯୋଗ କରି ବାଙ୍ଗାଲୋରରେ ଏଫ୍.ଆଇ୍.ଆର୍ ଦେବା ପାଇଁ କହିବା ସହ ଫକିରଙ୍କ ସମ୍ପର୍କରେ ତଥ୍ୟ ଦେବା ପାଇଁ ତାଗିଦ କରିଥିଲେ । ଜିଲା ଶ୍ରମ ଅଧିକାରୀ ତ୍ରିପାଠୀ ନିଖୋଜ ଫକିରଙ୍କୁ ଖୋଜିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ।




ଦେବୋତ୍ତର ଆୟୋଗର ନବନିଯୁକ୍ତ ଅଧିକାରୀଙ୍କ ଲାଗି ଆୟୋଜିତ କର୍ମଶାଳା ଉଦଘାଟନ ଅବସରରେ ଆୟୋଜିତ ସଭାରେ ମଞ୍ଚାସିନ ଅତିଥିବୃନ୍ଦ ।

## ଜିନ୍ଦଲ ପ୍ରୋତ୍ସାହନରେ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**କଳିଙ୍ଗନଗର : ଏକ୍ସପ୍ରେସ୍ ନ୍ୟୁଜ୍**

ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ତ୍ରିଜଙ୍ଗା ବିସ୍ଥାପନ କଲୋନି ଅଞ୍ଚଳର ଇଡକୋ ଗ୍ରାଉଣ୍ଡରେ ଏକ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରିଥିଲା । ଯେଉଁଥିରେ ସୁକିନ୍ଦା ଏବଂ ଦାନଗଦୀ ବ୍ଲକର ପାଞ୍ଚଟି ଗାଁର ପିଲାମାନେ ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ । ଫାଉଣ୍ଡେସନ୍ ର କ୍ରୀଡା ବିକାଶ ପଦକ୍ଷେପ ଅଧୀନରେ ନିୟମିତ ଫୁଟବଲ୍ ତାଲିମ ନେଉଥିବା ପିଲାମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଗତ ଦୁଇ ବର୍ଷ ଧରି ୯ ରୁ ୧୩ ବର୍ଷ ବୟସର ପିଲାମାନଙ୍କୁ ସଂରଚିତ ଫୁଟବଲ୍ ପ୍ରଶିକ୍ଷଣ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଛି । ଏହି ପଦକ୍ଷେପର ଲକ୍ଷ୍ୟ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡାପ୍ରେମକୁ ପ୍ରୋତ୍ସାହିତ କରିବା । ଟୁର୍ଣ୍ଣାମେଣ୍ଟରେ ତିନୋଟି ଲିଗ୍ ମ୍ୟାଚ୍, ଦୁଇଟି ସେମିଫାଇନାଲ ମ୍ୟାଚ୍ ଏବଂ ଏକ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଫାଇନାଲରେ କଲାରିଂ ଦଳ ଚାମ୍ପିଅନ୍ ଭାବରେ ବିଜୟୀ ହୋଇଥିଲା, ଯେତେବେଳେ ବେଣାପାଟିଆ ଦଳ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସଚିବ ସମ୍ବିତ କୁମାର ମହାନ୍ତି ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ କାଗେଜୀ ପାତ୍ର ସୁକିନ୍ଦା ବିଧାନସଭାର ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିମାନେ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ଯୁବ ଖେଳାଳିମାନଙ୍କ ସହିତ ଆଲୋଚନା କରିଥିଲେ, ଯାଜପୁର ଜିଲ୍ଲାରେ ଏକ ଦୃଢ଼ ଏବଂ ସ୍ଥାୟୀ ଫୁଟବଲ୍ ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ଉପରେ ମତାମତ ବାଣ୍ଟିଥିଲେ । ତାଙ୍କ ଅଭିଭାଷଣ ସମୟରେ, ସମ୍ବିତ କୁମାର ମହାନ୍ତି ୨୭ ତାରିଖରେ ବ୍ୟାସନଗର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସିଏମ ଟ୍ରଫି ଫୁଟବଲ୍ ଟୁର୍ନାମେଣ୍ଟ ପାଇଁ ଚୟନ ଶିବିରରେ ଅଂଶଗ୍ରହଣ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମାଞ୍ଚଳରେ ପିଲାମାନଙ୍କ ମଧ୍ୟରେ କ୍ରୀଡାପ୍ରେମ, ଶୃଙ୍ଖଳା, ଏକତା ଏବଂ ଭାଇଚାରା ବୃଦ୍ଧି କରିବାରେ ଏପରି କ୍ରୀଡା ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ଆୟୋଜକମାନେ ସିଏସଆର ଦଳ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ କୃତଜ୍ଞତା ଜଣାଇଥିଲେ ।

### ବାଣିଜ୍ୟ

## ଏଫ୍‌ଟିଏରେ ଇୟୁ ପ୍ରତି କୋହଳ ନୀତି

**ନୂଆଦିଲ୍ଲୀ : ଏକ୍ସପ୍ରେସ୍ ନ୍ୟୁଜ୍**



ଭାରତ ଓ ୨୭ ଦେଶଙ୍କ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ହୋଇଥିବା ଫ୍ରି ଟ୍ରେଡ ଏଗ୍ରିମେଣ୍ଟ (ଏଫ୍ଟିଏକୁ ନେଇ କଂଗ୍ରେସ ମୋଦୀ ସରକାରଙ୍କୁ ଟାର୍ଗେଟ କରିଛି । କଂଗ୍ରେସ ଏହି ରାଜିନାମା ଉପରେ ପ୍ରଶ୍ନ ଉଠାଇଛି । କହିଛି ଯେ ଟାରିଫ୍‌ରେ କରାଯାଇଥିବା ହ୍ରାସ ଯୋଗୁଁ ଭାରତର ଟ୍ରେଡ ଡେଫିସିଟ୍ ଉପରେ ପଡ଼ିବାକୁ ଥିବା ପ୍ରଭାବ ଉପରେ କଡ଼ା ନଜର ରଖିବାକୁ ପଡ଼ିବ ।

ପାର୍ଟି ସାଧାରଣ ସମ୍ପାଦକ ଜୟରାମ ରମେଶ ବୁଧବାର କହିଛନ୍ତି ଯେ କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜିମ୍ (ସିବିଏଏମ୍)ରେ ଭାରତର ଆଲୁମିନିୟମ ଓ ଷ୍ଟିଲ୍ ନିର୍ମାତାଙ୍କୁ ରିହାତି ଦେବାରେ ମୋଦୀ ସରକାର ବିଫଳ ହୋଇଛନ୍ତି, ଯାହା କଂଗ୍ରେସ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ । ଏ ନେଇ ଜୟରାମ ରମେଶ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି ଓ କହିଛନ୍ତି ଯେ ବହୁ ପ୍ରଚାରିତ ଏଫ୍ଟିଏରେ ଭାରତର ସରକାର ଇୟୁ ପ୍ରତି ଅବଲମ୍ବନ କରୁଥିବା କୋହଳ ନୀତି ସବୁଠୁ ବଡ଼ ବ୍ୟାପାରିକ ଢିଲା । ଏହାଦ୍ୱାରା ଇୟୁରୁ ଭାରତର ଆମଦାନୀ ଦୁଇଗୁଣ ହେବ ବୋଲି ଅନୁମାନ କରାଯାଉଛି । ଏହାର ପରିଣାମ ସ୍ୱରୂପ ଭାରତର ଟ୍ରେଡ ଡେଫିସିଟ ଉପରେ ପଡ଼ିବାକୁ ଥିବା ପ୍ରଭାବ ଉପରେ ନଜର ରଖିବାକୁ ପଡ଼ିବ ।

ଭାରତରୁ ଇୟୁକୁ ଆଲୁମିନିୟମ ଓ ଷ୍ଟିଲ୍ ରପ୍ତାନୀ ୭ ବିଲିୟନ ଡଲାରରୁ ହ୍ରାସ ହୋଇ ଏବେ ୫ ବିଲିୟନ ଡଲାରକୁ ପହଞ୍ଚିଛି । ଏଥିରେ ସିବିଏଏମ୍ କାରଣରୁ ଚଳିତ ବର୍ଷ ଏହା ଆହୁରି ହ୍ରାସ ହେବ ବୋଲି ରମେଶ କରିଛନ୍ତି । ସେ କହିଛନ୍ତି ଯେ ସମୟ ସହିତ ସିବିଏଏମ୍‌ର ପରିସର ଭାରତର ଅନ୍ୟ ଔଦ୍ୟୋଗିକ ରପ୍ତାନୀ ଉପରେ ମଧ ପଡ଼ିବ, ଏଥିରେ ଏଫ୍ଟିଏରୁ ଭାରତକୁ ମିଳିବାକୁ ଥିବା ଲାଭକୁ ସମାପ୍ତ କରାଯାଇପାରେ । ରମେଶ ଏହା ମଧ କହିଛନ୍ତି ଯେ ଇୟୁର କଡ଼ା ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ମଧ ଚିନ୍ତା ରହିଛି, ଯାହା ଏଫ୍ଟିଏ ପରେ ବି ଭାରତୀୟ ରପ୍ତାନୀ ଉପରେ ଲାଗୁ ରହିବ ।

ଇୟୁ ସହିତ ଏଫ୍ଟିଏରେ ଅଟୋମୋବାଇଲ୍ ସେକ୍ଟରକୁ ଖୋଲିବାକୁ ନିଷ୍ପତ୍ତିକୁ ନେଇ କଂଗ୍ରେସ ମୋଦୀ ସରକାରଙ୍କୁ ସତର୍କ କରିଛି । ଜୟରାମ ରମେଶ କହିଛନ୍ତି ଯେ ଇଲେକ୍ଟ୍ରିକ ବାହାନ (ଇଭି) ଏକବିଂଶ ଶତାବ୍ଦୀରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି ମଧ୍ୟରେ ଅନ୍ୟତମ । ଏଥିରେ ଏଫ୍ଟିଏ ଯୋଗୁ ଭାରତର ଇଭି ଉଦ୍ୟୋଗ ଯେପରି ପଛେଇ ନଯାଏ ଏଥିପାଇଁ ସବୁଠୁ ଅଧିକ ସାବଧାନତା ଅବଲମ୍ବନ କରିବାକୁ କହିଛନ୍ତି ।

ଭାରତ ଓ ୟୁରୋପୀୟ ୟୁନିୟନ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଫ୍ରି' ଟ୍ରେଡ୍ ଏଗ୍ରିମେଣ୍ଟରେ ସ୍ୱାକ୍ଷର କରିଛନ୍ତି । ଏହାକୁ ସବୁଠୁ ବଡ଼ ବୁଝାମଣା ବୋଲି କୁହାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ୟୁରୋପୀୟ ସଂଘର ଶୀର୍ଷ ନେତୃତ୍ୱ ବାଣିଜ୍ୟ ଓ ପ୍ରତିରକ୍ଷା ବୁଝାମଣାରେ ପାରସ୍ପରିକ ସମ୍ପର୍କକୁ ମଜଭୁତ କରିବାତଥା ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥା ଦିଗରେ କାମ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଉପସ୍ଥାପନ କରିଛନ୍ତି ।

## ଭୂମିଙ୍କ ନୂଆ ସିରିଜ୍ 'ଦଲ୍‌ଦଲ୍'

### ସିନେମାଫିନେମା ଟିଭିଫିବି



**ଫେ**ବ୍ରୁଆରୀ ୧ରୁ ଆମାଜନ୍ ପ୍ରାଇମ୍‌ରେ ପ୍ରସାରିତ ହେବ ଭୂମି ପେଡ୍‌ନେକରଙ୍କ ନୂଆ ସିରିଜ୍ 'ଦଲ୍‌ଦଲ୍' । ଭୂମି ଏଥିରେ ଏସିପି ରିତା ଫରେରା ଭୂମିକାରେ ଅଭିନୟ କରିଛନ୍ତି । ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ଭୂମି ସିରିଜ୍ ବିଷୟରେ ଆଲୋଚନା କରିଛନ୍ତ । 'ଦଲ୍‌ଦଲ୍' ପାଇଁ ସେ ୩-୪ ମାସ ପ୍ରସ୍ତୁତ ହୋଇଥିଲେ । ପ୍ରଥମ ଦେଢ଼ ମାସ କେବଳ ନିଜ ଚରିତ୍ରକୁ ବୁଝିଲେ । ମହିଳା ପୁଲିସ ଅଧିକାରୀମାନଙ୍କ ସହ ସାକ୍ଷାତ କଲେ । ଏଥିରେ ହରିୟାଣା ପୁଲିସରୁ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଭାବେ ଅବସର ନେଇଥିବା ତାଙ୍କ ମାଉସୀ ବି ଥିଲେ । ଅପରାଧିକ ମନୋବିଜ୍ଞାନ ବିଶେଷଜ୍ଞଙ୍କ ସହ ମଧ କଥା ହେଲେ । ଜଣେ ମହିଳା ସାମାଜିକ ପ୍ରଣାଳୀ, ରାଜନୀତି ଓ ଚାପ ମଧ୍ୟରେ ନିଜକୁ କେମିତି ସମ୍ଭାଳେ, ଭୂମି ତାହା ବୁଝିବାକୁ ଚେଷ୍ଟା କଲେ ।

ତାଙ୍କର ରିତା ଚରିତ୍ର ଭିତରେ ବହୁତ କିଛି ଚାପି ହୋଇ ରହିଛି, ଯାହା ପରଦାରେ ତାଙ୍କୁ ଭୟଙ୍କର କରିଛି । ସୁଟିଂ ସମୟରେ ଭୂମିଙ୍କର ଆତ୍ମବିଶ୍ୱାସ ନ ଥିଲା । କମ୍ ଡାଏଲଗ୍ ଥିବା ପ୍ରୋଜେକ୍ଟରେ କାମ କରିବା ତାଙ୍କ ପାଇଁ ବହୁତ ମୁସ୍କିଲ ଥିଲା । କାହାଣୀ ଓ ଚରିତ୍ରର ଭାବ ଦର୍ଶକଙ୍କ ପାଖରେ ପହଞ୍ଚିବ କି ନାହିଁ, ତାକୁ ନେଇ ସେ ଖୁବ୍ ଭୟଭୀତ ଥିଲେ । ଭୂମି କହିଛନ୍ତି, ଭଲ କାହାଣୀ, ନିରୁତା ଅଭିନୟ ଓ ପରିଶ୍ରମକୁ ପସନ୍ଦ କରୁଥିବା ଦର୍ଶକ 'ଦଲ୍‌ଦଲ୍'କୁ ପସନ୍ଦ କରିବେ । ଏଥିରେ ପ୍ରତି ବିଭାଗର ପରିଶ୍ରମ ପରଦାରେ ଦେଖାଯିବ । ଅର୍ଥପୂର୍ଣ୍ଣ କାହାଣୀ ଦେଖିବାକୁ ଚାହୁଁଥିବା ଦର୍ଶକଙ୍କ ପାଇଁ 'ଦଲ୍‌ଦଲ୍' ।

# ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ପରିଚାଳନା ଏବେବି ବିପର୍ଯ୍ୟସ୍ତ

**୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ସହରର ୭ ବର୍ଷ ହେବ ବିଭିନ୍ନ ବସ୍ତି ଓ ସାହି ବାସିନ୍ଦାଙ୍କ ଶୌଚ ସୁବିଧା ପାଇଁ ୩୦ ଲକ୍ଷ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟର ପରିଚାଳନାରେ ସୁଧାର ଆସି ପାରିନି । ଗୋଟିଏର ନିର୍ମାଣ ଆରମ୍ଭ ହୋଇନି । ୬ଟିରୁ ୨ଟି ଚାଲିଥିବା ବେଳେ ୪ଟି ଚାଲୁନ । ସହରରେ ଥିବା ୨ଟି ଏସଏଚଜି ୨ଟି ଗୋଷ୍ଠୀ ଶୌଚାଳୟ କେଉଁଠାରେ ପାଣି ଆସୁନି ତ ଆଉ କେଉଁଟି ଖୋଲାମେଳା ଅବସ୍ଥାରେ ସେଭଳି ପଡ଼ି ରହିଛି । ଏଥିରୁ ୨ଟିକୁ ମହିଳା ସ୍ୱୟଂ ସହାୟକ ଦଳକୁ ପରିଚାଳାନା ଦାୟିତ୍ୱ ଦିଆଯାଇଛି ।



ପରିଚାଳନା ପାଇଁ ପ୍ରତ୍ୟେକକୁ ୮ହଜାର ଲେଖାଏଁ ପୌରପାଳିକା ପକ୍ଷରୁ ପ୍ରଦାନ କରାଯାଉଛି । ଏହା ବାଦ୍ ମଧ ଏଗୁଡିକର ପରିଚାଳନା ଠିକରେ ହେଉନଥିବା ଦେଖିବାକୁ ମିଳିଛି । ତହସିଲ କାର୍ଯ୍ୟାଳୟ ଓ ଜିଲ୍ଲା ଟ୍ରେଜରି ପରିସରରେ ଥିବା ୭ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ୨୦୧୮ ମସିହା ଅକ୍ଟୋବର ୧୬ତାରିଖ ଉଦ୍‌ଘାଟନ ଦିନରୁ କାର୍ଯ୍ୟକାରୀ ହୋଇନି । ସେହିପରି ଗାରନାରୀସାହି କୃଷକ ବଜାର ନିକଟରେ ବି ନିର୍ମାଣ ହୋଇ ସେଭଳି ପଡ଼ିଛି । ବାରମ୍ବାର କବାଟ, ଝରକା ଓ ଅନ୍ୟ ସାମଗ୍ରୀ ଚୋରି ହେବାରେ ଲାଗିଛି । ପୌରପାଳିକା ନିକଟର ଗୋଷ୍ଠୀ ଶୌଚାଳୟ ଦବିବା ଅବସ୍ଥାକୁ ପଳାଇ ଆସିଛି । ତାହାକୁ କେହି ପରିଚାଳନା କରୁନାହାନ୍ତି ।

ତେବେ ଏହାକୁ ପୌରପାଳିକାର ସୁଇପର ଓ ସେମାନଙ୍କ ପରିବାରବର୍ଗ ବ୍ୟବହାର କରୁଛନ୍ତି । ୧୫ନଂ ୱାର୍ଡ ଆସାମ କୋଲାନୀର କିଛି ଦିନ ବ୍ୟବହୃତ ହେବା ପରେ ବନ୍ଦ ହୋଇପଡିଛି । କେବଳ ଦଶହରାପଦାରେ ଦୁଇଟି କାର୍ଯ୍ୟକାରୀ ହେଉଛି । ଦୂରଦୃଷ୍ଟି ଅଭାବରୁ ଏହି ଗୋଷ୍ଠୀ ଶୌଚାଳୟ ଯେଉଁ ସ୍ଥାନରେ ନିର୍ମାଣ କରାଯାଇଛି ସାମାନ୍ୟ ବର୍ଷା ହେବା ମାତ୍ରକେ ନାଳ ପାଣି ସବୁ ଏହାରି ମଧ୍ୟରେ ପ୍ରବେଶ କରୁଥିବା ବି ଅଞ୍ଚଳବାସୀ କହିଛନ୍ତି । ପରିଚାଳନା ଭାର ମହିଳା ସ୍ୱୟଂ ସହାୟକ ଦଳ ଗୁଡିକ ନେଇ ପୌରପାଳିକା ଠାରୁ ସହାୟତା ରାଶି ନେଇ ରକ୍ଷଣାବେକ୍ଷଣ କରୁ ନାହାନ୍ତି ବୋଲି ପାରିଷଦ ବୈଠକରେ ବି ଆଲୋଚନା ହେଉଛି । ଗୋଷ୍ଠୀ ଶୌଚାଳୟ ନାଁରେ ୩୦ଲକ୍ଷର ଟଙ୍କାର ବ୍ୟାପକ ହରିଲୁଟ୍ ହୋଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯିବାର ବି ଆବଶ୍ୟକତା ରହିଛି ବୋଲି ଆଇନଜୀବୀ ସନ୍ତୋଷ ମିଶ୍ର ଦାବି କରିଛନ୍ତି । ସମସ୍ତ ଗୋଷ୍ଠୀ ଶୌଚାଳୟର ବର୍ତ୍ତମାନର ସ୍ଥିତାବସ୍ଥା, କାର୍ଯ୍ୟନ୍ୱୟନ ଉପରେ ବିଭାଗୀୟ କର୍ମଚାରୀଙ୍କୁ ଯାଞ୍ଚକରି ରିପୋର୍ଟ ଦେବାକୁ କୁହାଯାଇଛି ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଅଶୋକ କୁମାର କର୍ଣ୍ଣ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଏକାଦଶୀ |
|---|---|
| ୨୯.୧.୨୦୨୬ | ନକ୍ଷତ୍ର– ରୋହିଣୀ, ବୃଷଚନ୍ଦ୍ର |



| | |
|---|---|
| ମେଷ | : ଆର୍ଥିକ ଉନ୍ନତି ହେବ । |
| ବୃଷ | : ଅଘଟଣ ଘଟିପାରେ । |
| ମିଥୁନ | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| କର୍କଟ | : ଦିନଟି ହସଖୁସିରେ କଟିବ । |
| ସିଂହ | : ଦିନଟି ଶୁଭର ଦିନ ହେବ । |
| କନ୍ୟା | : ପାରିବାରିକ ଖୁସି ପାରିବେ । |
| ତୁଳା | : ବନ୍ଧୁଙ୍କ ସହ କଳହ ହୋଇପାରେ । |
| ବିଛା | : ଦୁର୍ଘଟଣା ଭୟ ରହିଛି । |
| ଧନୁ | : ପ୍ରୀତି ବୃଦ୍ଧି ପାଇବ । |
| ମକର | : ବ୍ୟସାୟରେ ଆୟ ବୃଦ୍ଧି ହେବ । |
| କୁମ୍ଭ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ମୀନ | : କଳହର ସୂତ୍ରପାତ ହେବ । |

## ଅଗ୍ନିକାଣ୍ଡରେ ଜଳିଗଲା ଘର

**ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଚାହୁଁ ଚାହୁଁ ଜଳିଗଲା ୩ ବଖରା । ୩ଲକ୍ଷରୁ ଅଧିକ ଟଙ୍କାର ଆସବାବପତ୍ର ସହ ନଗଦ ୫୦ ହଜାର ଟଙ୍କା ପାଉଁଶରେ ପରିଣତ ହୋଇଗଲା। ନିଆଁକୁ ଲିଭାଇବାକୁ ଯାଇ ଗୁରୁତର ଆହତ ହୋଇଛନ୍ତି ଘରର ମାଲିକ । ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ ତରତୋଟା ଗ୍ରାମର ପଞ୍ଚାନନ ମହାପାତ୍ରଙ୍କ ଘରେ। ଗତ ସୋମବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ତୁରନ୍ତ ପଦାକୁ ବାହାରି ଆସିଥିଲେ। ପଞ୍ଚାନନଙ୍କ ଘରକୁ ଲାଗି ଏକ ଗ୍ରୋସରୀ ଦୋକାନ ମଧ୍ୟ ଅଛି। ଦୋକାନ ଗୃହରେ ମଧ ନିଆଁ ଲାଗି ଯିବାରୁ ଦୋକାନର ପଇସା ବାକ୍ସରେ ନଗଦ ୫୦ହଜାର ଟଙ୍କା ଜଳି ଯାଇଥିବା କଥା ପଞ୍ଚାନନ କହିଛନ୍ତି। ପଞ୍ଚାନନ ନିଜ ଜୀବନକୁ ବାଜିରେ ଲଗାଇ ଘର ଭିତରୁ କିଛି ଅମଳ ଧାନ ଓ ଗାଈଗୋରୁଙ୍କୁ ଉଦ୍ଧାର କରିବା ସମୟରେ ସେ ମଧ ଗୁରୁତର ଆହତ ହୋଇ ନିକଟସ୍ଥ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଅଗ୍ନିଶମ ବାହିନୀର ସୁବିଧା ନଥିବା ବେଳେ ଗ୍ରାମବାସୀମାନେ କେବଳ ସଞ୍ଚିତ ପାଣିକୁ ବ୍ୟବହାର କରି ନିଆଁକୁ ଲିଭାବାକୁ ଚେଷ୍ଟା କରିଥିଲେ। ଖବର ପାଇ ବିଞ୍ଝାରପୁର ଅଗ୍ନିଶମବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପଞ୍ଚାନନଙ୍କ ତିନୋଟି ବଖରା ନିଆଁରେ ପୋଡ଼ି ପାଉଁଶ ହୋଇଯାଇଥିଲା। ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଛି ବୋଲି ଅଗ୍ନିଶମ ବାହିନୀ ସୂଚନା ଦେଇଛନ୍ତି। ଅନ୍ୟପଟରେ ପଞ୍ଚାନନ ଦିନ ମଜୁରିଆ ହୋଇଥିବା ବେଳେ ପରିବାରକୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଗୁହାରି କରିଛନ୍ତି ।

## ଭଉଣୀକୁ ବଞ୍ଚାଇବାକୁ ଯାଇ କୂଅକୁ ଡେଇଁଲା ଭାଇ

**ଭୁବନ, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଖୀର ମୂଲ୍ୟ ଦେଇଛି ଭାଇ । ବିପଦରେ ପଡ଼ିଥିବା ଭଉଣୀର ଜୀବନ ବଞ୍ଚାଇଛି ଭାଇ । କୂଅରେ ପଡ଼ି ଜୀବନ ଓ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଭଉଣୀକୁ ସୁରକ୍ଷା ଦେଇ ଚର୍ଚ୍ଚାର ବିଷୟ ପାଲଟିଛି ନାବାଳକ ଭାଇ । ଶେଷରେ ପରିବାର ଏବଂ ଗାଁ ଲୋକେ ଗଭୀର କୂଅ ଭିତରୁ ଭାଇ ଓ ଭଉଣୀ ଉଦ୍ଧାର କରିଛନ୍ତି । ପାଣି କାଢୁଥିବା ବେଳେ କୂଅରେ ପଡ଼ିଗଲା ଭଉଣୀ । ଉଦ୍ଧାର କରିବାକୁ କୂଅକୁ ଡେଇଁ ଥିଲା ଭାଇ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ବାରୁଆଁ(ବି) ଗ୍ରାମରେ । ଗ୍ରାମର ଶ୍ରୀକାନ୍ତ ପରିଡ଼ାଙ୍କ ନାବାଳିକା ଝିଅ ଲକି ପରିଡ଼ା (୧୩) ନିଜ ଘର ବାଡ଼ି କୂଅରେ ପାଣି କାଢୁଥିବା ସମୟରେ ଅସାବଧାନତା କାରଣରୁ କୂଅରେ ପଡ଼ିଯାଇଥିଲା । ଭଉଣୀ ପଡ଼ିଯିବାର ଦେଖି ଭାଇ ସନ୍ଦୀପ ପରିଡ଼ା (୧୪) ବିଚଳିତ ହୋଇଯାଇଥିଲା । କୂଅର ଗଭୀରତା ବିଷୟରେ ଅଜ୍ଞତା ଥିଲେ ମଧ୍ୟରେ ଭଉଣୀକୁ କିପରି ବଞ୍ଚାଇବ ସେକଥା ହଠାତ୍ ଚିନ୍ତା କରିଥିଲା ଏବଂ କୂଅକୁ ଡେଇଁ ପଡ଼ିଥିଲା । ପ୍ରାୟ ଅଧାଘଣ୍ଟା କାଳ ଭଉଣୀକୁ କୂଅ ମଧ୍ୟରେ ଧରି ରଖିଥିଲା ଭାଇ । ଏସବୁ ଘଟଣାକୁ ଦେଖି ନେଇଥିଲେ ସ୍ଥାନୀୟ ଲୋକେ ।

ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଭୁବନ ଦମକଳ ବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଉଭୟ ଭାଇ ଓ ଭଉଣୀଙ୍କୁ ଉଦ୍ଧାର କରିଥିଲେ । ଦୁଇ ଜଣଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସରପଞ୍ଚ ବୀଣାପାଣି ସାହୁ ପୀଡିତ ୨ ଜଣଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି । ଭୁବନ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳକୁ ସ୍ଥାନାନ୍ତର କରାଯାଇଛି । ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି । ସ୍ଥାନୀୟ ଲୋକେ ନାବାଳକର ସାହାସକୁ ତୀବ୍ର ପ୍ରଶଂସା କରୁଛନ୍ତି ।

## ମଣ୍ଡି ସମସ୍ୟା ନେଇ ଚାଷୀଙ୍କ ରାସ୍ତାରୋକ

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**



ଧାନ ମଣ୍ଡିରେ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ତିନୋଟି ବ୍ଲକର ଚାଷୀମାନେ ମଙ୍ଗଳଦିନ ଯାଜପୁର-ପାଣିକୋଇଲି ରାସ୍ତାରେ କିଆନାଳୀକୂଳ ଛକରେ ଦୀର୍ଘ ସମୟ ରାସ୍ତାରୋକ କରିବା ସହ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ମଣ୍ଡିରେ ଚାଷୀ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଚାଷୀଙ୍କୁ ଟୋକନ ମିଳିବାରେ ସମସ୍ୟା ଦେଖାଦେଇଛି । ମଣ୍ଡି ଖୋଲିବାକୁ ନେଇ ସମସ୍ୟା ଦେଖା ଦେଇଥିବାବେଳେ ମିଲର ୭/୮ କେଜି ଧାନ କଟନି ଛଟନି କରୁଥିବା ଚାଷୀ ପ୍ରତିବାଦ କରିଥିଲେ। ଜାଣିଶୁଣି ଚାଷୀଙ୍କୁ ଶୋଷଣ କରାଯାଉଛି। ଚାଷୀଙ୍କୁ ମିଳୁଥିବା ଟୋକନ ଅବଧିକୁ ୩୦ ଦିନ ବୃଦ୍ଧି କରାଯାଉ, ଝୋଟ ଅଖା ପରିବର୍ତ୍ତେ ଜରି ଅଖାରେ ଧାନକୁ ମିଲର ଗ୍ରହଣ କରୁ ବୋଲି ଚାଷୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବଜାରରେ ଆବଶ୍ୟକ ପରିମାଣ ଝୋଟ ଅଖା ମିଳୁନଥିବାରୁ ଚାଷୀ ନାହିଁ ନଥିବା ହଇରାଣ ହେଉଛନ୍ତି। ସରକାରଙ୍କ ନିୟମାନୁଯାୟୀ ଗତ ବର୍ଷ ପରି ଚଳିତ ବର୍ଷ ୮ଶହ ଟଙ୍କା ବୋନସ ଓ ଏମ୍‌ଏସ୍‌ପି ୨୩୬୯ ଟଙ୍କାକୁ ମିଶାଇ ମୋଟ ୩୧୬୯ଶହ ଟଙ୍କା କ୍ୱିଣ୍ଟାଲ ପିଛା ପ୍ରଦାନ କରାଯାଉ। ପ୍ରତି ମଣ୍ଡିର ଆବଶ୍ୟକତା ଅନୁଯାୟୀ ମିଲର ନିର୍ଦ୍ଧାରିତ ଦିବସରେ ସମୟ ସୀମା ମଧ୍ୟରେ ଧାନ ଯିବା ପାଇଁ ଟ୍ରକ ଯୋଗାଇ ଦିଆଯାଉ। ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କ ନିୟମକୁ ଜିଲାର ଧାନ ମିଲର ମାଲିକ ମାନୁ ନାହାଁନ୍ତି। ଅଧି ନିୟମ ଅନୁଯାୟୀ ଆଇନଗତ ଭାବେ ଜିଲାପାଳ ଅନ୍ୟ ଜିଲାର ମିଲରଙ୍କୁ ଧାନ କ୍ରୟ କରିବା ପାଇଁ ସୁଯୋଗ ଦେବାକୁ ଚାଷୀ ଅନୁରୋଧ କରିଥିଲେ। ଦୀର୍ଘ ସମୟ ପ୍ରତିବାଦ କଲାପରେ ଘଟଣା ସ୍ଥଳରେ ଯୋଗାଣ ବିଭାଗର କର୍ମକର୍ତ୍ତା ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହ ତାଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା କରି ଚାଷୀଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତିବାଦ ସ୍ଥଳରେ ଯୋଗାଣ ବିଭାଗ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କ ପ୍ରତିବାଦ ସ୍ଥଳରେ ଦିଗମ୍ବର କର, ଅକ୍ଷୟ ଦାସ, ବିଜୟ ଜେନା, ଗଙ୍ଗାଧର ନାୟକ, ରାଜକିଶୋର ସ୍ୱାଇଁ, ମାୟାଧର ସାହୁ, ପ୍ରଭାତ ପାଣିଗ୍ରାହୀ, ଚନ୍ଦ୍ର ନାରାୟଣ ସାହୁ ସମେତ ଯାଜପୁର, ଦଶରଥପୁର, ବିଞ୍ଝାରପୁର ଅଞ୍ଚଳର ଶତାଧିକ ଚାଷୀ ପ୍ରତିବାଦ କରିଥିଲେ।

## ଜାତୀୟ ରାଜପଥ କଡ଼ରୁ ମୃତଦେହ ଉଦ୍ଧାର

**ସୋର, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ସୋର ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁସାରେ ପଶ୍ଚିମବଙ୍ଗ ହାଓ୍ୱଡ଼ା ଜିଲ୍ଲା ଜଗତବଲ୍ଲଭପୁର ଥାନା ପାଞ୍ଚିଆଲ ଗ୍ରାମର ଗୌତମ ଦାସ (୫୮) ଭୁବନେଶ୍ୱରରେ ବ୍ୟବସାୟ କରନ୍ତି । ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଯାଇଥିବା ଖବର ପାଇ ଗ୍ରାମକୁ ଫେରୁଥିଲେ । କିନ୍ତୁ ନାୟକବନ୍ଧ ଛକ ନିକଟରେ ରାସ୍ତା ଉପରେ ତାଙ୍କ ମୃତଦେହ ପଡ଼ିଥିବା ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ତାଙ୍କ ନିକଟରେ ଥିବା ମୋବାଇଲକୁ ଜବତ କରିବା ପରେ ତାଙ୍କ ପରିଚୟ ଜାଣିବାକୁ ପାଇଥିଲା । ଫଳରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକେ ସୋର ଥାନାରେ ପହଞ୍ଚିଥିଲେ । ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୮୦/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ସେ କେଉଁ ପରିସ୍ଥିତିରେ ଏଠାରେ ପଡ଼ିଥିଲେ, କେଉଁଥିରେ ଭୁବନେଶ୍ୱରରୁ ଫେରୁଥିଲେ ତାହା ପୁଲିସ ତଦନ୍ତ କରୁଛି ।

## ବାଣ ଭିଡୁଥିବାବେଳେ ବିସ୍ଫୋରଣ : ଜଣେ ମୃତ, ୨ ଗୁରୁତର

**ବାଲିପାଟଣା, ୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିପାଟଣା ଥାନା ଅଧୀନସ୍ଥ ନରିଶୋରେ ବେଆଇନ ଭାବେ ଚାଲିଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ହୋଇଛନ୍ତି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସମ୍ପୃକ୍ତ ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ମୃତକ ହେଲେ ଅଭିନା କାଣ୍ଡି । ସଙ୍କଟାପନ୍ନ ଅବସ୍ଥାରେ ମୁନା ଭୋଇ, ପ୍ରମୋଦ ସାହୁ ଓ ରମେଶ ତିଆଡ଼ିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଏହା ବାଣ ନୁହେଁ, ବୋମା ଭିଡ଼ିବାବେଳେ ବିସ୍ଫୋରଣ ହୋଇଥିବା



ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତଦନ୍ତ ଜାରି ରହିଥିବାବେଳେ ପୁଲିସ ଏ ନେଇ କିଛି ସ୍ପଷ୍ଟ କରିନାହିଁ । ଘଟଣାସ୍ଥଳରେ ନିଆଳି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ସକାଳୁ ବନମାଳୀପୁର ଫାଣ୍ଡି ପୁଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ କରୁଛି । ବାଣ କାରଖାନା ନିକଟରେ ଥିବା ଘର ଭାଙ୍ଗି ରୁଜି ଯାଇଛି । ପଡୋଶୀ ଆତଙ୍କିତ ହୋଇ ପଡିଛନ୍ତି । ଘଟଣାସ୍ଥଳରେ ବହୁ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଛି । ବାଣରେ ବ୍ୟବହୃତ ସୁତୁଲି, ବାରୁଦ, କାଗଜ ପାଇପ, ମାଟି ଘଡ଼ି, ଓଜନ ମାପ ଯନ୍ତ୍ର ସବୁ କିଛି ଜଳିଯାଇଛି । ଘର ଆଜବେଷ୍ଟ ବହୁ ଦୂର ପର୍ଯ୍ୟନ୍ତ ଛିଟିକି ପଡ଼ିଛି । ଗାଁରେ କୋକୁଆ ଭୟ ଖେଳି ଯାଇଛି । ତେବେ ଗାଁ ଭିତରେ ବାଣ ବେଆଇନ ବାଣ କାରଖାନା ଦୀର୍ଘ ଦିନ ହେବ ଚାଲୁଥିଲା । ଗତକାଲି ରାତିରେ ବିସ୍ଫୋରଣରେ ମାଇଲ ମାଇଲ ଦୂର ପର୍ଯ୍ୟନ୍ତ ଥରି ଥିଲା ନିକଟରେ ଥିବା ଘର ଜଳି ପାଉଁଶ ହୋଇଯାଇଛି । ଘଟଣାସ୍ଥଳରେ ବହୁ ବାଣ ଭିଡା ସାମଗ୍ରୀ ଏବଂ ବ୍ୟବହୃତ ହାତ ହତିଆର ପଡିଛି । ପାଖରେ ଥିବା ଘର ଭାଙ୍ଗି ଯାଇଛି । ୨ ଗୁରୁତର, ଜଣେ କଟକ ଏବଂ ଭୁବନେଶ୍ୱର ହସ୍ପିଟାଲ ସ୍ଥାନାନ୍ତର ହୋଇଥିବା ଜଣାପଡିଛି ।

## ଛେଳି ଚୋରକୁ ଧରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ

**ବ୍ରହ୍ମପୁର, ୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚମାଖଣ୍ଡି ଥାନା ଅନ୍ତର୍ଗତ ଚମାଖଣ୍ଡି ଗ୍ରାମରେ ଛେଳି ଚୋରି କରିବା ବେଳେ ୨ ଜଣ ଚୋରଙ୍କୁ ଧରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ । ମିଳିଥିବା ସୂଚନା ମୁତାବକ ଚମାଖଣ୍ଡି ଗ୍ରାମରେ ଦୀର୍ଘ ଦିନ ଧରି ବାଇକ, ପେଟ୍ରୋଲ, ଡିଜେଲ, ଛେଳି ଆଦି ଚୋରି ହେଉଥିଲା । ଗ୍ରାମବାସୀମାନେ ଚୋରକୁ ଧରିବା ପାଇଁ ଯୋଜନା ବଦ୍ଧ ଭାବେ ଜଗି ବସିଥିଲେ । ସୋମବାର ବିଳମ୍ବିତ ରାତ୍ରରେ ଚିକିଟି ଅଞ୍ଚଳରୁ ଦୁଇ ଜଣ ଚୋର ଏକ ସ୍କୁଟି ଯୋଗେ ଆସି ଗ୍ରାମରେ ଛେଳି ଓ ଡିଜେଲ ଚୋରି କରୁଥିବା ବେଳେ ଗ୍ରାମବାସୀମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ପରେ ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ଦୁଇ ଜଣ ଚୋରଙ୍କୁ ନେଇଥିଲେ ।

ସୂଚନା ପ୍ରକାରେ, ଦୀର୍ଘ ଦିନ ଧରି ଚୋର ମାନେ ଗ୍ରାମକୁ ଗ୍ରାମ ବୁଲି ପେଟ୍ରୋଲ ଡିଜେଲ ଛେଳି ଭଳି ବିଭିନ୍ନ ଆସ ବାବ ପତ୍ର ଚୋରି କରୁଥିଲେ । ମଙ୍ଗଳବାର ରାତିରେ ସେମାନଙ୍କୁ ଗ୍ରାମବାସୀମାନେ ଧରିଛନ୍ତି । ଏନେଇ ଚମାଖଣ୍ଡି ଥାନାରେ ଏତଲା ରୁଜୁ ହୋଇଛି । ପୋଲିସ ଦୁଇଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଉଛନ୍ତି ।

## ପରିବା ଦୋକାନୀକୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ୫ ଯୁବକ

**ଢେଙ୍କାନାଳ, ୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ବିବାଦକୁ କେନ୍ଦ୍ରକରି ଢେଙ୍କାନାଳ ସହରରେ ଜଣେ ପରିବା ବ୍ୟବସାୟୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଦୁର୍ବୃତ୍ତ । ସହରର ବାଜିଚୌକ ସ୍ଥିତ ଦୈନିକ ପରିବା ମାର୍କେଟରେ ଘଟିଛି ଏହି ମରଣାନ୍ତକ ଆକ୍ରମଣ । ଦୁର୍ବୃତ୍ତଙ୍କ ଖଣ୍ଡା ଓ ଭୁଜାଲି ଚୋଟରେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଏସସିବିକୁ ଚିକିତ୍ସାପାଇଁ ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି । ଗୁରୁତର ପରିବା ଦୋକାନୀ ସ୍ଥାନୀୟ ରଗଡି ସାହିର ପାତୁ ଓରଫ ଦିପୁନ ପ୍ରଧାନ ବୋଲି ଜଣାପଡିଛି। କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ମଙ୍ଗଳବାର ସନ୍ଧ୍ୟା ସମୟରେ ଦିପୁନ ପ୍ରଧାନ ପରିବା ଦୋକାନରେ ବସିଥିବା ବେଳେ ଅଚାନକ ୩ଟି ବାଇକରେ ୫ଜଣ ଯୁବକ ହାତରେ ପିସ୍ତଲ, ଖଣ୍ଡା, ଭୁଜାଲି ଓ ଠେଙ୍ଗା ଧରି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଖଣ୍ଡାରେ ହାଣି ପକାଇବାରୁ ଦିପୁନ ପ୍ରାଣ ବଂଚାଇବା ପାଇଁ ଦୌଡ଼ିଥିଲେ। ତେବେ ତାଙ୍କୁ ଗୋଡ଼ାଇବା ବେଳେ ସ୍ଥାନୀୟ ଲୋକ ଆସିଯିବାରୁ ସେମାନେ ଦୁଇଟି ବାଇକ ଯୋଗେ ପଳାଇଥିଲେ। ଫଳରେ ଦୁର୍ବୃତ୍ତ ଛାଡି ପଳାଇଥବା ଗୋଟିଏ ବାଇକ ରହିଯାଇଛି। ଖବର ପାଇ ଘଟଣାସ୍ଥଳରେ ଟାଉନ ପୁଲିସ ପହଁଚି ବାଇକକୁ ଜବତ କରି ଘଟଣାର ଛାନଭିନ ତଦନ୍ତ କରୁଛି । ତେବେ ଆକ୍ରମଣକାରୀ ମାନେ ଢେଙ୍କାନାଳ ସହରର ଲକ୍ଷ୍ମୀବଜାର ମଲ୍ଲାର ସାହି ଅଞ୍ଚଳର ବୋଲି ପୁଲିସ ସୁରାକ ପାଇଛି । ଉଭୟ ମଲ୍ଲାର ସାହି ଓ ରଗଡି ସାହି ମଧରେ ପୂର୍ବରୁ ମାଡ଼ପିଟ ଯୋଗୁଁ ଶତ୍ରୁତା ରହିଥିବା କାରଣରୁ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଇଛି ।

## ଘରେ ଶୋଇଥିବା ବେଳେ ଦୁର୍ବୃତ୍ତଙ୍କ ବୋମାମାଡ଼

**ବ୍ରହ୍ମପୁର, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ଅଭାବନୀୟ ଘଟଣା । ସୋମବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ଘର ଉପରକୁ ବୋମାମାଡ଼ ହୋଇଥିଲା । ଖବର ଅନୁସାରେ, ଚିକଲଖଣ୍ଡି ଗ୍ରାମର ଜି. କାମରାଜୁ ରେଡ଼ିଙ୍କ ଘର ଉପରକୁ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ । ଘରେ ଜି. କାମରାଜୁ ତାଙ୍କ ପରିବାର ସହ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏଭଳିକାଣ୍ଡ ଘଟାଇଛନ୍ତି । ଘରର ପଛପଟୁ ବୋମାମାଡ଼ କରାଯାଇଥିବା ବେଳେ କାନ୍ଥ ଭାଙ୍ଗି ଯାଇଛି । ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି । ଘଟଣାର ଖବର ପାଇ ଛତ୍ରପୁର ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି । ଘରର ବହୁ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ତିନିଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଅନ୍ୟପଟେ ଏହି ବୋମାମାଡ଼ରେ ଅଧିକ ଶକ୍ତିଶାଳୀ ସାମଗ୍ରୀ ବ୍ୟବହାର କରାଯାଇଥିବା ଅନୁମାନ କରାଯାଉଛି । ମଙ୍ଗଳବାର ସକାଳୁ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଅଧିକାରୀମାନେ ଆସି ଘଟଣାର ଅଧିକ ତଦନ୍ତ କରୁଛନ୍ତି । ତେବେ କିଏ ଏବଂ କାହିଁକି ବୋମାମାଡ଼ କଲା ତାହାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ । ଏନେଇ ସାଇଣ୍ଟିଫିକ୍ସ ଟିମ, ରାଜ୍ୟ ବୋମା ନିଷ୍କ୍ରିୟ କାରୀ ଟିମ, ରାଜ୍ୟ ଫୋର ସିକ ବିଜ୍ଞାନ ପରୀକ୍ଷାଗାର ଟିମ ଘଟଣା ସ୍ଥଳରେ ପହଁଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ କରିଛନ୍ତି । ତେବେ ବୋମା ଫୁଟିବା ଦ୍ୱାରା ଏହା ଘଟିଛି ନା କୋଣସି ବିସ୍ଫୋରକ ସାମଗ୍ରୀ ଯୋଗୁଁ ଏପରି ଘଟଣା ଘଟିଛି ତାହା ସଠିକ ଜଣାପଡିନି ।

## ଖଲ୍ଲିକୋଟ ଷ୍ଟେସନରେ ଫାଲକନାମା ଓ ବିଶାଖାର ରହଣୀକୁ ସ୍ୱାଗତ

**ଖଲ୍ଲିକୋ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଷ୍ଟେସନରେ ଦୁଇ ଦ୍ରୁତଗାମୀ ଟ୍ରେନ ଫାଲ୍ଗୁନାମା ଓ ବିଶାଖାକୁ ରହଣୀ ପାଇଁ ଆସିକା ସାଂସଦ ସ୍ୱାଗତ କରିଥିଲେ । ସ୍ୱାଧୀନତା ପରଠାରୁ ଆସିକା ସଂସଦୀୟ କ୍ଷେତ୍ରର ଏକମାତ୍ର ଖଲ୍ଲିକୋଟ ରେଳଷ୍ଟେସନଟି ଅବହେଳିତ ହୋଇ ରହିଅଛି । ଏଠାରେ ମଙ୍ଗଳବାର ଦୁଇ ଦୁଇଟି ଦ୍ରୁତଗାମୀ ଟ୍ରେନ ଫାଲକନାମା ଓ ବିଶାଖା ପରୀକ୍ଷାମୂଳକ ଭାବେ ରହଣି ହୋଇଥିବା ଜଣାପଡ଼ିଛି । ଖଲ୍ଲିକୋଟ ରେଳଷ୍ଟେସନଟି ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିବା ବେଳେ ଷ୍ଟେସନ୍‌ରେ ଦୀର୍ଘଦିନ ହେଲା ପାଞ୍ଚଟି ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ମଙ୍ଗଳବାର ଦିନ ସଖାଳୁ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ଶହ ଶହ ସମର୍ଥକ, ବହୁ ସରପଞ୍ଚ, ସମିତି ସଭ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ମହିଳାଙ୍କ ଉପସ୍ଥିତିରେ ଖଲିକୋଟ ରେଳ ଷ୍ଟେସନଠାରେ ପ୍ରଥମେ ୮.୩୦ମିନିଟରେ ଫାଲକନାମା ଓ ପରେ ୧୦.୩୦ମିନଟ ସମୟରେ ବିଶାଖା ଭଳି ଦୁଇଟି ଦ୍ରୁତଗାମୀ ଟ୍ରେନକୁ ସବୁଜ ପତାକା ହଲାଇ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିଥିଲେ । ଆସିକା ସାଂସଦ ଅନିତା ଶୁଭଦର୍ଶିନୀଙ୍କ ଉଦ୍ୟମକ୍ରମେ ଖଲ୍ଲିକୋଟ ରେଳଷ୍ଟେସନରେ ଦୁଇଟି ଟ୍ରେନର ରହଣିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସାଂସଦ ଅନିତା ଶୁଭଦର୍ଶିନୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭୂରି ଭୂରି ପ୍ରଶଂସଦା କରିବା ସହ ଆଗାମୀ ଦିନରେ କୋଣାର୍କ ଓ ରାଜାରାଣୀ ଭଳି ଦ୍ରୁତଗାମୀ ଟ୍ରେନ ରହଣି ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ସହ ଯୋଗାଯୋଗ କରାଯିବ ବୋଲି ପ୍ରକାଶ କହିଥିଲେ । ଖଲ୍ଲିକୋଟ ରେଳଷ୍ଟେସନର ଦୈର୍ଘ୍ୟକମ ଥିବାରୁ ଦ୍ରୁତଗାମୀ ଟ୍ରେନଗୁଡ଼ିକ ରହଣି ପାଇଁ ଅସୁବିଧା ଉପୁଜୁଛି ।

ସେହିପରି ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଷ୍ଟେସନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଚୋରି ଡକାୟତି ରୋକିବା ପାଇଁ ଏକ ଜିଆରପି ଫାଣ୍ଡି ନିର୍ମାଣ ସାଙ୍ଗକୁ ଷ୍ଟେସନର ଆଧୁନିକୀକରଣ କରିବାର ଆବଶ୍ୟକତା ରହିଛି । ପ୍ରକାଶ ଥାଉକି ଆସିକା ସାଂସଦ ରାମଚନ୍ଦ୍ର ରଥ, ନିତ୍ୟାନନ୍ଦ ପ୍ରଧାନ, ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସମେତ ଲଡୁ ସ୍ୱାଇଁ, ପ୍ରମିଳା ବିଷୋୟୀଙ୍କ ଭଳି ସାଂସଦ ଯାଇଥିଲେ ମଧ ଏହି ଷ୍ଟେସନର କୌଣସି ବିକାଶ ହୋଇ ପାରିନଥିଲା । ଏଯାବତ କୌଣସି କେନ୍ଦ୍ରୀୟ ଯୋଜନାର ସୁଫଳ ମିଳିନି । ସର୍ବୋପରି ଅଞ୍ଚଳବାସୀ ବରିଷ୍ଠ ନାଗରିକ ଓ ଖଲ୍ଲି କୋଟ ପ୍ରେସ କ୍ଲବର ଉଦ୍ୟମ କ୍ରମେ ଦୁଇଟି ଦ୍ରୁତଗାମୀ ଟ୍ରେନ ରହିବାର ସୁଯୋଗ ମିଳିଛି । ଉକ୍ତ ଟ୍ରେନ ରହଣି ଅବସରରେ ଖଲ୍ଲିକୋଟ ଅଞ୍ଚଳର ପ୍ରାୟ୧ ହଜାର ଲୋକ ରୁଣ୍ଡ ହୋଇ ହୋଇ ନୂତନ ଟ୍ରେନ ରହଣିକୁ ଶୁଭାରମ୍ଭ କରିଥିଲେ ଟ୍ରେନ ରହଣି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନଥିବା ଯୋଗୁଁ ସାଧାରଣରେ ଆଲୋଚନା ହେଉଛି ଖଲ୍ଲିକୋଟ ବିଜେପିର ଗୋଷ୍ଠୀକନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି ।

# କାମରେ ଆସୁନି ଚରମ୍ପାର ଅମୃତ ପାର୍କ

**ଭଦ୍ରକ, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ସହରରେ କାମରେ ଆସୁନି ଚରମ୍ପାର ଅମୃତ ପାର୍କ । ୨୦୧୭ ମସିହାରେ ଅମୃତ ଯୋଜନାରେ ‘ଅମୃତ ପାର୍କ’ ନିର୍ମାଣ ହୋଇଥିଲା । ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ପାର୍କ ନିର୍ମାଣ କରାଯାଇଥିଲା । ଏହି ପାର୍କ ନିର୍ମାଣ ବେଳେ ଯେଉଁ ଚମକ ଥିଲା ଏବେ ତାହା ମଳିନ ପଡ଼ି ଯାଇଛି । ପାର୍କ ନିର୍ମାଣ ହେଲା ସତ ଏହା ସହରବାସୀଙ୍କ କାମରେ ଆସିଲା ନାହିଁ । ନିମ୍ନମାନର ପାର୍କ ନିର୍ମାଣ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହା ଶ୍ରୀହୀନ ହୋଇପଡିଛି । ଯେଉଁଠି ପାଇଁ ଏହି ପାର୍କ ସହରବାସୀଙ୍କୁ ଆକୃଷ୍ଟ କରିପାରି ନାହିଁ ।

ସହରବାସୀଙ୍କ ଚିତ୍ତବିନୋଦନ ପାଇଁ କେନ୍ଦ୍ରୀୟ ଯୋଜନାରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ହେଲେ ସହରାଞ୍ଚଳରେ ଜାଗା ଜମି ଅଭାବ ଦର୍ଶାଇ ପୌରପାଳିକା ପକ୍ଷରୁ ଯେଉଁ ସ୍ଥାନ ଗୁଡିକ ଚିହ୍ନଟ କରାଗଲା



ତାହା ପାର୍କ ପାଇଁ ସୁବିଧା ହେଲା ନାହିଁ । ସେତେବେଳେ ଚରମ୍ପାର ଏହି ଅଞ୍ଚଳକୁ ପାର୍କ ନିର୍ମାଣ ପାଇଁ ଅନୁମୋଦନ କରାଯାଇଥିଲା । ଏହି ପାର୍କ ହେଲା କିନ୍ତୁ ଗମନା ଗମନ ଦୃଷ୍ଟିରୁ ଏହା ସହରବାସୀଙ୍କ ପାଇଁ ସୁବିଧା ହେଲା ନାହିଁ । ଏହି ପାର୍କରେ ଯେଉଁ ସବୁ କାର୍ଯ୍ୟ ହୋଇଥିଲା ତାହାର ରକ୍ଷଣାବେକ୍ଷଣ ନହେବାରୁ ଏହା ସବୁ ଭାଙ୍ଗି ପଡ଼ିଛି । ଏଥିରେ ବ୍ୟବହୃତ ସାମଗ୍ରୀଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଅଧିକାଂଶ ଲାଇଟ ଖରାପ ହୋଇଯାଇଛି । ଚଳନକ୍ଷମ କରିବାରେ ପୌରପାଳିକା ସମ୍ପୂର୍ଣ୍ଣ ବିଫଳ ହୋଇଛି । ଯେଉଁଠି ପାଇଁ ଚରମ୍ପା ପାର୍କ ଆଉ ଲୋକଙ୍କ ପାଇଁ ଆକର୍ଷଣ ହୋଇପାରି ନାହିଁ ।

ସେହିପରି ଭଦ୍ରକ ସହରରେ ଥିବା ଅନ୍ୟ ୬ଟି ପାର୍କ ମଧ୍ୟରୁ ମାତ୍ର ଗୋଟିଏ ଦୁଇଟିକୁ ଛାଡି ଅନ୍ୟଗୁଡିକ ପ୍ରାୟ ଅଚଳ ହୋଇ ପଡ଼ିଥିବା ଜଣାପଡିଛି । ପାର୍କ ନିର୍ମାଣ ପରେ ପୌରପାଳିକା ସେଗୁଡିକର ରକ୍ଷଣାବେକ୍ଷଣ ଆଳରେ ନିଯୁକ୍ତିକୁ ଗୁରୁତ୍ୱ ଦେଇଥିଲେ ମଧ ପାର୍କଗୁଡ଼ିକର ସୌନ୍ଦର୍ଯ୍ୟ କାରଣ ଦିଗରେ ଅର୍ଥ ଖର୍ଚ୍ଚ କରିନାହ । ପୌର ପାର୍କ ଗୁଡ଼ିକର ପୁନରୁଦ୍ଧାର ପାଇଁ କୌଣସି ଆନ୍ତରିକତା ନାହିଁ । ଭଦ୍ରକ ପୌରପାଳିକା ଦୀର୍ଘ ଦିନ ହେଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ନଥିବାରୁ ଉପଜିଲ୍ଲାପାଳ ଏହାର ଦାୟିତ୍ୱରେ ରହିଛନ୍ତି । ଉପଜିଲ୍ଲାପାଳ ଭଦ୍ରକ ପୌର ଦାୟିତ୍ୱନେବା ପରେ ପୌରପାଳିକାର ପାର୍କର ଆକର୍ଷଣ ପାଇଁ କିଛି ଯୋଜନା ନକରିବା ପରିତାପର ବିଷୟ ହେଉଛି । ସହରବାସୀଙ୍କ ସାମଗ୍ରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଟିଏ ସ୍ଥାନରେ ଏହି ଅର୍ଥ ବିନିଯୋଗ କରି ଏକ ସୁନ୍ଦର ପାର୍କ ନିର୍ମାଣ କରାଯାଉ ବୋଲି ଭଦ୍ରକ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦାବି କରିଛନ୍ତ । ଚରମ୍ପାର ରହିଥିଆ ଅମୃତ ପାର୍କ ଓ ଏହି ପାର୍କକୁ ଲାଗି ଥିବା ପୋଖରୀର ବୋଟିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦାବି ହୋଇଛି । ଯେଉଁ ବୋଟ ଗୁଡ଼ିକ ଏଠାରେ ଅଚଳ ହୋଇପଡିଛି । ତାହାକୁ ସଚଳ କରାଯାଇ ଲୋକଙ୍କୁ ବୋଟିଂ ସୁଯୋଗ ଦିଆଯାଉ ବୋଲି ଚରମ୍ପା ବାସୀ ଦାବି କରିଛନ୍ତି ।

ପ୍ରଦୂଷଣ ସାର୍ଟିଫିକେଟ୍ ପାଇଁ ଲୋକେ ଅନେକ ଦହଗଞ୍ଜ ହେଲେ । ଅନେକ ନକଲି ପ୍ରଦୂଷଣ ଯାଞ୍ଚ ସଂସ୍ଥା ଲୋକଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ଦେଇଛନ୍ତି । ସେ ସାର୍ଟିଫିକେଟ କାମ ଦେବନି ବୋଲି ପରିବହନ ବିଭାଗ କହୁଛନ୍ତି । ପ୍ରଦୂଷଣ ସାର୍ଟିଫିକେଟ ନଦେଲେ ପେଟ୍ରୋଲ ମିଳିବ ନାହିଁ ବୋଲି କୁହାଗଲା । ଶେଷରେ କଥା ହାଇକୋର୍ଟ ଯାଏଁ ଗଲା । ହାଇକୋର୍ଟ ଏବେ କହିଛନ୍ତି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମଧ୍ୟ ପେଟ୍ରୋଲ ଟାଙ୍କିରେ ତେଲ ମିଳିବ । ପରିବହନ ପୋର୍ଟାଲର ସଂଶୋଧନ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ଲୋକଙ୍କୁ ପ୍ରଦୂଷଣ ପ୍ରମାଣପତ୍ର ମିଳିବାରେ ଯେପରି କୌଣସି ସମସ୍ୟା ଏବଂ ବାଧା ସୃଷ୍ଟି ନହୁଏ ତାକୁ ସରକାର ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | କେନ୍ଦ୍ରାପଡ଼ା | ୨୯ ଜାନୁଆରୀ, ୨୦୨୬ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍

## ସରକାର ହିଁ ଲୋକଙ୍କୁ ଚାପଗ୍ରସ୍ତ କରାଉଛନ୍ତି

ନିର୍ଦ୍ଦିଷ୍ଟ ବ୍ୟବଧାନରେ ବିଭିନ୍ନ ସର୍ଭେ ସଂସ୍ଥା ଦ୍ୱାରା କରାଯାଉଥିବା ସର୍ଭେରୁ ଜଣାଯାଇଛି, ଖୁସି ସୂଚକାଙ୍କରେ ଭାରତର ସ୍ଥାନ ତଳଆଡ଼କୁ ରହିଛି । ଆମ ଦେଶର ଲୋକଙ୍କ ପାଖରେ ଖୁସିର ଅଭାବ ରହୁଛି । ଏଥିପାଇଁ ଆମେ କେବଳ ଗରିବୀକୁ ଦାୟୀ କରିବା ନାହିଁ । ମୁଣ୍ଡପିଛା ଆୟରେ ଆମ ଦେଶଠାରୁ ବହୁତ ତଳକୁ ଥିବା ଛୋଟ ଛୋଟ ଦେଶର ଲୋକେ ମଧ୍ୟ ଖୁସିରେ ଅଛନ୍ତି । ସେମାନଙ୍କ ଖୁସିର ହାର ଭାରତ ଠାରୁ ଅଧିକ ।

ସବୁବେଳେ ଯେ ଟଙ୍କା ଆମକୁ ଖୁସି ଦେଇପାରିବ ଏକଥା ଭାବିବା ଭୁଲ୍ । କୋଟି କୋଟି ଟଙ୍କା ଥାଇ ମଧ୍ୟ ଲୋକଙ୍କ ମନରେ ଖୁସିର ଅଭାବ ରହୁଛି । ମାନସିକ ଚାପ, ଦୁଃଶ୍ଚିନ୍ତା ଏସବୁ ଖୁସିକୁ ଛଡ଼ାଇ ନେଉଛି ଆମଠାରୁ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି– ଆମେ ଉତ୍ତମ ସେବା ପାଇପାରୁନେ ପ୍ରଶାସନଠାରୁ, ଆମେ ଯେତିକି ଆଶା କରୁଛେ । କୌଣସି ସରକାରୀ ଦପ୍ତରକୁ କୌଣସି କାମ କରାଇବାର ଥିଲେ ଆପଣଙ୍କ ଚିନ୍ତା ନିଶ୍ଚେ ବଢ଼ିବ । କାରଣ ଆମ ଦେଶରେ କୌଣସି ସରକାରୀ କାମ ନିର୍ଦ୍ଧାରିତ ସମୟସୀମା ଭିତରେ ହୋଇପାରେନି । ଆପଣଙ୍କୁ ଆପଣଙ୍କ ସମୟ ବରବାଦ କରି, ନିଜ ବୃତ୍ତିକୁ ଛାଡ଼ି ଏ କାମ କରାଇବା ପଛରେ ଲାଗିବାକୁ ପଡ଼ିବ । ସ୍ୱାଭାବିକ ଏବଂ ସ୍ୱୟଂକ୍ରିୟ ଭାବରେ ଏହା ସମ୍ଭବ ହୋଇପାରିନି ଆଜିଯାଏଁ ଆମ ଦେଶରେ ।

ଚାଷୀଟିଏ ଚାଷ କଲା, ଅମଳ ଯଦି ଭଲ ହେଲା ତା'ର ଚିନ୍ତା ବଢ଼ିଲା । ମଣ୍ଡିରେ ତାକୁ କେମିତି ବିକିବ, ମଣ୍ଡିରେ ଶୀତ କାକରରେ କେତେଦିନ ଅପେକ୍ଷା କରିବାକୁ ପଡ଼ିବ, ତା' ଧାନର ମାନ ନିର୍ଦ୍ଧାରଣ କେତେ ନିରପେକ୍ଷ ଭାବରେ ହେବ– ଏସବୁ କଥାକୁ ନେଇ ଚାଷୀଟିଏ ଚିନ୍ତାରେ ନିଶ୍ଚେ ପଡ଼ିବ । ଅଧିକ ଅମଳ ହେଲେ ସିଏ ବଳକା ଧାନକୁ କେଉଁଠି କିଭଳି ବିକିବ ତା' ମଧ୍ୟ ଆଉ ଏକ ଚିନ୍ତାର କାରଣ ପାଲଟିବ ତା' ପାଇଁ ।

ଏକ ଖବରରୁ ଜଣାଯାଇଛି– ୨୬ହଜାର ଚାଷୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକିପାରୁ ନାହାନ୍ତି । ଏବେ ସୁଦ୍ଧା ୩୦ଟି ଯାକ ଜିଲ୍ଲାରେ ମଣ୍ଡି ଖୋଲି ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ମଣ୍ଡି ବିଳମ୍ବରେ ଖୋଲୁଥିବାରୁ ଚାଷୀଙ୍କୁ ଅଧିକ ଦିନ ଅପେକ୍ଷା କରିବାକୁ ପଡୁଛି । ସରକାର ଜଣେ ଚାଷୀଠାରୁ ସର୍ବାଧିକ ୧୫୦ କ୍ୱିଣ୍ଟାଲ ଧାନ କିଣିବାକୁ ନିୟମ କରିଥିବାରୁ ବିଭିନ୍ନ ସ୍ଥାନରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଥର ସରକାର ସର୍ଭେ ଆଳ ଦେଖାଇ କମ୍ ଧାନ କିଣିବାକୁ ସ୍ଥିର କରିଛନ୍ତି ।

ପ୍ରତିଟି ଛୋଟମୋଟ ସମସ୍ୟା, ଯେଉଁଗୁଡ଼ିକ ପ୍ରଶାସନିକ ସ୍ତରରେ ସମାଧାନ ହୋଇପାରିବ ସେଥିପାଇଁ ମଧ୍ୟ ଲୋକଙ୍କୁ ଅଦାଲତକୁ ଯିବାକୁ ପଡୁଛି । ବୁଲା କୁକୁର ସମସ୍ୟା କିଭଳି ସମାଧାନ କରାଯିବ ସେକଥା ମଧ୍ୟ ସୁପ୍ରିମ୍‌କୋର୍ଟଙ୍କୁ ବୁଝାଇବାକୁ ପଡୁଛି ସରକାରଙ୍କୁ । ତେଣୁ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡ଼ିକର ବିଚାର ପାଇଁ ସମୟ ପାଇବେ କେଉଁଠୁ? ଏଇ କାରଣରୁ ଅଦାଲତଗୁଡ଼ିକରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି, ନ୍ୟାୟ ବିଳମ୍ବିତ ହେଉଛି ।

ପ୍ରଦୂଷଣ ସାର୍ଟିଫିକେଟ୍ ପାଇଁ ଲୋକେ ଅନେକ ଦହଗଞ୍ଜ ହେଲେ । ଅନେକ ନକଲି ପ୍ରଦୂଷଣ ଯାଞ୍ଚ ସଂସ୍ଥା ଲୋକଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ଦେଇଛନ୍ତି । ସେ ସାର୍ଟିଫିକେଟ କାମ ଦେବନି ବୋଲି ପରିବହନ ବିଭାଗ କହୁଛନ୍ତି । ପ୍ରଦୂଷଣ ସାର୍ଟିଫିକେଟ ନଦେଲେ ପେଟ୍ରୋଲ ମିଳିବ ନାହିଁ ବୋଲି କୁହାଗଲା । ଶେଷରେ କଥା ହାଇକୋର୍ଟ ଯାଏଁ ଗଲା । ହାଇକୋର୍ଟ ଏବେ କହିଛନ୍ତି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମଧ୍ୟ ପେଟ୍ରୋଲ ଟାଙ୍କିରେ ତେଲ ମିଳିବ । ପରିବହନ ପୋର୍ଟାଲର ସଂଶୋଧନ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ଲୋକଙ୍କୁ ପ୍ରଦୂଷଣ ପ୍ରମାଣପତ୍ର ମିଳିବାରେ ଯେପରି କୌଣସି ସମସ୍ୟା ଏବଂ ବାଧା ସୃଷ୍ଟି ନହୁଏ ତାକୁ ସରକାର ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି ।

ଲୋକେ କିଭଳି ହଇରାଣ ହରକତ ନହେବେ ଏକଥା ଚିନ୍ତା କରି ସରକାର ଆଇନ୍ ପ୍ରଣୟନ କରିବା ଉଚିତ୍ । ଲୋକଙ୍କୁ ସମସ୍ୟା ଭିତରକୁ ଠେଲିଦେଇ ସରକାର ନିଶ୍ଚିନ୍ତରେ ବସିବା ଉଚିତ୍ ନୁହେଁ । ଯଦି ହାଇକୋର୍ଟ ଏଭଳି ନିଷ୍ପତ୍ତି ଶୁଣାଇ ନଥାନ୍ତେ ତା'ହେଲେ ତ ଲୋକେ ଆହୁରି ହରକତ ହୋଇଥାନ୍ତେ । ଏଇସବୁ କାରଣରୁ ହିଁ ଆମ ଦେଶର ଲୋକଙ୍କ ପାଖରେ ଖୁସିର ଅଭାବ ରହୁଛି ।

# ହଜାରରେ ଠକିଥିଲେ ଲକ୍ଷରେ ଗଣିବ...

**ସତ କହିବାକୁ କିଆଁ ଡରିବି**

◆ ଅମ୍ବିକା ପ୍ରସାଦ ଦାସ ◆

**ଯେଉଁମାନେ ଅନ୍ୟର ଉଚିତ୍ ପ୍ରାପ୍ୟକୁ ନଦେଇ ଠକି ଚାଲନ୍ତି ସେମାନେ ଯେ ଏଇ ଆଚରଣ ଦ୍ୱାରା ଗୋଟେ ବଡ଼ କାମ କରନ୍ତି ତାହା କୁହାଯାଇପାରିବ ନାହିଁ, ବରଂ ଏପରି ଧୋକା ଦେବା କାରଣରୁ ସେମାନଙ୍କୁ ଭବିଷ୍ୟତରେ ଚଢ଼ା ମୂଲ୍ୟ ଦେବାକୁ ପଡ଼େ । ହଜାରରେ ଠକିଥିଲେ ଲକ୍ଷରେ ଟଙ୍କା ଗଣିବାକୁ ପଡ଼େ ହସ୍ପିଟାଲରେ। ଏହା ଆଗରୁ ଘଟିଛି, ଆଗକୁ ବି ଅନେକଙ୍କ କ୍ଷେତ୍ରରେ ଘଟିବ ଏଥିରେ ସନ୍ଦେହ ନାହିଁ ।**

ନିଷ୍ଠାର ସହ କାମ କରୁଥିବା ଜଣେ କର୍ତ୍ତବ୍ୟ ପରାୟଣ କର୍ମଚାରୀ ଏକ ଘରୋଇ ସଂସ୍ଥାର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଦିନେ ପଚାରିଲା– ଆପଣ ଆମ ସଂସ୍ଥାର କର୍ମଚାରୀଙ୍କୁ କେବଳ ଯେ ଠିକ୍ ସମୟରେ ବେତନ ଦେଉଛନ୍ତି ତା' ନୁହେଁ, କାହାର କୌଣସି ବି ପ୍ରାପ୍ୟ ଅଟକାଇ ନରଖି ମାଗିବା ପୂର୍ବରୁ ସବୁ ଦେଇଦେଉଛନ୍ତି। ତା' ସତ୍ତ୍ୱେ ଏଇ କର୍ମଚାରୀଙ୍କ ମଧ୍ୟରୁ କେତେକଙ୍କ ପାଖରେ ନା ଅଛି ଆପଣାର ଭାବ, ନା ସଂସ୍ଥା ପ୍ରତି ଅଛି ଅନୁରକ୍ତି!! ଠିକ୍ ସମୟରେ ସବୁ ମିଳିଯାଉଛି ନା! କାମ ହେଲେ କେତେ ନହେଲେ କେତେ? ଅନ୍ୟପଟେ ଅମୁକ ଅମୁକ ସଂସ୍ଥାରେ କର୍ତ୍ତୃପକ୍ଷ ନିଜ କର୍ମଚାରୀଙ୍କୁ ସେମାନଙ୍କର ଅନ୍ୟାନ୍ୟ ନ୍ୟାଯ୍ୟପ୍ରାପ୍ୟ ତ ଦୂରର କଥା ଠିକ୍ ସମୟରେ ବେତନ ନଦେଇ ଇଚ୍ଛାକୃତ ଭାବେ ଦୁଇ ତିନିମାସ ଗଡ଼ାଇ ଦେଉଥିଲେ ମଧ୍ୟ ସେଠିକାର କର୍ମଚାରୀଙ୍କର ସଂସ୍ଥା ପ୍ରତି ସମର୍ପଣ ଭାବ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏପରି କାହିଁକି ହୁଏ?

ଏକା ନିଃଶ୍ୱାସରେ ଏତକ କହିସାରିବା ପରେ ଉତ୍ତର ଖୋଜିଥିଲା ସେ। ମୁଁ କହିଲି– ପ୍ରଥମୋକ୍ତ ସଂସ୍ଥାରେ କାହାରି ପ୍ରାପ୍ୟ ନ ଅଟକାଇ ଠିକ୍ ସମୟରେ ଠିକଣା ପ୍ରାପ୍ୟ ପ୍ରଦାନ କରୁଥିବା କର୍ତ୍ତୃପକ୍ଷଙ୍କ ନିୟତ ଯେ ସଫା ତାହା ନିଃସନ୍ଦେହ। ହେଲେ ଦ୍ୱିତୀୟ ବର୍ଗ କର୍ତ୍ତୃପକ୍ଷଙ୍କ ନିୟତ ଯଦିଓ ଖରାପ ତେବେ କାମ ହାସଲ କରିବାର ତରିକା ଯେ ତାଙ୍କୁ ଭଲଭାବେ ମାଲୁମ ତାହା ବେଶ୍ ଭଲଭାବେ ବୁଝାପଡ଼େ।

ଠିକ୍ ସମୟରେ ପ୍ରାପ୍ୟ ନପାଇବା ସତ୍ତ୍ୱେ ସମର୍ପିତ ଭାବେ କାମ କରୁଥିବା କର୍ମଚାରୀ ଯଦି ପ୍ରଥମୋକ୍ତ ପରିଚାଳନା କର୍ତ୍ତୃପକ୍ଷଙ୍କ ପାଖରେ କାମ କରିବାର ସୁଯୋଗ ପାଇବେ ସେଠି କ'ଣ ତାଙ୍କର ସେଇ ସମର୍ପଣ ଭାବ ଦେଖିବାକୁ ମିଳିବ? ଆଦୌ ନୁହେଁ । ତା'ର କାରଣ ହେଲା, ପ୍ରାପ୍ୟକୁ ଇଚ୍ଛାକୃତ ଭାବେ ଅଟକାଇ ରଖୁଥିବା କର୍ତ୍ତୃପକ୍ଷଙ୍କୁ ଭଲଭାବେ ଜଣା ଯେ ଠିକ୍ ସମୟରେ ବେତନ ନଦେଲେ ବି ଏମାନେ ନିଷ୍ଠାର ସହ କାମ କରିବେ, କାହିଁକି ନା ସେମାନଙ୍କ ପାଖରେ ସବୁବେଳେ ଥାଏ– 'ମିଳିବାର ଆଶା'। ପ୍ରଥମେ ମାସେ ଗଡ଼େଇବେ, ତା'ପରେ ଦେଢ଼ମାସ, ପରେ ଦୁଇ ତିନିମାସ ଗଡ଼େଇ ମାସକର ପ୍ରାପ୍ୟ ଧରାଇବେ ଅର୍ଥାତ୍ ମାସକର ପ୍ରାପ୍ୟ ପାଇଲା ପରେ ଦୁଇମାସର ପ୍ରାପ୍ୟ ପଡ଼ିରହିବ । ଯଦି ଛାଡ଼ିବାର ଜିଦ୍ କରିବେ ତେବେ ସେତକ ବୁଡ଼ିଯିବା ସାର ହେବ । କାଳେ ମିଳିବ ସେଇ ଆଶାରେ ପଡ଼ିରହନ୍ତି ସେମାନେ । ଖାଲି ଯେ ପଡ଼ିରହନ୍ତି ତା' ନୁହେଁ ବରଂ କର୍ତ୍ତୃପକ୍ଷଙ୍କୁ ଖୁସି କରିବା ଲାଗି ସୀମା ବାହାରକୁ ଯାଇ ମଧ୍ୟ କାମ କରିବାକୁ ପଛାନ୍ତିନି । ଠିକ୍ ସମୟରେ ଠିକଣା ପ୍ରାପ୍ୟ ଦେଉଥିବା ସଂସ୍ଥାର ବେତନ ତୁଳନାରେ ଯଦି କିଛି ଅଧିକ ପରିମାଣର ଅର୍ଥ ମିଳିଲା ତେବେ ସେତକ ପାଇବା ଆଶାରେ ଅନେକେ ଦ୍ୱିତୀୟ ବର୍ଗର ସଂସ୍ଥା କର୍ତ୍ତୃପକ୍ଷଙ୍କ ପାଖରେ ଚକ୍କର କାଟନ୍ତି, ପ୍ରାପ୍ୟ ପଡ଼ିରହିଲା ପରେ ମୁଣ୍ଡରେ ହାତ ଦିଅନ୍ତି । ନପାଇଲେ ନା କହିପାରନ୍ତି, ନା ସହିପାରନ୍ତି । ଏଇ ଅବସ୍ଥା ଗୋଟିଏ ବା ଦୁଇଟି ନୁହେଁ ଅନେକ ସଂସ୍ଥାରେ।

ବାହାରକୁ ଚକାଚକ୍ ଦେଖାଯାଉଥିବା ଓ ସଂସ୍ଥା ଆକର୍ଷଣୀୟ ବେତନ ଦେବାର ପ୍ରତିଶ୍ରୁତି ଦେଇ ବଜାରରୁ ଛାଣି ଆଣୁଥିବା ଲୋକଙ୍କ କ୍ଷେତ୍ରରେ ଏହିପରି ଘଟଣା ପ୍ରାୟତଃ ଦେଖିବାକୁ ମିଳେ ।

କର୍ମଚାରୀ ଜଣକ ପଚାରିଲା– ଯଦି ଏଇ ଧାରା ଜାରି ରହେ ତେବେ ଆଗକୁ ଲୋକେ କରିବେ କ'ଣ?

ମୁଁ କହିଲି– ଲୋଭରୁ ପାପ ପାପରୁ ମୃତ୍ୟୁ । ଯିଏ ପ୍ରାପ୍ତିରେ ଖୁସି ହେବ ଓ ଯେତିକି ବି ମିଳୁ ଠିକ୍ ସମୟରେ ପାଉଥିବାର ନିଶ୍ଚିତ ହେବ ସେକ୍ଷେତ୍ରରେ ବରଂ ଅଗ୍ରାଧିକାର ଦେଇ ଆଗକୁ ବଢ଼ିବା ଉଚିତ୍ । ଆଉ ଯଦି ଅଧିକ ପାଇବା ଆଶାରେ କିଏ ବାହାର ଚାକଚକ୍ୟ ଦେଖି ଭିତରେ ପଶିଲା ସେ ଆଗକୁ ଫଶିବା ନିଶ୍ଚିତ।

ଯଦି ଗୋଟିଏ ମାସର ବେତନ ଠିକ୍ ସମୟରେ ନମିଳିଲା ତେବେ ଆଉ ଅଧିକ ଆଶାରେ ଅଧିକ ଦିନ ପଡ଼ି ରହି କ୍ଷତିଗ୍ରସ୍ତ ହେବା ଅପେକ୍ଷା ରାସ୍ତାକାଟି ଚାଲିଯିବା ବରଂ ଭଲ । ତାହା ନକରି ଯେଉଁମାନେ ଅଧିକ ପାଇବା ଆଶାରେ ଦିନ ଗଡ଼ାଇ ଚାଲନ୍ତି ସେମାନେ ଠକିବା ସାର ହୁଏ।

ଏଇକ୍ରମରେ ଜଣେ ପରିଚିତ ଯୁବକଙ୍କ କଥା ମନେପଡ଼େ। ସେ ଦିନେ କଥା ପ୍ରସଙ୍ଗରେ କହିଲା–ଏକ ଘରୋଇ ସଂସ୍ଥାର ମାଲିକ ଉଭୟ ରାଜନୈତିକ ଓ ପ୍ରଶାସନିକ କାରଣରୁ ଭୀଷଣ ଚାପରେ ଥିଲେ। ଖବର ପାଇଲେ ସେଇ ଯୁବକଟି ସହ ପ୍ରଶାସନିକ ମୁଖିଆଙ୍କର ଭାରି ଭଲ ସମ୍ପର୍କ । ସ୍ନେହବୋଳା କଥା କହି ଯୁବକଜଣଙ୍କୁ କରାୟତ୍ତ କଲେ ଘରୋଇ ସଂସ୍ଥାର ମାଲିକ । ତା' ଜରିଆରେ ପ୍ରତିକୂଳ ପରିସ୍ଥିତିରେ ପ୍ରଶାସନିକ କଳରୁ ଅନେକ କିଛି ଅଦାୟ କରିନେଲେ। ପ୍ରତିବଦଳରେ ଅଳ୍ପ କିଛି ପ୍ରାପ୍ୟ ଦେଇ ସମର୍ପିତ ଯୁବକଟିକୁ ଝୁଲାଇ ରଖିଲେ ସେ। ମାସ ପରେ ମାସ, ବର୍ଷ ପରେ ବର୍ଷ ଗଡ଼ିଚାଲିଲା। ଇତିମଧ୍ୟରେ ସମୟର ପରିବର୍ତ୍ତନ ସାଙ୍ଗକୁ ସ୍ଥିତି ବି ବଦଳିଲା। ଦୋହଲୁଥିବା ସଂସ୍ଥାର ମୂଳଦୁଆ ମଜଭୁତ ହେଲା। ଆଉ ସେତେବେଳେ ସାହାରା ଦେଇଥିବା ଯୁବ କର୍ମଚାରୀଙ୍କର ଆବଶ୍ୟକତା ପୂର୍ବଭଳି ଆଉ ଅନୁଭୂତ ହେଲାନି। ଇନ୍‌ସେନ୍‌ଟିଭ୍ ତ ଦୂରର କଥା ବେତନ ବାବଦରେ ତିନିମାସର ପ୍ରାପ୍ୟ ମଧ୍ୟ ମିଳିଲାନି ତାଙ୍କୁ । ସେତକ ଛାଡ଼ି ଆସିବାକୁ ବାଧ ହେଲା ସେ । ଆସିଲା ବେଳେ ଭାବୁଥାଏ– ଲୋକଟି କେତେ ବଡ଼ ଠକ ପ୍ରକୃତିର!! କାମ ଥିଲାବେଳେ ସ୍ନେହବୋଳା କଥା କହି ପାଖକୁ ଟାଣିନେଲା, ମୋ' ଜରିଆରେ ସବୁକିଛି ହାସଲ କରିନେଲା ସେ। କାମ ସରିଗଲା ପରେ ଚିତାକାଟି ଆଉ ଧରାଛୁଆଁ ଦେଉନି । କିଏ ବା କିପରି ଏପରି ମଣିଷର ଆଗୁଆ ମୂଲ୍ୟାୟନ କରିପାରିବ?

ଯୁବକଜଣକ ଏବେ ବ୍ୟକ୍ତିଗତ ସ୍ତରରେ ଯଦିଓ ନିଜକୁ ସମ୍ଭାଳି ନେଇଛି କିନ୍ତୁ ସେ ସମୟର ଠକାମିକୁ ଏଯାଏ ଭୁଲିପାରିନି ସେ ।

ଯେଉଁମାନେ ଠିକ୍ ସମୟରେ ଠିକଣା ପ୍ରାପ୍ୟ ଦେଇ କର୍ମଚାରୀମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରନ୍ତି ସେମାନେ ଏଇ ଆଚରଣ ଦ୍ୱାରା ଭୁଲ୍ କରନ୍ତିନି କେବେ। ବରଂ ଭୁଲ୍ କରନ୍ତି ସେଇମାନେ ଯେଉଁମାନେ ଉଚିତ୍ ପ୍ରାପ୍ୟ ଉଚିତ୍ ସମୟରେ ପାଇ ମଧ୍ୟ ସଂସ୍ଥା ଓ ସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତି ଅନୁରକ୍ତି ନ ରଖନ୍ତି ବା ସମର୍ପିତ ଭାବେ କାମ ନକରନ୍ତି । ସେହିପରି ଯେଉଁମାନେ ଅନ୍ୟର ଉଚିତ୍ ପ୍ରାପ୍ୟକୁ ନଦେଇ ଠକି ଚାଲନ୍ତି ସେମାନେ ଯେ ଏଇ ଆଚରଣ ଦ୍ୱାରା ଗୋଟେ ବଡ଼ କାମ କରନ୍ତି ତାହା କୁହାଯାଇପାରିବ ନାହିଁ, ବରଂ ଏପରି ଧୋକା ଦେବା କାରଣରୁ ସେମାନଙ୍କୁ ଭବିଷ୍ୟତରେ ଚଢ଼ା ମୂଲ୍ୟ ଦେବାକୁ ପଡ଼େ । ହଜାରରେ ଠକିଥିଲେ ଲକ୍ଷରେ ଟଙ୍କା ଗଣିବାକୁ ପଡ଼େ ହସ୍ପିଟାଲରେ। ଏହା ଆଗରୁ ଘଟିଛି, ଆଗକୁ ବି ଅନେକଙ୍କ କ୍ଷେତ୍ରରେ ଘଟିବ ଏଥିରେ ସନ୍ଦେହ ନାହିଁ ।

# ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଓ ତାଙ୍କ ଗ୍ରନ୍ଥାବଳୀ

■ ଡ. ଅମୂଲ୍ୟ କୁମାର ପଣ୍ଡା ■

ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରୁ ଷୋଡଶ ଶତାବ୍ଦୀର ସତୁରୀ ଦଶକ ପର୍ଯ୍ୟନ୍ତ ପଞ୍ଚସଖା ସନ୍ଥମାନେ ଅର୍ଥାତ୍ ଅଚ୍ୟୁତାନନ୍ଦ ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ଓଡ଼ିଶାରେ ପ୍ରାଚୀନ ସନାତନ ଧର୍ମର ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱକୁ ଅତ୍ୟନ୍ତ ସହଜ, ସରଳ ତଥା ପ୍ରାଞ୍ଜଳ ଭାଷାରେ ବିଭିନ୍ନ ପୋଥି, ମାଳିକା, ଟୀକା, ଗୀତା ଓ ସଂହିତା ରଚନା ମାଧ୍ୟମରେ ସାଧାରଣ ଜନଜୀବନକୁ ପ୍ରଭାବିତ କରିଥିଲେ । ଏହି ପଞ୍ଚସଖା ସନ୍ଥମାନଙ୍କ ମଧ୍ୟରେ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଥିଲେ ଅନ୍ୟତମ । ସେ ୧୫୧୦ ମସିହା ମାଘ ଶୁକ୍ଳ ଏକାଦଶୀ ତିଥିରେ କଟକ ଜିଲ୍ଲା ତିଳକଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କେହି କେହି ତାଙ୍କୁ ଅବତାରୀ ପୁରୁଷ ବୋଲି ବର୍ଣ୍ଣନା କରିଥିବା ବେଳେ ତାଙ୍କର ଜନ୍ମ ବୃତ୍ତାନ୍ତକୁ ନେଇ ଭିନ୍ନ ଭିନ୍ନ ମତ ରହିଛି । କେହି ତାଙ୍କୁ ଗୋପାଳ ବଂଶଜ ବୋଲି ଗ୍ରହଣ କରନ୍ତି ତ, କେହି କ୍ଷତ୍ରିୟ କୁଳର ବୋଲି କହନ୍ତି । ଐତିହାସିକ, ଓଡ଼ିଆ ସାହିତ୍ୟ ଗବେଷକ ସ୍ୱର୍ଗତ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଭିନ୍ନ ମତ ରହିଛି । କିନ୍ତୁ, ଚୈତନ୍ୟ ଭାଗବତ ରେ କୁହାଯାଇଛି : ସୁଦାମା ଅଚ୍ୟୁତ ହୋଇଣ, ଜନ୍ମିଲେ ମହାନ୍ତି କୁଳେଣ । ଅର୍ଥାତ୍, ଅଚ୍ୟୁତାନନ୍ଦ କରଣ କୁଳରେ ଜନ୍ମ ନେଇଥିଲେ । ତେବେ ଯାହା ହେଉନା କାହିଁକି, ପତିତ ଓ ଅବହେଳିତ ବର୍ଗର ଲୋକଙ୍କ ସାମାଜିକ ଉତ୍ଥାନ ପାଇଁ ସେ ଉଦ୍ୟମ କରିଥିବା ତାଙ୍କ ରଚନାମାନଙ୍କରୁ ସ୍ପଷ୍ଟ ଜଣାପଡ଼େ । ତନ୍ମଧ୍ୟରୁ ତାଙ୍କ ରଚିତ ଗୋପାଳଙ୍କ ଓଗାଳ ଓ କୈବର୍ତ୍ତ ଗୀତା ଅନ୍ୟତମ ଉଦାହରଣ ବୋଲି କୁହାଯାଇପାରେ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଷୋଡ଼ଶ ଶତାବ୍ଦୀର ପ୍ରମୁଖ ଓଡ଼ିଆ ସନ୍ଥ, କବି, ଦାର୍ଶନିକ ଏବଂ ତତ୍କାଳୀନ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ । ସେ ଆନୁମାନିକ ୧୬ଶ ଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି । ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶିତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ 'ମହାପୁରୁଷ' ଭାବେ ଲୋକେ ଅଭିହିତ କରନ୍ତି ।

ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ କରଣ ପରିବାରରେ ଜନ୍ମଲାଭ କରିଥିଲେ । ତାଙ୍କ ପୂର୍ବ ପୁରୁଷଙ୍କ ସଂଜ୍ଞା ମହାନ୍ତି ଥିଲା କିନ୍ତୁ ତାଙ୍କ ପିତା ଦୀନବନ୍ଧୁ ମହାନ୍ତି ଗଜପତି ପ୍ରତାପରୁଦ୍ର ଦେବଙ୍କ ଶାସନରେ ଖୁଣ୍ଟିଆ ପାହ୍ୟାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିତାଙ୍କୁ ଖୁଣ୍ଟିଆ ସଂଜ୍ଞା ମିଳିଥିଲା । ଅଚ୍ୟୁତାନନ୍ଦ ଦାସ ତାଙ୍କ ବଂଶ ବିଷୟରେ ବର୍ଣ୍ଣନା କରିବାବେଳେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପିତା ପୁରୀର ଜଗନ୍ନାଥ ମନ୍ଦିରରେ ନିଯୋଜିତ କରଣ ସେବାୟତ ହୋଇଥିବାବେଳେ ତାଙ୍କ ଜେଜେବାପା ଗୋପୀନାଥ ମହାନ୍ତି ଗଜପତି ରାଜାମାନଙ୍କର ମୁଖ୍ୟ ଉପଦେଶକାର ଛାମୁ କରଣ ଭାବରେ କାର୍ଯ୍ୟରତ ଥିଲେ । ଅଚ୍ୟୁତାନନ୍ଦ ତାଙ୍କ ସମୟର ଏକ ସମ୍ଭ୍ରାନ୍ତକରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସତ୍ତ୍ୱେ ସେ କେଉଟ ଏବଂ ଗୌଡ଼ ପରି ସମ୍ପ୍ରଦାୟ ସହ ଜଡ଼ିତ ଥିଲେ ଏବଂ ଓଡ଼ିଆ ସମାଜରେ ସେମାନଙ୍କର ସାମାଜିକ ସ୍ଥିତିକୁ ସୁଧାରିବା ପାଇଁ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅନେକ ଗ୍ରନ୍ଥ ଲେଖିଥିଲେ । ଉପରୋକ୍ତ ସମ୍ପ୍ରଦାୟଗୁଡ଼ିକ ଅଚ୍ୟୁତାନନ୍ଦ ଦାସଙ୍କୁ ସେମାନଙ୍କ ପୃଷ୍ଠପୋଷକ ଭାବେ ବିବେଚନା କରନ୍ତି । ସେ ନିଜ ରଚନା ଶୂନ୍ୟସଂହିତାରେ ସେ ପୂର୍ବ ଜନ୍ମରେ ସୁଦାମା ହୋଇଥିବାର ଉଲ୍ଲେଖ କରିଛନ୍ତି । ତାଙ୍କ ନିଜ ଲେଖାରୁ ତାଙ୍କର ଚୈତନ୍ୟଙ୍କ ସହ କିପରି ଭେଟ ହୋଇଥିଲା ବର୍ଣ୍ଣନା ରହିଛି । ସେ ଲେଖିଛନ୍ତି – ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ଦାଣ୍ଡରେ ଯେ ଆସି / ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ଝାସି ।

ଅଚ୍ୟୁତାନନ୍ଦଙ୍କ ୩୦୦୦ ଭକ୍ତ ବା ଶିଷ୍ୟ ଥିଲେ । ଏହି ଭିତରୁ ଉତ୍ତମ ଶିଷ୍ୟ ୫୦୦ । ପ୍ରାଚୀକୂଳରେ ଅଚ୍ୟୁତଙ୍କ ୧,୦୦୦ ଭକ୍ତ ଥିଲେ । ଅନନ୍ତପୁର ଶାସନର ଶର୍ମ୍ମା ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପତି, ଗଣକକୁଳ କାହ୍ନୁଙ୍କ ପୁତ ପରୀକ୍ଷିତ, ଯାଜପୁର ବନ୍ଧୁ ମହାନ୍ତି ଆଦି ଦାସଙ୍କ ପ୍ରମୁଖ ଶିଷ୍ୟ ଥିଲେ । ସେତେବେଳେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ । ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭ୍ରୁକ୍ଷେପ ନ ଥିଲା । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା । ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାଙ୍ଗିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ । ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ । ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି । ଅଚ୍ୟୁତାନନ୍ଦ ନିରାକାର ଭଜନର ମହତ୍ତ୍ୱ ବିଷୟରେ ବାରମ୍ବାର ଲେଖିଛନ୍ତି । ମୋହ ଶପଥ ତୋତେ ଆହୋ ବାବୁ / ଏ ଭଜନ ସୂତ୍ର ସୂତ୍ରେ ଭଜିବୁ । କିଏ କାହାର ମିଥ୍ୟା ଯେ ସଂସାର / ଆପେ ତରିଲେ ଆଉ କେ କାହାର ।

ଆପକୁ ଆପେ ଚିହ୍ନିଲେରେ ବାବୁ । କାଳେ କାଳେ ଅଜାମର ହୋଇବୁ ଛନ୍ଦ ସୁଖେ ପାରିହେବୁ ଭବସାଗର / ବୁଲିଗଲା ପ୍ରାୟେ ଯିବ ଶରୀର। ଅଚ୍ୟୁତାନନ୍ଦ ଜାତିଭେଦରେ ବିଶ୍ୱାସ ରଖୁନଥିଲେ । ସେଥିପାଇଁ ସେ ଲେଖିଥିଲେ – ହେଲେ ଜାତି ହୀନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ/ କଳିକତରା ଯେ ପଙ୍କରେ ବୁଡ଼ିଲେ ପଙ୍କ ନ ଲାଗଇ ଦେହେ ।

ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ସଂଖ୍ୟାଧିକ ରଚନାବଳୀ ମଧ୍ୟରେ ୩୬ଟି ସଂହିତା, ୭୮ଟି ଗୀତା, ୨୭ଟି ହରିବଂଶାଦି ଚରିତ, ୧୨ଟି ଉପବଂଶ ଚରିତ, ୧୦୦ଟି ପୁରାଣ ବା ମାଳିକା ଲେଖିଛନ୍ତି । ଏହା ସହିତ ସେ ଅନେକ ଭଜନ ଚୌପଦୀ ଲେଖିଛନ୍ତି । ପୂରଣ ମଧ୍ୟରେ ହରିବଂଶ, ମାଳିକା, ଆଗତ–ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା, ଗୀତା, ଗୁରୁଭକ୍ତି ଗୀତା, ବ୍ରହ୍ମ ଏକାକ୍ଷର ଗୀତା, ଶୂନ୍ୟ ଗୀତା, କୈବର୍ତ୍ତ ଗୀତା, କଳିଯୁଗ ଗୀତା, ଗରୁଡ଼ ଗୀତା, ଉପଦେଶଚକ୍ର ଗୀତା, ମଣିବନ୍ଧ ଗୀତା. ଆଦିବ୍ରହ୍ମ ଗୀତା, ଆଦିଲିଳା ଗୀତା, ଭକ୍ତଲୀଳା ଗୀତା, ଶୂନ୍ୟ ସଂହିତା, ଅଣାକାର ସଂହିତା, ବଟ ସଂହିତା, ଅମରକୁମର ସଂହିତା, ଛାୟା ସଂହିତା, ଅବାଡ଼ ସଂହିତା, ଜ୍ୟୋତି ସଂହିତା, ଅନାହତ ସଂହିତା, ବୀଜ ସଂହିତା, ବ୍ରହ୍ମ ସଂହିତା, ନିତ୍ୟ ରାହାସ, ମହାନିତ୍ୟ ରାହାସ, ଶୂନ୍ୟ ରାହାସ, ଠୂଳଶୂନ୍ୟ ରାହାସ, ରାଧା ରାସ, ଦୁତୀ ରାହାସ, ବୃନ୍ଦା ରାହାସ, ପରମ ରାହାସ, ଅନନ୍ତ ରାସ, ପଦ୍ମବନ ରାସ, ବର୍ଣ୍ଣ ଟୀକା, କଞ୍ଜ ଟୀକା, ଚନ୍ଦ୍ରକଞ୍ଜ ଟୀକା, ପଦ୍ମକଞ୍ଜ ଟୀକା, ଛୟାଳିଶ ପଟଳ, ଚବିଶ ପଟଳ, ଷୋଡ଼ଶ ପଟଳ, ଅଷ୍ଟ ଗୁଜ୍ଜର, ନବ ଗୁଜ୍ଜର ଆଦି ବହୁ ସଂଖ୍ୟାରେ ଅନେକ କିଛି ରଚନା କରି ଯାଇଛନ୍ତି ଯାହାକି ଏବେବି ପତିତ ମାନବର ଉଦ୍ଧରଣ ପାଇଁ ମାର୍ଗ ଦର୍ଶନ କରିଚାଲିଛି ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ – ୮୨୪୯୫୦୨୭୭୬

# ସତ୍ୟଯୁଗରୁ ପାଳିତ ହେଉଛି ଭୌମୀ ଏକାଦଶୀ

■ ଉତ୍କଳାନନ୍ଦ ଅଜୟ କୁମାର ବେହେରା ■

ମାଘ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଭୈମୀ ଏକାଦଶୀ ବା ଜୟା ଏକାଦଶୀ କୁହାଯାଇଥାଏ । ଶ୍ରଦ୍ଧାପୂର୍ବକ ଏହି ଏକାଦଶୀ ବ୍ରତ କଲେ ବ୍ରହ୍ମହତ୍ୟା ଭଳି ପାପରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଓଡ଼ିଶାର ଆଧ୍ୟାତ୍ମିକ ଜନଜୀବନରେ ଭୌମୀ ଏକାଦଶୀର ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି । ଏହି ଦିନ ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥି । ଏହି ଦିନରେ ଜୟା ଏକାଦଶୀ ନାମରେ ବ୍ରତ ମଧ୍ୟ ପାଳନ କରିଥାନ୍ତି । ପୌରାଣିକ କାହାଣୀର ତଥ୍ୟ ଅନୁଯାୟୀ ସତ୍ୟଯୁଗରୁ ଏହି ବ୍ରତ ପାଳନ ହୋଇ ଆସୁଅଛି । ବାସବ (ଇନ୍ଦ୍ର)ଙ୍କର ଅଭିଶାପ ପାଇ ମାଲ୍ୟବନ୍ତ ଓ ପୁଷ୍ପଦନ୍ତୀ ପିଶାଚ ଓ ପିଶାଚିନୀ ହୋଇଥିଲେ । ସେମାନେ ଅଭିଶାପ ପାଇ ଏହାର ମୁକ୍ତି ନିମନ୍ତେ ଆହାର–ନିଦ୍ରା–ମୈଥୁନ ପରିତ୍ୟାଗ କରି ଭକ୍ତି ଓ ନିଷ୍ଠାର ସହିତ ଶ୍ରୀବିଷ୍ଣୁଙ୍କୁ ଧ୍ୟାନ କଲେ । ସେଦିନ ଥିଲା ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥି । ଅନ୍ତର୍ଯ୍ୟାମୀ ନାରାୟଣ ଶ୍ରୀବିଷ୍ଣୁ ଆବିର୍ଭୂତ ହୋଇ ଆଶୀର୍ବାଦ କଲେ ଏବଂ ଅଭିଶାପରୁ ମୁକ୍ତି ହେଲ ବୋଲି କହିଲେ । ଏହାଶୁଣି ପିଶାଚ ପିଶାଚୁଣୀ କୃତକୃତ୍ୟ ହେଲେ । ଶେଷରେ ଏହି ବ୍ରତ ପାଳନ କରି ମୁକ୍ତ ହୋଇଥିଲେ ଓ ଦେହାନ୍ତେ ସ୍ୱର୍ଗବାସୀ ହୋଇଥିଲେ ।

ସେହିଦିନଠାରୁ ଏହି ବ୍ରତ ସମଗ୍ର ସଂସାରରେ ପାଳିତ ହୋଇଆସୁଅଛି । ନିଷ୍ଠା ଓ ଭକ୍ତିର ସହ ଉପବାସ ରହି ପାଳନ କରିବା ହେଉଛି ଏହି ବ୍ରତର ମୁଖ୍ୟ ବିଧି ଓ ବିଧାନ । ଦଶମୀ ଓ ଦ୍ୱାଦଶୀରେ ସ୍ନାନପୂର୍ବକ ହବିଷ ଭୋଜନ କରି ଏହି ଏକାଦଶୀରେ ଉପବାସ ରହି ବିଷ୍ଣୁଙ୍କ ନାମକୁ ସ୍ମରଣ କରିବା ହେଉଛି ଭୌମୀ ଏକାଦଶୀର ମୁଖ୍ୟ ଆଧ୍ୟାତ୍ମିକ ମହତ୍ତ୍ୱ । ଏହି ବ୍ରତର ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀବିଷ୍ଣୁ । ଏହି ବ୍ରତର ମାହାତ୍ମ୍ୟ ହେଉଛି ବ୍ରତ ପାଳନ କଲେ ସକଳ ପାପ ଦୂର ହୁଏ । ବିପ୍ର ହତ୍ୟା ଆଦି ମହାପାପରୁ ମୁକ୍ତି ମିଳେ । ସକଳ କାର୍ଯ୍ୟରେ ମଙ୍ଗଳ ତଥା ବିଜୟ ହୁଏ । ଶାସ୍ତ୍ରରେ କୁହାଯାଇଛି ଯେ ଏହି ଏକାଦଶୀରେ ଭଗବାନ ବିଷ୍ଣୁଙ୍କୁ ଭକ୍ତି ପୂର୍ବକ ଆରାଧନା କରିବା ଉଚିତ। ମନରେ ଦ୍ୱେଷ, ଛଳ–କପଟ, କାମ ଓ ଲାଳସା ଆଦି ଭାବନା ରହିବା ଉଚିତ ନୁହେଁ। ନାରାୟଣ ସ୍ତୋତ୍ର ଏବଂ ବିଷ୍ଣୁ ସହସ୍ରନାମ ପାଠ କରିବା ଆବଶ୍ୟକ। ଏହି ପ୍ରକାରରେ ଜୟା ଏକାଦଶୀ ବ୍ରତ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି। ଆମ ଓଡ଼ିଆ ଆଧ୍ୟାତ୍ମିକ ସଂସ୍କୃତିରେ ଏହି ଦିନଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛି । ପୁରୀ ଶ୍ରୀ ମନ୍ଦିରରେ ଏହି ଦିନ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରୀତିନୀତି ରହିଛି । କେହି କେହି ଭକ୍ତଜନ ଆନନ୍ଦ ବଜାରରେ ଅସହାୟ ଓ ବ୍ରାହ୍ମଣ ମାନଙ୍କୁ ମହାପ୍ରସାଦ ସେବା ବ୍ରତ କରିଥାନ୍ତି। ଭୌମ ଏକାଦଶୀ ହିନ୍ଦୁ ଆର୍ଯ୍ୟ ସନାତନ ସଂସ୍କୃତିର ଏକ ସ୍ମରଣୀୟ ତିଥି କହିଲେ ଅତ୍ୟୁକ୍ତି ହେବନାହିଁ ।

ମୋ. ୯୪୩୭୦୩୧୨୫୩

# ଇୟର ୱାର୍ମକୁ ନେଇ ସମସ୍ୟା

■ ନାରାୟଣ ଚନ୍ଦ୍ର ବିଶ୍ୱାଳ ■

ସାଧାରଣତଃ ଇଂରାଜୀ ଶବ୍ଦରେ 'ୱାର୍ମ' ଅର୍ଥ କୀଟକୁ ବୁଝାଏ। କିନ୍ତୁ ଆମେ ଏଠାରେ ଉଲ୍ଲେଖ କରୁଥିବା ଇୟର ୱାର୍ମ କହିଲେ ଏଠାରେ କାନ କୀଟ ନୁହେଁ । ଅସଲରେ ଅନେକ ସମୟରେ କାମରେ ମନ ଲଗାଇବାକୁ ଚେଷ୍ଟା କରୁଥିବାବେଳେ ମସ୍ତିଷ୍କରେ କୌଣସି ଗୀତର ଧାଡ଼ି ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ। ନଚେତ ଦିନରେ କେତେବେଳେ ଥରଟିଏ ଶୁଣିଥିବା ଗୀତର ଧୁନ ସାରାଦିନ କାନରେ ବାଜୁଥିବା ପରି ଅନୁଭବ କରିହୁଏ । ଏସବୁ ମସ୍ତିଷ୍କରେ ଘଟୁଥିବା ଘଟଣା ଯାହାକୁ ଇୟର ୱାର୍ମ ବୋଲି କହନ୍ତି । ଗବେଷଣାରୁ ଜଣାଯାଇଛି, ୯୦%ରୁ ଅଧିକ ଲୋକ ସପ୍ତାହକୁ ଅନ୍ତତଃ ଥରେ ଏହି ଇୟର ୱାର୍ମ ସ୍ଥିତି ଅନୁଭବ କରିଥାନ୍ତି । ତେବେ ୬୦%ରୁ ଅଧିକ ଲୋକଙ୍କ ଠାରେ ଏହା ଦୈନନ୍ଦିନ ଶୁଣାଯାଇଥାଏ । ବିଶେଷକରି ଅଧିକ ଗୀତ ଶୁଣୁଥିବାଲୋକେ ଏହାକୁ ବେଶୀ ଅନୁଭବ କରୁଥିବା ଜଣାଯାଇଛି ।

ଯେତେବେଳେ ଜଣେ ଗୀତ ଶୁଣନ୍ତି ଏବଂ ଯେଉଁ ସମୟରେ ମସ୍ତିଷ୍କରେ ଗୀତ ବାଜୁଥିବା ପରି ଲାଗେ ଉଭୟ ସମୟରେ ମସ୍ତିଷ୍କ ପ୍ରାୟ ଏକା ପ୍ରକାର କାର୍ଯ୍ୟ କରୁଥାଏ। ଏହି ସ୍ୱର ବାହାରୁ ଆସେନାହିଁ ବରଂ ମସ୍ତିଷ୍କର କଳ୍ପନାରୁ ସୃଷ୍ଟି ହୋଇଥାଏ। ମସ୍ତିଷ୍କର ଅଡିଟରୀ ଆସୋସିଏସନ କର୍ଟେକ୍ସ ଏ କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଥାଏ। ଏହି ଭାଗଟି ସଙ୍ଗୀତ ବୁଝିବା ଏବଂ ମନେ ରଖିବାରେ ସହାୟକ ହୋଇଥାଏ। ଇୟର ୱାର୍ମ ସିଧା ମସ୍ତିଷ୍କର ୱାର୍କିଂ ମେମୋରୀରେ ପ୍ରବେଶ କରିଥାଏ। ଏହି ମେମୋରୀ ମୋବାଇଲ ନମ୍ବର ତଥା ହିସାବପତ୍ର ପରି ଚଟାପଟ ତଥ୍ୟ ମନେରଖିବାରେ ସହାୟତା କରୁଥିବାରୁ ଏଠାରେ ଗୀତ ଅଟକିଯିବା ଦ୍ୱାରା ମଣିଷ ଅନ୍ୟ ତଥ୍ୟ ଠିକ ଭାବେ ମନେ ରଖିପାରୁନଥିବା ଗବେଷଣାରୁ ଜଣାଯାଇଛି। ବିଶେଷଜ୍ଞଙ୍କ ମତରେ, ଚୁଇଂଗମ ଚୋବାଇବା ଦ୍ୱାରା ଗଳାର ମାଂସପେଶୀ ସକ୍ରିୟ ହୁଏ ଏବଂ ମସ୍ତିଷ୍କ ଅନ୍ତର୍ନିହିତ ସ୍ୱର ଭାଙ୍ଗିଯାଏ। ଏହା ସହିତ ଅନ୍ୟ କୌଣସି ସଙ୍ଗୀତ ଶୁଣିବା କିମ୍ବା ଅନ୍ୟ କାମରେ ଧ୍ୟାନ ଲଗାଇବା ଦ୍ୱାରା ଇୟର ୱାର୍ମର ପ୍ରଭାବରୁ ମୁକ୍ତି ପାଇପାରିବେ। ଇୟର ୱାର୍ମ କ୍ଷତିକାରକ ନୁହେଁ କିମ୍ବା ଲାଭଦାୟକ ମଧ୍ୟ ନୁହେଁ। ତେବେ ଯାହାହେଉନା କାହିଁକି ଇୟର ୱାର୍ମ ସହିତ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା କର୍ଣ୍ଣ–ନାସା–ଗଳାର ଏକ ପ୍ରକାର ଭାବଗତ ସମ୍ପର୍କ ରହିଛି।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲା ରୋଡ଼, କଟକ,
ମୋ. ୯୪୩୮୨୭୬୭୬୦



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

କବିତା ଏଇ ସମୟର

## ବାସନ୍ତୀ

● ବିନୟ ମିଶ୍ର



ଚୈତାଳି ମଧୁ ବାସନ୍ତୀ ମଧୁର ମନ୍ଦ୍ର ମଳୟ ସାଥେ,
ଗୋପନ ଗାକ୍ଷେ ହସ୍ତ ପ୍ରସାରି ଛୁଇଁ ଯାଏ କେଉଁ ମତେ,
ହୃଦୟର ଅଳିନ୍ଦରେ,
ଗାଉଛି ସ୍ୱାଗତ ମଧୁଗୀତି ଆଜି ମିଳନ ମଧୁର ସୁରେ ।୧ ।

ଉଷ୍ଣତା ଭରି ଆନମନା କରେ କମ୍ପନ ଆଣେ ମନେ,
ବିରହ ଦୀପିକା ଆବେଗ ସଳିତା ଭିଜା ସ୍ନେହ ଅନୁକ୍ଷଣେ,
ହୃଦୟର କାନ୍ଥିକାରେ,
ବିରହେ ଜଳୁଛି ଥମ ଥମ ହୋଇ ବିଚ୍ଛେଦ ଆଶଙ୍କାରେ ।୨।

ଗୋପନେ ସାଇତା ଅତୀତର ସ୍ମୃତି କଳଙ୍କ କଜଳପାତି,
ସନ୍ଦେହରକୀଟ ପ୍ରିତୀ ସୁମନରୁ ନେଲାଣି କେତେ ସାଉଁଟି,
ଭ୍ରମରେ ଭ୍ରମର ମନ,
ପ୍ରତୀକ୍ଷାରେ କୁଞ୍ଜେ ମଧୁମାଲତୀର କରି କେତେ ଅଭିମାନ।୩।

ଥୁରୁ ଥୁରୁ ଶୀତେ ହିମ କାକରିଆ ଉଗ୍ର ଅମାନିଆ ହାତ,
ପ୍ରିୟ ଆଗମନେ ଉନ୍ମନା କରେ ଅନେକ ପ୍ରତୀକ୍ଷା ପଥ,
ବିତିଛି ପ୍ରୀତି ଆକ୍ରାନ୍ତେ,
ରଙ୍ଗ ମାଖିଛି ଗୋଲାପୀ ଗୋଲାପ ବିରହିଣୀ ପ୍ରିୟା ଓଠେ ।୪।

କନକ ଗୋରୀ ମୋ କନକ ଚମ୍ପାରୁ କାଷ୍ଠ ଚମ୍ପା ହୋଇ ଝରି,
ସୁନାମାଖି ଦେହ ହଳଦୀ ଦେହରୁ ଧୀରେ ଯାଏ ଅପସରି,
କୋଇଲି ମଧୁର ସ୍ୱରେ,
ତୁତୁ କୋଳି ଡାଳେ ଗୋପନେ ଲୁଚିଛି ନବ ପଲ୍ଲବ ବଉଳେ ।୫।

ମକର କହୁଛି ନକର ଗୋ ମାନ ମିଳନର ମଧୁ ମାସେ,
ଅନିନ୍ଦ୍ୟ ଲପନେ ମୁନି ମନ ଜିଣା ଚକ୍ଷୁ ସମ୍ମୁଖେ ହସେ ।

ମଲ୍ଲୀପୁର, ଗଡ଼ନିଆଳ, ଖୋର୍ଦ୍ଧା
ମୋ.୯୪୩୯୪୩୩୩୩୭

## ଜାଣିବି ସେଦିନ ନୂଆ ବରଷ

● ସୁରଞ୍ଜନ ପାତ୍ର

ଦୁନିଆରେ ସବୁ ବାପା ବୋଉମାନେ
ଯେଦିନ ପାରିବେ ହସି
ସେଦିନ ଜାଣିବି ନୂଆ ବରଷଟେ
ପୃଥିବୀକୁ ଅଛି ଆସି ।୦।

ନାରୀଟେ ଯେଦିନ ବିନା ଅପବାଦେ
ଦେବୀଟିଏ ଯିବ ହୋଇ
ଦରଜା ସେପାଖେ ଭୋକର ଭୂଗୋଳ
ଆଉ କେ' ପଢ଼ିବେ ନାହିଁ ।୧।

ସେଦିନ ଜାଣିବି ନୂଆ ଏ ସକାଳ
ସରଗୁ ପଡ଼ିଛି ଖସି
ଦୁନିଆରେ ସବୁ ବାପା ବୋଉମାନେ
ଯେଦିନ ପାରିବେ ହସି ।୨।

ପୋଡ଼ି ଯାଇଥିବା କ୍ଷେତରୁ ଯେଦିନ
ଦେଖିବି ଚାଷୀର ହସ
ବାରୁଦ ବଦଳେ ଚହଟିବ ଯେବେ
ଫୁଲର ସୁବାସେ ଦେଶ ।୩।

ସେଦିନ ଜାଣିବି ନୂଆ ଅତିଥିଟେ
ପରଷୁଛି ତା'ର ଖୁସି
ଦୁନିଆରେ ସବୁ ବାପା ବୋଉମାନେ
ଯେଦିନ ପାରିବେ ହସି ।୪।

ସୋର, ବାଲେଶ୍ୱର-୪୫
ମୋ-୮୧୧୭୮୦୫୯୫୯

## ଶ୍ରୀମତୀଙ୍କ ସାଜରୁ ଜଣାଯାଏ କି ଋତୁ ଚାଲିଛି



କଥା ଏତିକି

● ସୁନୀଲ ବୋଷ

ଋତୁ ବଦଳେ, ଏକଥା ଜାଣିବା ପାଇଁ କ୍ୟାଲେଣ୍ଡରର ସାହାଯ୍ୟ ନେବାକୁ ପଡ଼େନି ମୋତେ । ମୋ'ଭଳି ଆହୁରି ଅନେକ ବି ଥିବେ ।

ଶ୍ରୀମତୀ କୋଲ୍ଡକ୍ରିମ୍ ପାଇଁ ବରାଦ ଦେଲେ ଜଣାପଡ଼ିଯାଏ ଶୀତ ଆସିଗଲା । ଶ୍ରୀମତୀ ହାତକଟା ବ୍ଲାଉଜ ପିନ୍ଧିବା ଛାଡ଼ି ହାତବାଲା ବ୍ଲାଉଜ୍ ପିନ୍ଧିବାକୁ ଆରମ୍ଭ କଲେ ଜଣାଯାଏ ଶୀତ ତା'ର ସ୍ଥିତି ବେଶ୍ ଜମେଇ ନେଲାଣି । ନହେଲେ ଶ୍ରୀମତୀ ସହଜେ ହାତକଟା ବ୍ଲାଉଜ୍ ଛାଡ଼ିବା ଜନ୍ତୁ ନୁହନ୍ତି ।

ଶ୍ରୀମତୀ ଘରେ ମୋଜା ପିନ୍ଧି ଆତଯାତ ହେଲେ ଶୀତ ମୋତେ ବି କାଟେ । ଶ୍ରୀମତୀଙ୍କ ଫଟା ଗୋଇଠିର ଛୁଆଁ ଯେତେବେଳେ ଅସହ୍ୟ ହୁଏ ସେତେବେଳେ ଶୀତ ଖୁବ୍ ନିଷ୍ଠୁର ହୋଇସାରିଥାଏ । କ୍ୟାଲେଣ୍ଡର ଦେଖିବାକୁ ପଡ଼େନି । ପୌଷ ବୋଲି ଜଣାପଡ଼ିଯାଏ ।

ଶ୍ରୀମତୀ ଗୋଟେ କୋଲ୍ଡକ୍ରିମ୍ ଶେଷ କରି ଆଉ ଗୋଟେ ପାଇଁ ବରାଦ କଲେ ଜଣାପଡ଼ିଯାଏ ଶୀତ ସରି ଆସୁଛି । ଏଥର ସେ ଛୋଟଟେ ଆଣିବାକୁ କହିଥାନ୍ତି । କାରଣ ବଡ଼ଟେ ପାଇଁ ଶୀତ ନାହିଁ ବୋଲି ସେ କହନ୍ତି । ଶୀତ ଫେରିଯିବ କିନ୍ତୁ କୋଲ୍ଡକ୍ରିମ୍ ରହିଯିବ । ଗରମ ପଡ଼ିଲେ କ'ଣ କୋଲ୍ଡକ୍ରିମ୍ ଲଗେଇ ହେବ?

ଶୀତ ବୋଧେ ଫେରିଯାଉଛି । ତେଣୁ ଶ୍ରୀମତୀଙ୍କ ବରାଦ ଛୋଟ କୋଲ୍ଡକ୍ରିମ୍ ପାଇଁ ।

ଶ୍ରୀମତୀ ଯେତେବେଳେ କହିବେ- ଫ୍ୟାନ୍‌ଟା ଟିକେ କମ୍ ସ୍ପିଡ୍‌ରେ ଦେଲେ କେମିତି ହୁଅନ୍ତା? ସେତେବେଳେ ଜାଣିବାକୁ ପଡ଼ିବ ଫାଲ୍‌ଗୁନ ଆସୁଛି ଆଗକୁ । ଶ୍ରୀମତୀଙ୍କୁ ଯେଉଁଦିନ ହାତକଟା ବ୍ଲାଉଜ ସାଜରେ ଦେଖିବାକୁ ମିଳିବ ସେଦିନ କ୍ୟାଲେଣ୍ଡର ଦେଖିଲେ ସେଥିରେ ଚୈତ୍ରମାସ ସ୍ଥିତି ଜମେଇ ନେଇଥିବ ନିଶ୍ଚେ ।

ଶ୍ରୀମତୀ ଯେଉଁଦିନ କହିବେ- ରେନ୍‌କୋଟ୍ ନେଇଛ ତ? କ୍ୟାଲେଣ୍ଡର ନଦେଖି ମଧ ଜାଣିହେବ- ମୌସୁମୀ ଆସୁଛି । କ୍ୟାଲେଣ୍ଡର ଦେଖନ୍ତୁ ଲେଖାଥିବ ଆଷାଢ଼ ।

ଶ୍ରୀମତୀ ମୋତେ ଚାହିଁବେନି ମୁଁ ଭିଜେ ବୋଲି । ବର୍ଷାରେ ଭିଜିଲେ ପୁରୁଣା ସ୍ମୃତି ମନେପଡ଼ିବ ଏକଥା ବି ସିଏ ଜାଣନ୍ତି । କାରଣ ତାଙ୍କର ବି ମନେପଡ଼ିଯାଉଥିବ ତାଙ୍କ ବର୍ଷାରେ ଭିଜିବାର ଦିନସବୁ । କାହା ସହ ଭିଜିଥିଲେ କଲେଜ ବେଳରେ । କାହା ସହ କଫି ପିଇଥିଲେ ସହର ତଳି କଫି ହାଉସ୍‌ରେ ।

ଶ୍ରୀମତୀ ଲମ୍ବା ଛୁଟିରେ ବାପଘରକୁ ଯାଇଥିଲେ ମୋତେ ଜଣାଯାଏନି କି ଋତୁ ଚାଲିଛି ବୋଲି! ସେତେବେଳେ ସବୁ ଋତୁ ବସନ୍ତ ବସନ୍ତ ଲାଗେ ।

ଏବେ ଦିନରେ ଗରମ ଆଉ ରାତିରେ ଶୀତ । ଶୀତ ଯାଉଛି ଗରମ ଆସୁଛି, ଶ୍ରୀମତୀ ଥିଲେ ଜଣାପଡ଼ି ଯାଆନ୍ତାଣି ଏଇଟା କି ଋତୁ, କ୍ୟାଲେଣ୍ଡର ଦେଖିବାକୁ ପଡ଼ନ୍ତାନି । ବୋଧେ ଫାଲ୍‌ଗୁନ ଆସିବ ଆସିବ ହେଲାଣି ? ବଉଳର ବାସ୍ନା ବାଜୁନି ନାକରେ? ଗଛମାନେ ତ ନୂଆପତ୍ର ପାଇଁ ଝାଡ଼ି ଦେଲେଣି ଶୁଖିଲା ପତ୍ରସବୁକୁ ।

ଆଜିକାଲି ପ୍ରକୃତି ଏବଂ କ୍ୟାଲେଣ୍ଡରକୁ ବିଶ୍ୱାସ କରିହେଉନି, ତେଣୁ ଶ୍ରୀମତୀ ବେଶୀ ବିଶ୍ୱାସଯୋଗ୍ୟ । ତାଙ୍କ ପ୍ରସାଧନ ଏବଂ ପରିଧାନରୁ ଋତୁମାନଙ୍କୁ ବେଶ୍ ଅନୁଭବ କରିହୁଏ ।

## ଫୁଲ ଫଗୁଣ

● ଦେଶବନ୍ଧୁ ସ୍ୱାଇଁ



ରାଜଧାନୀ ଆସିବା ପରେ ଅଞ୍ଜନା ଆଉ 'ଅନି' ହୋଇ ରହିଲେନି, ହୋଇଗଲେ ଅଞ୍ଜନା ମ୍ୟାଡାମ୍ । ଅଣ୍ଡର ମାଟ୍ରିକ ବୋଲି ଜାଣିଲେ କାଳେ ଟିଉସନ କରିବାକୁ ପିଲା ମିଳିବେନି ସେଥିଲାଗି ପାଖ ପଡୋଶୀଙ୍କୁ କଥା ଛଳରେ ଜଣାଇଦେଲେ ଯେ ସେ ଆଇ.ଏ. ପାସ୍ କରିଛନ୍ତି ।

ଉଚ୍ଚ ଶିକ୍ଷା ନିମନ୍ତେ କିଛି ଅସୁବିଧା ନଥିଲା ଅଞ୍ଜନାଙ୍କର । ହେଲେ, ଗୋଟିଏ ଛୋଟ ଘଟଣା ତାଙ୍କ ଜୀବନପଥକୁ ପୂରା ଓଲଟାଇ ଦେଲା । ହାଇସ୍କୁଲରେ ତାଙ୍କର ସେଇଟା ଶେଷବର୍ଷ । ଜନୈକ ସହପାଠୀ ସହ ତାଙ୍କର ଚିଠି ଦିଆନିଆ କଥା ପ୍ରଘଟ ହୋଇଯିବାରୁ ତାଙ୍କୁ ଆଉ ସ୍କୁଲକୁ ଛଡ଼ାଗଲା ନାହିଁ ।

ଘଟଣାଟା ଅବଶ୍ୟ ସେମିତି କିଛି ଗୁରୁତର ନୁହଁ । ''ତୁମେ ବହୁତ ସୁନ୍ଦର ଅନି, ତୁମ ରୂପର ତୁଳନା ନାହିଁ । ପଢ଼ିଛି, ସ୍ୱର୍ଗର ଅପସରାମାନେ କୌଣସି କାରଣରୁ ଅଭିଶାପ ପାଇ ମର୍ତ୍ତ୍ୟରେ ଜନ୍ମିଥାଆନ୍ତି । ତୁମେ ବୋଧେ ସେମିତି ଜଣେ ଅଭିଶପ୍ତା ଅପ୍ସରା । ତୁମ ଚାହାଣିରେ ବିଜୁଳିର ଚମକ, ତୁମ ହସରେ ଗୋଲାପର ମହକ ! ଆମର ଜମା ଛୁଟି ହୁଅନ୍ତାନି କି ସର୍ବଦା ତୁମକୁ ପାଖରେ ପାଇବାର ସୌଭାଗ୍ୟ ମୋତେ ମିଳନ୍ତା ।'' ଚିଠି ତ ନୁହେଁ, ଗୋଟେ ମନଛୁଆଁ କବିତା ! ରେସିଙ୍ଗ ସାଇକେଲ ଧରି ସ୍କୁଲ ଆସୁଥିବା ତାଙ୍କର ସେହି ସହପାଠୀଟି ଏକ ଖାତା ଭିତରେ ଲୁଚାଇ ଏଇଟି ଦେଇଥିଲା ତାଙ୍କୁ ।

ସେତେବେଳେ ଅଞ୍ଜନାଙ୍କୁ ଷୋହଳ ଛୁଇଁବ । ଏଇ ସମୟଟା କାଳେ ଝିଅମାନଙ୍କର ଜୁଆରିଆ କାଳ । ରୂପର ପ୍ରଶଂସା ସେ ଜୁଆରକୁ ଆଉ ଟିକେ ବଢ଼ାଇଦେଲା । ଆଗପଛ ନବିଚାରି ପିଲାଟି ଉଦ୍ଦେଶ୍ୟରେ ସେ ବି ଚିଠିଟିଏ ଲେଖିଲେ ଯଥା ସମ୍ଭବ କବିତ୍ୱ ଫୁଟାଇ ।

ଚିଠିଟି ପାଇ ପୁଅଟିର ଆଖି ଏଥର ବେଶୀ ବେଶୀ କଥା କହିଲା । ଏତେ କଥା ଯେ ଅଞ୍ଜନାଙ୍କ ଆଖି ତା' ଭାର ସହିନପାରି ତଳକୁ ହୋଇଯାଉଥିଲା ।

ପଢିସାରି ଚିଠିକୁ ଚିରିଦେବା ଲାଗି ସାଥୀଜଣକ ଲେଖିଥିଲେ ମଧ ଚିରିବାକୁ ତାଙ୍କ ହାତ ଗଲାନି । ସେଥିରେ କି ମିଠା ବୋଳାଯାଇଥିଲା କେଜାଣି, ଜନ୍ଦାଟିଏ ଗୁଡହାଣ୍ଡିକି ଛାଡ଼ି ନପାରିଲା ଭଳି ସେ ବାରମ୍ବାର ତାକୁ ପଢି ବିମୋହିତ ହେଉଥିଲେ ।

ଦିନେ ଅଙ୍କ ଶିକ୍ଷକ କଳାପଟାରେ ଅଙ୍କ ବୁଝାଉଥିଲା ବେଳେ ଅଞ୍ଜନା କଳାପଟାକୁ ଚାହିଁବେ କ'ଣ, ବହି ଭିତରେ ସେହି ଚିଠିଟିକୁ ହାତ ଆଢୁଆଳରେ ରଖି ହଜିଯାଇଥିଲେ ତା'ରି ଭିତରେ । ସାର୍ ଯେ କେତେବେଳେ ଆସି ତାଙ୍କ ପାଖରେ ଠିଆ ହେଲେଣି, ଏ କଥା ପାଖପିଲାଙ୍କ ହସ ଶୁଣି ତାଙ୍କର ହେଜ ପଶିଲା । ଲୁଚାଇବା ପାଇଁ କିଛି ବାଟ ନଥିଲା ଆଉ ।

କାନ ବାଟେ କଥା ଚାଲେ । ଅବିଳମ୍ବେ ଘରଲୋକ ବି ଜାଣିଗଲେ ଏକଥା । ବୋଉ ଯେତେବେଳେ ପଚାରିଲା, ତଳକୁ ମୁହଁପୋତି ଠିଆ ହେବା ଛଡ଼ା ସେ ଆଉ କ'ଣ କହିଥାନ୍ତେ ?

ଗାଲକୁ ଖୁନ୍ଦାଟାଏ ଦେଇ ବୋଉ ଦାନ୍ତ ରଗଡି କହିଲା -ହଇଲୋ ପୋଡାମୁହିଁ, ଆମ ସାତପୁରୁଷରେ ଯେଉଁ କଥା ନଥିଲା, ତୁ ସେଇଆ କଲୁ ? ଏବେ ଯାଇ ଶୁଣୁ, ଗାଁ ମାଇପେ କ'ଣ କହୁଛନ୍ତି ।

ନିନ୍ଦାରୁ ରକ୍ଷା ପାଇବା ଲାଗି ଅଞ୍ଜନାଙ୍କୁ ତୁରନ୍ତ ପଠାଇ ଦିଆଗଲା ମାମୁଘରକୁ । ଉପକୂଳ ଜିଲ୍ଲାରୁ ପୂରା ପଶ୍ଚିମ ଓଡ଼ିଶା । ସେଠିକା ଏକ ସ୍କୁଲରେ ତାଙ୍କ ନାମ ଲେଖାଗଲା ଓ ବର୍ଷକ ପରେ ସେ ମାଟ୍ରିକ ପରୀକ୍ଷା ଦେଲେ ।

ହେଲେ, ଦୁର୍ଯୋଗ ତାଙ୍କ ପିଛା ଛାଡ଼ିଲାନି । ସେ ଦେଇଥିବା ପରୀକ୍ଷାକେନ୍ଦ୍ରର ଫଳ, ସମୂହ କପି ଅଭିଯୋଗରେ ବାତିଲ ହୋଇଗଲା । ବହୁ ହୋହାଲ୍ଲା ପରେ ପିଲାମାନଙ୍କୁ ସପ୍ଲିମେଣ୍ଟାରୀ ଦେବାକୁ ଅନୁମତି ମିଳିଲା ସତ, ଅଞ୍ଜନା କିନ୍ତୁ ନିଶ୍ଚିତ ଫାଷ୍ଟକ୍ଲାସ ପାଇବା ଆଶାରେ ଆସନ୍ତାବର୍ଷ ଫାଇନାଲକୁ ଅପେକ୍ଷା କଲେ ।

ଭାଗ୍ୟର ବିଡମ୍ବନା । ତା ପୂର୍ବରୁ ତାଙ୍କର ବିବାହ ହୋଇଗଲା । କିଶୋରୀରୁ ସେ ହୋଇଗଲେ କୁଳବଧୂ । ପାଠପଢା ରହିଗଲା ସେତିକିରେ ।

ଅତୀତର ଏହିସବୁ ତିକ୍ତ- ମଧୁର ଘଟଣା ଅଞ୍ଜନାଙ୍କ ମନ ଭିତରକୁ ପଶିଆସିଲା ଝିଅର ଡାଏରୀ ପଢି । ଏଇ କେତେବର୍ଷ ହେଲା ନୂଆବର୍ଷ ଆସିଲେ ଝିଅର ଟେବୁଲ ଉପରେ ନୂଆ ଡାଏରୀଟିଏ ଆସି ଶୋଭାପାଏ । କିନ୍ତୁ ସେଥିରେ କିଛି ଲେଖା ହେବାର ସେ ଦେଖିନାହାନ୍ତି । ବରଂ ଏହାକୁ ଡାଏରୀ ନକହି ହିସାବ ଖାତା କହିଲେ ଠିକ୍ ହେବ ।

କାଲି କିନ୍ତୁ ଏକ ବ୍ୟତିକ୍ରମ । ପ୍ରଥମ କରି ଝିଅ ନିଜକୁ ଲୋଟାଇଦେଇଛି ଡାଏରୀ ପୃଷ୍ଠାରେ । ପୂରା ଓଦା ହୋଇ କଲେଜରୁ ଫେରିଥିଲା ଝିଅ । କାରଣ ଠିକ୍ କଲେଜ ଛୁଟି ହେଲା ବେଳକୁ ଆରମ୍ଭ ହୋଇଗଲା ମୂଷଳଧାରାରେ ବର୍ଷା । ବର୍ଷା ଟିକେ କମିଆସିବାରୁ ଅଧିକ ସମୟ କଲେଜରେ ଅପେକ୍ଷା କରିବାକୁ ଝିଅ ଉଚିତ ମନେ କଲାନି, କାରଣ ଅନ୍ଧାର ହୋଇଯାଇପାରେ ।

ଶୀଘ୍ର ଆସି ପହଞ୍ଚିବା ଲକ୍ଷ୍ୟରେ ଏକ ଗଳି ରାସ୍ତାରେ ଆସିଲାବେଳେ ସେ ଜାଣି ନଥିଲା ଯେ ମଝି ରାସ୍ତାରେ ପାଣିର ସୁଅ ଛୁଟୁଛି । ଭାବିଲା, ଫେରିଯିବ । କିନ୍ତୁ ତା' ଆଗେ ଆଗେ ଜଣେ ଯୁବକ ମୋଟର ସାଇକେଲରେ ଯାଉଥିବାରୁ ତା' ମନରେ ଟିକେ ସାହସ ସଞ୍ଚରିଲା । ପଚାଶ ଷାଠିଏ ହାତ ବାଟ, ତେଣିକି ରାସ୍ତା ଦିଶୁଛି । କିନ୍ତୁ ସେ କ'ଣ ଜାଣିଥିଲା, ରାସ୍ତା ମଝିରେ ଖାଲଟାଏ ଅଛି ! ସ୍କୁଟିର ଆଗ ଚକା ଖାଲରେ ପଡିଯିବାରୁ ସେ ଆଉ ଭାରସାମ୍ୟ ରଖିପାରିଲାନି, ଗାଡି ସହ ଢଳିପଡିଲା ପାଣିରେ ।

ମୋଟର ସାଇକେଲରେ ଯାଉଥିବା ଯୁବକ ଜଣକ ସେତେବେଳକୁ ଜଳସ୍ରୋତ ଅତିକ୍ରମ କରିଯାଇଥିଲେ । ଝିଅର ଚିତ୍କାର ଶୁଣି ସେ ତାଙ୍କ ଗାଡ଼ି ରଖି ଧାଇଁଆସିଲେ ସେଠିକି ଓ ଝିଅକୁ ସ୍କୁଟି ସହ ପାଣିରୁ ଉଠେଇଲେ ।

ଝିଅ କିନ୍ତୁ ଏସବୁ କିଛି କହିନଥିଲା ଅଞ୍ଜନାଙ୍କୁ । ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଉପରେ କିପରି ପାଣିର ସୁଅ ଛୁଟିଛି, ସଂକ୍ଷେପରେ ବର୍ଣ୍ଣନା କରି ଦେହମୁଣ୍ଡ ପୋଛି ସେ ଡ୍ରେସ୍ ବଦଳାଇଥିଲା । କିନ୍ତୁ ସବୁଦିନ ପରି ରୋଷଘରକୁ ଖାଇବାକୁ ନଯିବାରୁ ଅଞ୍ଜନା ଆସି ଦେଖିଲେ, ତନ୍ମୟ ହୋଇ ଡାଏରୀରେ ସେ କ'ଣ ଲେଖୁଛି ।

-''ଖାଇବୁନି କି ?'' ଅଞ୍ଜନା ପଚାରିଲେ ।

-''ରହ, ଆଉ ଟିକେ ଯାଉ ।''

କିନ୍ତୁ ସେଇ 'ଆଉ ଟିକେ' ଅଧଘଣ୍ଟା ହୋଇଗଲା !

ଖାଇଲାବେଳେ ଝିଅର ଆନମନା ଭାବ ଲକ୍ଷ୍ୟ କଲେ ଅଞ୍ଜନା । ତେବେ, ସେ କିଛି ପଚାରିନଥିଲେ । ଆଜି ଝିଅ କଲେଜ ଚାଲିଯିବା ପରେ ତା' ଡାଏରୀ ପଢି ଏସବୁ କଥା ସେ ଜାଣୁଛନ୍ତି ।

-''ମତେ ସେ ଆକଟ କଲାଭଳି କହିଲେ- ବାଇକ୍‌ର ଚକା ତୁଳନାରେ ସ୍କୁଟର ଚକା ଛୋଟ ବୋଲି କ'ଣ ଜାଣିନାହାନ୍ତି ? କେଉଁ ସାହସରେ ଏଭଳି ପ୍ରବଳ ସୁଅରେ ଗାଡ଼ି ପୂରାଇଦେଲେ ?''

-''ତା'ପରେ ସେ ଥମିଗଲେ । ଟିକେ କଡ଼ା ସ୍ୱରରେ କହିଥିବାରୁ ଉଚିତ ହୋଇନି ବୋଲି ଭାବିଲେ କି କ'ଣ, 'ସରି' କହି ସ୍କୁଟିକି ଗଡ଼ାଇ ଗଡ଼ାଇ ନେଇଆସିଲେ ଶୁଖିଲାକୁ । ସ୍କୁଟି କିନ୍ତୁ ଷ୍ଟାର୍ଟ ହେଲାନି । ପ୍ଲଗ ସଫା କରିବା ଲାଗି ଶୁଖିଲା କପଡ଼ା ନଥିଲା । ସେ ତେଣୁ ନିଜ ରୁମାଲରେ ପ୍ଲଗ ସଫା କରିବା ପରେ ବହୁ ଶ୍ରମ କରି ବାରମ୍ବାର କିକ୍ ମାରିବାରୁ ଗାଡ଼ି ଯାଇ ଷ୍ଟାର୍ଟ ହେଲା । ଓଃ ଗଡ୍ ! ସେ ନଥିଲେ କି ଅବସ୍ଥା ହୋଇଥାନ୍ତା ମୋର !''

-''ଗୋଡ଼ଫୋଡ଼ କିଛି ଖଣ୍ଡିଆ ହୋଇନି ତ ? ଏସବୁ ନର୍ଦ୍ଦମା ପାଣି । ଯଦି ସେମିତି କିଛି ହୋଇଥାଏ, ଟିଟାନସ୍ ଗୋଟେ ନେଇଯିବା ନିରାପଦ । ଏଇ ଆଗରେ ମୋର ଜଣେ ଚିହ୍ନା ଫାର୍ମାସିଷ୍ଟଙ୍କ ଦୋକାନ । ଯଦି କିଛି ହୋଇଛି, କୁହନ୍ତୁ... ।''

-''ମୁଁ ମୁଣ୍ଡ ହଲାଇ ମନାକଲି । କିନ୍ତୁ ମୋ ପିଚାପାଖ ଟିକେ ରୁଗୁରୁଗୁ ହେଉଥିଲା । କହିଥିଲେ ସେ ଯଦି ଦେଖିବାକୁ ଚାହିଁଥାନ୍ତେ, କ'ଣ କରିଥାନ୍ତି ମୁଁ ? ନାଇଁ ବାବା ନା, ମୁଁ ଏତେ ଅଲାଜୁକୀ ହୋଇପାରିନଥାନ୍ତି ।

ଆଣ୍ଠୁ ତଳକୁ ଟିକେ ଖଣ୍ଡିଆ ହେଲାନି କାହିଁକି ? ଟିକେ କାହିଁକି, ବଡଟେ ହୋଇଥିଲେ ବି ବାଧିନଥାନ୍ତା ମୋତେ । କାରଣ, ତାଙ୍କ ସହ ଆଉ ଟିକେ ରହିବାର ସୁଯୋଗ ମିଳିଥାନ୍ତା ତ !''

ଝିଅର ଡାଏରୀ ପଢି ପୁଲକିତ ହୋଇଉଠିଲେ ଅଞ୍ଜନା । ଝିଅ ତାଙ୍କର ପ୍ରେମରେ ପଡିଯାଇଛି ତେବେ । ସେଇଥିପାଇଁ ତା'ର ଏ ସ୍ୱାଗତିକା ।

ପିଲାଟି ତା' ଆଇଡି କାର୍ଡ ଦେଇଛି ବୋଲି ଝିଅ ଲେଖିଛି । କାର୍ଡ ଦେଲାବେଳେ ଉଭୟଙ୍କ ମଧରେ କିଛି କଥାବାର୍ତ୍ତା ହୋଇଥିବ ନିଶ୍ଚୟ । ଯାହା ଜଣାପଡୁଛି, ପିଲାଟା ଅବିବାହିତ ଓ ଝିଅର ମନକୁ ପାଇଛି । ତା ନ ହୋଇଥିଲେ, କାହାକୁ କେବେ ମୁହଁ ଟେକି ଚାହୁଁନଥିବା ତାଙ୍କ ଝିଅ ଡାଏରୀ ପୃଷ୍ଠାରେ ନିଜକୁ ଏମିତି ଲୋଟାଇ ଦେଇନଥାନ୍ତା ।

ଲୋଟୁ । ସେ କ'ଣ ଆଉ ପିଲା ହୋଇ ଅଛି ? ଭୁଲ ଠିକ୍ ବିଚାର କରିବା ଶକ୍ତି ତା'ର କେବେଠୁ ଆସିଗଲାଣି । ଜୀବନସାଥୀ ବାଛିବାର ସ୍ୱାଧୀନତା ଏଣିକି ତା'ର ରହୁ । ସେଥିରେ ସେ ପ୍ରତିବନ୍ଧକ ସାଜିବେ କାହିଁକି ?

ସ୍ୱାମୀଙ୍କ ଅବର୍ତ୍ତମାନରେ ଝିଅକୁ ଉଚ୍ଚଶିକ୍ଷା ଦେଇ ସ୍ୱାବଲମ୍ବୀ କରିବା ନିମନ୍ତେ କେତେ କଷ୍ଟ ସେ କରିନାହାନ୍ତି ! ପ୍ରଥମେ କେତେ ବର୍ଷ ଘର ଘର ବୁଲି, ଗୁରୁମା' ସାଜି ଛୋଟଛୁଆଙ୍କୁ ଟିଉସନ କରିବାକୁ ପଡିଲା । କିନ୍ତୁ ସମୟକ୍ରମେ ଇଙ୍ଗ୍ଲିଶ୍ ମିଡିୟମ ସ୍କୁଲରେ ପିଲାଙ୍କୁ ପଢାଇବାର ମାନସିକତା ଲୋକଙ୍କର ବଢି ଚାଲିବାରୁ ଓଡ଼ିଆ ସ୍କୁଲର ଚାହିଦା ରହିଲାନି । ସେ ତେଣୁ ତାଙ୍କ ବସ୍ତିରେ ସିଲେଇ ମେସିନ୍‌ଟିଏ ପକାଇଲେ । ସ୍ତ୍ରୀ ଲୋକଙ୍କର ସାୟା, ବ୍ଲାଉଜ.... ଏମିତି ସବୁ ଛୋଟମୋଟ କାମ ।

କଷ୍ଟ କଲେ କୃଷ୍ଣ ମିଳେ । କଷ୍ଟର ମୂଲ୍ୟ ମିଳିନାହିଁ ବୋଲି କହିପାରିବେନି ଅଞ୍ଜନା । ଭଡ଼ାଘର ପରିବର୍ତ୍ତେ ଛୋଟ ବଡ଼ ଘରଖଣ୍ଡେ ସେ କରିପାରିଛନ୍ତି । ବେଶୀ କିଛି ନହେଲେ ବି ଝିଅ ବର୍ତ୍ତମାନ ନିଜ ଗୋଡରେ ଠିଆ ହେବାକୁ ସମର୍ଥ । ଆହୁରି ବଡ଼ ଚାକିରି ଲାଗି ସେ ମଧ ପଢାପଢି ଚଳାଇଛି ।

ପଚିଶ ଟପିଥିଲେ ବି ଝିଅର ଜୀବନରେ ଫଗୁଣ ଆସିନଥିଲା । ଗଦାଗଦା ବହି ଭିତରେ ଦିନରାତି ଯିଏ ନିଜକୁ ହଜାଇଦିଏ, କୋଇଲିର କୁହୁ ତା କାନ ଭେଦ କରିବ କିପରି ! ଏବେ ସେଇ କୁହୁ ତା' କାନରେ ବାଜିଛି, ଫଗୁଣ ଆସି ସୁଷୁରି ମାରୁଛି ତା' ମନ ଦୁଆରେ । ସତରେ କ'ଣ ଏ ଫଗୁଣରେ ପେଛାପେଛା ବଉଳ ଧରିବ, କି ଫଗୁଣଟା ଫୁସୁଡିଯିବ ପ୍ରଚଣ୍ଡ ରୌଦ୍ରରେ ! ନିଜ କଥା ଭାବି ଅଞ୍ଜନାଙ୍କ ମନରେ ସଂଶୟ ଉପୁଜିଲା ।

ନା, ଏମିତି କାଳପକା କଥା ସେ ଚିନ୍ତା କରିବେ କାହିଁକି ? ଅଶୁଭ ଖଣ୍ଡନ ନିମନ୍ତେ ଛାତିକି ଟିକେ ଛେପ ପକାଇ ମନେ ମନେ ଇଷ୍ଟଦେବଙ୍କୁ ସ୍ମରଣ କଲେ ଅଞ୍ଜନା- ମୋ ଝିଅର ଚଲାପଥ କୁସୁମିତ କର ପ୍ରଭୁ ! ଜମା କଣ୍ଟା ରଖନି ବୋଲି କହିପାରିବିନି ତ କେବେ । ତେବେ କଣ୍ଟାର ଯନ୍ତ୍ରଣା ସହିବାକୁ ହସ ଟିକେ ରଖ । ତା'ହେଲେ ସିନା ଫୁଲର ଫଗୁଣକୁ ସେ ଉପଭୋଗ କରିପାରିବ । ଆଉ ଏତେ କାଳ ପରେ ଏ ଜାଡୀ ବି ଟିକେ ବାସନା ବାରିବ ତା' ଝିଅର ସୁଖ ଦେଖି ।

ଅଞ୍ଜନାଙ୍କ ଗଣ୍ଡଦେଶ ଦେଇ ଦୁଇଧାର ଲୁହ ଗଡିପଡିଲା ।

## ଜଟାୟୁର ଯନ୍ତ୍ରଣା

● ଜୀମୂତ ତ୍ରିପାଠୀ



ହାଡ଼ ଥାକ ଥାକ ଛାତିଟା ଭିତରେ ଗୁଡ଼ାଏ କଥା, ସତୁରି ବର୍ଷରୁ ଅଧିକ ହେବ । ସେସବୁ କଥା ମନେ ପଡ଼ିଗଲେ ନିତିଆର ଭାଙ୍ଗି ପଡୁଥିବା ଦେହରେ କାହିଁ କେମିତି ଛାଏଁ ବଳ ମାଡ଼ିଆସେ । କେଡ଼େ ବଡ଼ ନିଶା ସତେ! ସ୍ୱରାଜ୍ୟ ନିଶା। ଯେ ଚାଖିଛି ସେ ଜାଣିଛି । ଆଖିରୁ ନିଦ ହଜାଇ ଦିଏ । ଗୋଡ଼ ହାତ ବୋଲ ମାନନ୍ତିନି । ପାଟିକୁ ଅମୃତ ରୁଚେନି । ସଂସାରର ସବୁ ସୁଖ ତୁଚ୍ଛ ଲାଗେ । ସେଦିନର ସେକଥା ଭାବିଲା ବେଳକୁ ନିତିଆର ଦଦରା ଦେହରେ ବଳ ମାଡ଼ି ଆସେ । ...ଦାସେଙ୍କ ସାଥିରେ ସେ ଏ ଜାଗରୁ ସେ ଜାଗା, କେତେ ଜାଗା ଭୋକିଲା ପେଟରେ, ଲୁଚି ଛପି ପୋଲିସ ଆଖିରେ ଧୂଳି ଦେଇ ସେ ନ ବୁଲୁଛି! କେତେ ସଭା ସମିତି । ଗାଁ ଗାଁ ବୁଲି ମେଳି, ହାତ ଧରା ଧରି ହୋଇ ଅଥଳ ପାଣିରେ ନଈ ପାରି, ରାତି ରାତି ବୁଦା ଗହଳି, ବଣ ଗହିରୀ, ଦଣ୍ଡା ଗୋହିରି ପାର୍ ହୋଇ ଯୁଆଡ଼େ ନାଇ ସେଆଡ଼େ ସେ ଯାଇଛି...

...ସେତେବେଳେ ନିତିଆ ପିଲାଟାଏ ଥାଏ, ଭଲ ମନ୍ଦ ସେ ବା କ'ଣ ଜାଣେ! ଦାସେ ଯାହା କହିଲେ ସେ ବେଦର ଗାର। ଯୁଆଡ଼େ ଯେ କାମରେ ପଠାଇ ଦିଅନ୍ତି ତାକୁ ଟାଳିବାର ନୁହେଁ । ଏବେ ସେ କଥା ଭାବିଲା ବେଳକୁ ବିଶ୍ୱାସ ହୁଏନି । ଅସମ୍ଭବ ଲାଗେ । ଦାସେ ଥିଲେ ମୁରବି, ସେ ସାଥିରେ ଥିଲେ ନିର୍ଭୟ ଲାଗେ । ଯା' ସେ ବୁଝିପାରେନି ସେ ବୁଝାଇ ଦିଅନ୍ତି । ସେଇ ଗୋଟାଏ କଥା, ସବୁ ଜଟିଳ ପ୍ରଶ୍ନର ସେଇ ଗୋଟାଏ ସମାଧାନର ସୂତ୍ର 'ସ୍ୱରାଜ' । ଦାସେଙ୍କର ସବୁବେଳେ ସେଇ ଗୋଟାଏ କଥା, ସ୍ୱରାଜ ଆସିଗଲେ ଆଉ କିଛି ଅସୁବିଧା ରହିବନି । ରାମରାଜ୍ୟ ପାଲଟି ଯିବ, ଏ ମୁଲକ । ନିଘା ଥାଏ ସ୍ୱରାଜ୍ୟ ପାଖରେ ।

ସ୍ୱରାଜ୍ୟ ଆସିଲା । ଏହା ଭିତରେ ଅନେକ ବର୍ଷ ବିତିଲାଣି । କାହିଁ ସେମିତି କିଛି ନୂଆ ଘଟିଲାନି ତ! ଏନେଇ ନିଜକୁ ନିଜେ ବାରମ୍ବାର ପ୍ରଶ୍ନ ପଚାରି ଉତ୍ତର ପାଇନି ନିତିଆ । ଦାସେଙ୍କ ପାଖକୁ ଧାଏଁ ନିତିଆ, ସବୁ କଥା ଶୁଣି ପ୍ରାୟ ସବୁଥର ସେଇ ଗୋଟାଏ ଉତ୍ତର ଦିଅନ୍ତି ଦାସେ, 'ଆରେ ବାପୁ ପରା କହୁଥିଲେ ନିଜ କାମ ନିଜେ କରିବାକୁ, ଏ ଯାଏଁ କ'ଣ ଆମେ ନିଜ କାମ ନିଜେ କରିପାରିଲେଣି ! ଯେଉଁ ଦିନ ସମସ୍ତେ ନିଜ ନିଜ କାମ ନିଜେ କରିବେ ସେଦିନ ଦେଖିବୁ ଦେଶ ବାଗକୁ ଆସିବ, ହୁଦସ୍ତ କ'ଣ ସବୁ ପରିବର୍ତ୍ତନ ହୋଇଯିବ! ସମୟ ଲାଗିବ, ଧାର୍ଯ୍ୟ ଧରିବାକୁ ହେବ ନା..... ।' ଦାସେ କଥା ମଝିରୁ ଅଟକି ଯାଆନ୍ତି । ବେଳେବେଳେ ଗମ୍ଭୀର ହୋଇଯାଆନ୍ତି । ନିଜକୁ ନିଜେ ଯେମିତି ସମ୍ଭାଳିବାକୁ ଚେଷ୍ଟା କରନ୍ତି । ନିତିଆ ଏଣୁ ତେଣୁ ପଚାରିଲେ ସେ ମନ ଭୁଲାଇବାକୁ ସ୍ୱରାଜ ଆନ୍ଦୋଳନ କଥା କହି ମନ ଭୁଲାଇ ଦିଅନ୍ତି । ଦାସେଙ୍କ କଥାରୁ ନିତିଆ କ'ଣ କେତେ ବୁଝେ ସେ ଜାଣେ । ଅଧିକ ପ୍ରଶ୍ନ ନପଚାରି ସବୁ ବୁଝିଗଲା ଭଳି ତଳକୁ ମୁଣ୍ଡ ପୋତି ଠିଆ ହୁଏ । ଦଣ୍ଡେ ଗଲେ ଦାସେ ଥଙ୍ଗ ଥଙ୍ଗ ଗଳାରେ ପଚାରନ୍ତି- 'ବୁଝିଗଲୁ?' ନିତିଆ ବାଧ୍ୟ ଛୁଆଟିଏ ଭଳି ମୁଣ୍ଡ ଝୁଙ୍ଗାରି ନିରବରେ ଠିଆ ହୋଇ ରହେ ।

....ଏତେ ବର୍ଷର କଥା ନିତିଆର ପାସୋର ହେଲାଣି । ଦାସେ ଗଲା ଦିନୁ ମଳିମୁଣ୍ଡିଆ, ମୂରୁଖ ନିତିଆ ଜଡ଼ ପାଲଟି ଯାଇଛି । ଭୋଟ୍ ହେଉଛି, ଆମ ଲୋକେ ଶାସନ କରନ୍ତି । କ'ଣ କରୁଛନ୍ତି, କ'ଣ ନକରୁଛନ୍ତି ସେ କଥା ସେ କାହାକୁ ପଚାରିବ! ଦାସେ ଥିଲେ ଯେ ଅବୁଝା କଥା ସବୁ ବୁଝିବାକୁ ସେ ଧାଇଁଯାଉଥିଲା । ପଛ ଆଡ଼କୁ ଯେତେ ପଚାରିଲେ ଦାସେ ତୁନି ରହନ୍ତି । ନିତିଆ ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହିଲେ ବି ଦାସେଙ୍କ ତୁଣ୍ଡ ଫିଟେନି, ସେ ଫେରି ଆସେ । ଦାସେ ଯେତେବେଳେ କିଛି କହୁନାହାନ୍ତି ସେ ବା କାହିଁକି ମୁଣ୍ଡ ଖେଳାଇବ ।

ଶେଷଥର ଦାସେ ତା'ପାଖକୁ ଆସିଥିବା ଘଟଣା ମନେ ପଡ଼ିଗଲା ନିତିଆର । ଦିନେ ସଞ୍ଜରେ ଦାସେ ଆସିଲେ, ହାତରେ ବାଡ଼ି, ଅଣ୍ଟା ପଡ଼ିଗଲାଣି କେବେଠୁଁ । ମୁଣ୍ଡ ବାଳ କେରାକ ଝୋଟ, ମୁହଁରେ କେରାଏ ଦାଢ଼ି । ଗମ୍ଭୀର ହୋଇ ଠିଆ ହେଲେ। ନିତିଆ ହାତ ଯୋଡ଼ି ଠିଆ ହୋଇଥାଏ । କିଛି ସମୟ ଚୁପ୍ ରହିବା ପରେ ଦାସେ ଧୀର ଗଳାରେ କହିଲେ, 'ସେ ରାଜଧାନୀ ଯାଉଛନ୍ତି । ସ୍ୱରାଜ ସଂଗ୍ରାମୀ ସବୁ ଏକାଠି ହେବେ ।' ଏତକ ଶୁଣୁ ଶୁଣୁ ନିତିଆ ଆଖି ଆଗରେ ପଛ କଥା ସବୁ ଜିଇଁ ଉଠିଲା । ଭିତରଟା ହାଇଁ ପାଇଁ ହେଉଥାଏ, ସେ ଦାସେଙ୍କ ସାଥିରେ ରାଜଧାନୀ ଯାଆନ୍ତା..... ପୁରୁଣା ସାଥୀଙ୍କୁ ଭେଟନ୍ତା । ହେଲେ ଦାସେ ଡାକିଲେ ନାହିଁ, କେମିତି ବା ଡାକନ୍ତେ । ତାଙ୍କୁ କ'ଣ ନିତିଆ ଘର କଥା ଅଛପା! ଘରେ ମଲୁ ପଡ଼ିଛି, ରମାବୋଉ । ତା' ଦେହ ଶୁଖି କାଉଁରିଆ କାଠି, ଆଉ ନୁହେଁ । କେମିତି ବା ହୁଅନ୍ତା... ଚାରି ଦିନରେ ଓଳିଏ ଦାନା ମିଳୁନି, ପଥିତ ସାତ ସପନ । ଫସଲ ନାହିଁ । ଯାହା ବି ମୁରୁକୁଟିଆ ଧାନଗଛ କେଇଟା ଥିଲା ସେତକ ଗୋରୁ ଚରିଦେଲେ । ହାତରେ ପଇସା ନାହିଁ ରୁଆପୋତା କରିବାକୁ । ଦେହରେ ବଳ ନାହିଁ ବିଲରେ ଆଉ ଖଟିବାକୁ । ରମାକୁ ବାହା ଦେଇଥିଲା, ସାତ ବର୍ଷ ହେଲା ବାପ ମା'ଙ୍କୁ ଏକା କରି ସେ ବି ଚାଲିଗଲାଣି । ତା'ର ପିଲାପାତି ଥିଲେ ଅବା ଅଜାଆଇଙ୍କ ସେବାଯତ୍ନ କରିଥା'ନ୍ତେ, ସେ ବି ଭାଗ୍ୟରେ ନାହିଁ । ନିତିଆ ନିଜ କଥା ଭାବିବା ଭିତରେ ଦାସେ କେତେବେଳୁ ଚାଲିଗଲେଣି ।

ଦାସେ ରାଜଧାନୀ ଯାଇଛନ୍ତି । ତାଙ୍କ ଫେରିବା ବାଟକୁ ଚାହିଁ ବସିଥାଏ ନିତିଆ । ସ୍ୱାଧୀନତା ସଂଗ୍ରାମୀ ଭାଇମାନେ କ'ଣ ନିଷ୍ପତ୍ତି ନେଲେ.... ଆଉଥରେ କ'ଣ ଆନ୍ଦୋଳନ ଆରମ୍ଭ ହେବ । ସେଇଥି ପାଇଁ କ'ଣ ସେମାନେ ଏକାଠି ହୋଇଛନ୍ତି? ନିତିଆ ମନରେ ଅନେକ ପ୍ରଶ୍ନ । ସେତେବେଳେ ସେ ଛୁଆ ଥିଲା ବୋଲି ସମସ୍ତଙ୍କ ପଛେପଛେ ଚାଲୁଥିଲା, ଏବେ କିନ୍ତୁ ପଟୁଆର ବାହାରିଲେ ସେ ସମସ୍ତଙ୍କ ଆରେ ଚାଲିବ । ଗୋରାଙ୍କ ଆଖିରେ ଯେ ଧୂଳି ଦେଇଛି ସେ କିଆଁ ଏ ଦେଶ ଲୋକଙ୍କୁ ଡରିବ! ଦାସେଙ୍କ ଫେରିବାକୁ ଅପେକ୍ଷା । ରମାବୋଉ ଯିବ ଯଦି ଯାଉ । ସେବେ ବାପା ଚାଲିଗଲେ, ଘରେ ମଡ଼ା ପଡ଼ିଥିଲା ସେ ଘର ଛାଡ଼ି ଚାଲିଯାଇଥିଲା । ପଛକୁ ଫେରି ଚାହିଁବାକୁ ସେତେବେଳେ ତର ନଥିଲା ।

ଦିନ ଯାଇଁ ସଞ୍ଜ ହେଲା । ସଞ୍ଜ ଟ୍ରେନ୍‌ରେ ଦାସେ ଗାଁକୁ ଫେରିବେ । ନିତିଆ ଗୋଡ଼ ତଳେ ଲାଗୁନଥାଏ, ଦେହ ଥରୁଛି, ଆଖିକୁ ଅନ୍ଧାର ଦିଶୁଛି, ମଝିରେ ମଝିରେ ମୁଣ୍ଡ ଘୂରାଇ ଦେଉଛି । ପାଦ ଥୟ ଧରୁନି । ନିତିଆ ପହଞ୍ଚିଲା ଷ୍ଟେସନ୍‌ରେ । ଦାସେ ଟ୍ରେନ୍‌ରୁ ଓହ୍ଲାଇଲେ, ନିତିଆକୁ ଦେଖି ଅଟକି ଗଲେ। ତଳକୁ ମୁହଁ କରି ଠିଆ ହୋଇଥାନ୍ତି ଦାସେ । ଟ୍ରେନ୍ ଚାଲିଗଲାଣି । ଦାସେ ସେମିତି ଠିଆ ହୋଇଥାନ୍ତି, ଯେମିତି ନିତିଆକୁ ଅପେକ୍ଷା କରିଛନ୍ତି । ନିତିଆ ନିଜକୁ ସମ୍ଭାଳି ପାରିଲାନି । ଧାଇଁ ଯାଇ ଦାସେଙ୍କ ସମ୍ନାରେ ଠିଆ ହେଲା। ଦାସେ କିଛି କହିଲେନି । ନିତିଆର ଉତ୍କଣ୍ଠା ବଢ଼ି ଚାଲିଲା, ସେ ନିଜକୁ ଅଟକାଇ ପାରିଲାନାହିଁ । ଦାସେ ନିରବ। ନିତିଆ କ'ଣ ପଚାରିବାକୁ ଯାଉଥିଲା ଦାସେ ନିଜ ଝୁଲା ବ୍ୟାଗ୍ ଭିତରେ ହାତ ପୂରାଇଲେ। ନିତିଆ ରହିଗଲା । ତା' ଆଖିରେ ଆଖିଏ ପ୍ରଶ୍ନ । ଥର ଥର ହାତରେ ଦାସେ ଖଣ୍ଡେ କାଗଜ ବ୍ୟାଗ୍ ଭିତରୁ ବାହାର କରି ନିତିଆ ହାତକୁ ବଢ଼ାଇବାକୁ ଯାଉଥିଲେ, ହେଲେ କାଗଜ ଖଣ୍ଡକ ତାଙ୍କ ହାତରୁ ଖସି ତଳେ ପଡ଼ିଗଲା । ନିତିଆ ଲଥ୍ କିନା ତଳେ ବସିପଡ଼ି କାଗଜ ଖଣ୍ଡିକୁ ଉଠାଇ ଦାସେଙ୍କ ହାତକୁ ବଢ଼ାଇଲା, ହେଲେ ଦାସେ ଦାରୁଟାଏ ଭଳି ସ୍ଥିର । ନିତିଆ କାଗଜ ଖଣ୍ଡକ ଧରି ଆଣ୍ଠେଇ ଆଣ୍ଠେଇ ଦାସେଙ୍କ ପାଖକୁ ଗଲା, ତଥାପି ଦାସେ ନିରବ । ନିତିଆ କାଗଜ ଖଣ୍ଡିକରେ ଲେଖା ଥିବା ଅକ୍ଷରଗୁଡ଼ାକୁ ପଢ଼ିବାକୁ ଚେଷ୍ଟା କରୁଥିଲା । ଥଙ୍ଗେଇ ଥଙ୍ଗେଇ ପଢୁଥିବା ବେଳେ ବଡ଼ ଅସ୍ପଷ୍ଟ ଗଳାରେ ଦାସେ କହିଲେ, ସେଇଟା ମାନପତ୍ର । ନିତିଆ ବୁଝି ପରିଲାନି, ଆବାକାବା ହୋଇ ଦାସେଙ୍କ ମୁହଁକୁ ଚାହିଁଲା । ଦାସେ ସେମିତି ଠିଆ ହୋଇଥା'ନ୍ତି ତଳକୁ ମୁହଁପୋତି......

ରାଜଧାନୀରୁ ଫେରିବାର ଦୁଇ ଦିନରେ ଦାସେ ଶୋଇଥିଲେ ତାଙ୍କ ଜୀବ ଚାଲିଗଲା । ଏହା ଭିତରେ ଅନେକ ବର୍ଷ ବିତିଲାଣି । ରମାବୋଉ କେବେଠୁଁ ଗଲାଣି । ଏବେ ନିତିଆ ଏକୁଟିଆ । ଚାଲିବାକୁ ଶକ୍ତି ନାହିଁ, ଅନ୍ଧାରରେ ମଶା ଭଣ ଭଣ । ଭଙ୍ଗା ଦଦରା ଘରଟା ଭିତରେ ସେ ଶୋଇଛି, ଆଖିକୁ ନିଦ ନାହିଁ । ଦାସେଙ୍କ ସହିତ ଶେଷ ଦେଖାର ସେ ଦୃଶ୍ୟ ବାରମ୍ବାର ତା'ର ମନେ ପଡୁଥିଲା, ସେଦିନର ସେ ଦୃଶ୍ୟ ସବୁ ଦିନ ତା' ପାଇଁ ଅବୁଝା ହୋଇ ରହିଗଲା । ନିତିଆ ଚେଷ୍ଟା କଲା ସେ ଦୃଶ୍ୟକୁ ମନେ ପକାଇବାକୁ... ଅଟକି ଗଲା ସେଇଠି, ଦାସେ ତଳକୁ ନିରବରେ ମୁହଁପୋତି ଠିଆ ହୋଇଛନ୍ତି... ସତେକି ସେ କ'ଣ କହିବାକୁ ଚାହୁଁଥିଲେ କହିପାରୁନଥିଲେ... ନିତିଆ ଆଉଥରେ ସେ ଦୃଶ୍ୟ ମନ ପକାଇବାକୁ ଚେଷ୍ଟା କଲା । ...ପ୍ଲାଟଫର୍ମ ଉପରେ ତଳକୁ ମୁହଁପୋତି ଠିଆ ହୋଇଥିଲେ ଦାସେ... ସତେକି ସେଦିନ ଦାସେ ରେଳ ଷ୍ଟେସନ୍‌ର ନିଦୁଆ ଆଲୁଅ ତଳେ ଠିଆ ହୋଇ ସିମେଣ୍ଟଛଡ଼ା ଚଟାଣ ଦେହରେ ନିଜ ଛାଇ ଖୋଜୁଥିଲେ! ...ନିତିଆ ଆଉ ଥରେ ସେ ଦୃଶ୍ୟ ମନ ପକାଇବାକୁ ଚେଷ୍ଟା କଲା... ସେଇ ଏକା ଦୃଶ୍ୟ... । ଅବୁଝା ଯନ୍ତ୍ରଣାରେ ଛଟପଟ ହେଉଥିଲା ନିତିଆ, ଦାସେ ଯିବା ପୂର୍ବରୁ ଯାହା କହିବାକୁ ଚାହୁଁଥିଲେ କହିଦେଇ ଯାଇଥାନ୍ତେ ହେଲେ... କିଟିମିଟି ଅନ୍ଧାର, ଚାରିଆଡ଼ ଶୂନ୍‌ଶାନ୍... ଡିମା ଡିମା ଆଖିରେ ନିତିଆ ଚାହିଁଛି, ତା' ଡୋଳା ହଳକ ନିଶ୍ଚଳ, ନିର୍ଜୀବ । ସେ ଚାହିଁଛି ଏକ ଲୟରେ, ସେଦିନର ସେ ଦୃଶ୍ୟକୁ ସେ ଯେମିତି ମନ ପୂରାଇ ଦେଖୁଛି... ।

ବିଜେବିନଗର, ଭୁବନେଶ୍ୱର
ମୋ. ୯୪୩୭୦୧୧୭୭୩

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡା ୨୯ ଜାନୁଆରୀ ୨୦୨୬ । ଗୁରୁବାର


## ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ଭୁବନେଶ୍ୱର, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ସଂଘର ଗୌତମ ନଗର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଚନ୍ଦ୍ର ପଣ୍ଡା, ଉପସଭାପତି ଲକ୍ଷ୍ମୀପ୍ରସାଦ ସାମନ୍ତରାୟ, ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ ସନ୍ତୋଷ କୁମାର ଦାସ ଯୋଗଦାନ କରି ସଂଘର ବାର୍ଷିକ ଅଧିବେଶକ ଫେବୃଆରୀ ୨୦ ତାରିଖରେ ଗୀତଗୋବିନ୍ଦ ସଦନ ସଭାଗୃହରେ କରିବାକୁ ନିଷ୍ପି ଗ୍ରହଣ କରିଥିଲେ । ବାର୍ଷିକ ଅଧିବେଶନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପଟିଙ୍କୁ ମୁଖ୍ୟ ଅତିଥି, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା, ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମୁଖ୍ୟ ବକ୍ତା, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ, ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରବିନାରାୟଣ ସେନାପପତିଙ୍କୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବାକୁ ଅନୁରୋଧ କରାଯାଇଛି । ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୭ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ବୈଠକରେ ସଭ୍ୟ ଯୁଗଳ କିଶୋର ମହାରଣା, ଡ. ପ୍ରଶାନ୍ତ କୁମାର ନାୟକ, ଗିରିଜା ଶଙ୍କର ଦାସ ଓ ଅନ୍ୟମାନେ ଅଂଶଗ୍ରହଣ କରି ତାଙ୍କର ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ ବୋଲି ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର** : ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସୋଆର କୁଳାଧିପତି ପ୍ରଫେସର (ଡଃ) ଅମିତ ବାନାର୍ଜୀ ଜାତୀୟ ପତାକା ଉଡ଼ାଣ କରିବା ସହ ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ, ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍, ନିର୍ଦ୍ଦେଶକ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏନ୍‌ସିସିର ସିନିୟର ଅଣ୍ଡର ଅଫିସର ଅର୍ମାନ୍ ସାମଲ ଏବଂ ଜୁନିୟର ଅଣ୍ଡର ଅଫିସର ସୌମ୍ୟଜିତ ବେହେରା ପ୍ୟାରେଡ ପରିଚାଳନା କରିଥିଲେ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପ୍ୟାରେଡ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍) ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ’ର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମ୍ ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ସ୍ଥାନ ମିଳିଥିଲା।

ପୂର୍ବରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପରିସରରେ ସୋଆର କୁଳପତି ପ୍ରଫେସର ନନ୍ଦ ଜାତୀୟ ପତାକା ଉଡ଼ାଣ କରିଥିବା ବେଳେ ଏହି ଅବସରରେ ଆଡିସ୍‌ନାଲ୍ ରେଜିଷ୍ଟ୍ରାର ଡକ୍ଟର ଶଶାଙ୍କ ଶେଖର ମିଶ୍ର, ଜଏଣ୍ଟ ରେଜିଷ୍ଟ୍ରାର ଭୀଷ୍ମ ଚରଣ ଦାସ ଓ ନିର୍ଦ୍ଦେଶକ (ଲିଗାଲ ସର୍ଭିସେସ୍) ଶ୍ରୀ ସୟ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

**ଭୁବନେଶ୍ୱର** : କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ପ୍ରାତଃ ୮ଟା ସମୟରେ ଅନୁଷ୍ଠାନର ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ଓ ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅନ୍ୟାନ୍ୟ କର୍ମଚାରୀ ତଥା ଆବାସିକ ସମସ୍ତ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଉକ୍ତ ବିଦ୍ୟାଳୟର ଚେୟାରମ୍ୟାନ ପତାକା ଉତ୍ତୋଳନ କରିଥିଲେ । ସକାଳୁ ପ୍ରଭାତ ଫେରି ସହ ବିଭିନ୍ନ ଗଣତାନ୍ତ୍ରିକ ସ୍ୱତନ୍ତ୍ରତାର ସ୍ଲୋଗାନ ସମଗ୍ର ଅଞ୍ଚଳକୁ ଗଣତନ୍ତ୍ରମୟ କରିଥିଲା।

**କଟକ** : କଟକ ନଗର ରଜକ ସମିତି ପକ୍ଷରୁ ସଭାପତି ବିକ୍ରମ ସେଠୀଙ୍କ ସଭାପତିତ୍ୱରେ ୭୭ତମ ସାଧାରଣତନ୍ତ୍ର ଦିବସର ଉତ୍ସବ ପାଳିତ ହୋଇଯାଇଛି । ଏହି ପବିତ୍ର ଦିବସରେ ମୂଖ୍ୟ ଉପଦେଷ୍ଟା ସୁଦର୍ଶନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମିତିର ସାଧାରଣ ସମ୍ପାଦକ ମଥୁରା ସେଠୀ, ପୂର୍ବତନ ସମ୍ପାଦକ ରଣଜିତ୍ ସେଠୀ, ସମାଜସେବୀ ସୁକାନ୍ତ ସେଠୀ, ଶଙ୍କର୍ଷଣ ସେଠୀ, ଦିବାକର ସେଠୀ, ଜଗନ୍ନାଥ ସେଠୀ, ଲକ୍ଷ୍ମୀଧର ସେଠୀ, ନିର୍ମଳ ସେଠୀ, ଅଜୟ କୁମାର ସେଠୀ, ଭରତ ସେଠୀ, ମିହିର ସେଠୀ, ସ୍ୱପକାନ୍ତ ସେଠୀ, ଗୋରାଚାନ୍ଦ ସେଠୀ ଓ ଦେବ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସାଧାରଣତନ୍ତ୍ର ଦିବସ ଉପରେ ଆଲୋକପାତ କରିଥିଲେ ଏବଂ କୁନି କୁନି ପିଲାମାନଙ୍କୁ ଚକୋଲେଟ୍, ମିଷ୍ଟାନ୍ନ ଓ ବିସ୍କିଟ୍ ବଂଟନ କରାଯାଇଥିଲା । ସେହିପରି କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ପବିତ୍ର ସାଧାରଣତନ୍ତ୍ର ଦିବସ ଉତ୍ସବ ଅବସରରେ ପରିଷଦର ସଭାପତି ସୁକାନ୍ତ ସେଠୀ କଟକ ମହାନଗର ନିଗମ ୫୬ ନମ୍ବର ୱାର୍ଡ ଅ’ର୍ଗତ ବାଲିକୁଦା ଜାତୀୟ ରାଜପଥ ପାର୍ଶ୍ୱ ମୁଖ୍ୟ କାର୍ଯ୍ୟାଳୟଠାରେ ଜାତୀୟ ପତାକା ଉତୋଳନ କରିବା ସହିତ ସମ୍ବିଧାନର ପ୍ରଣେତା ବି.ଆର ଆମ୍ବେଦକରଙ୍କ ଜିବନୀ ଉପରେ ସୂଚନା ଦେଇଥିଲେ। ଏହି ପବିତ୍ର ଉତ୍ସବରେ ଅଟଳ କିଶୋର ଜେନା, ରବିନ୍ଦ୍ର ବେହେରା, ଅନୀମା ନାୟକ, ରମାକାନ୍ତ ସେଠୀ, ପ୍ରବୋଧ ମଲ୍ଲିକ ଓ ବୁମୁକି ସେଠୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

**ମୁରିବାହାଲ**:ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ପଞ୍ଚାୟତି ହାଇସ୍କୁଲ ଖେଳ ପଡିଆରେ ମହାସମାରୋହର ସହିତ ଅନୁଷ୍ଠିତ ହୋଇଯାଇଛି । ମୁରିବାହାଲ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ଥାନା ଅଧିକାରୀ ବୁଲୁ ମୁଣ୍ଡା, ବିଇଓ ଶାନ୍ତନୁ କୁମାର ପଢ଼ିହାରୀ, ବ୍ଲକ ଅର୍ଥ ବିଭାଗ ଅଧିକାରୀ ଘେନୁରାମ ତାଣ୍ଡି, ଜିପିଡିଓ ପ୍ରସନ୍ନ କୁମାର ନାଗ, ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ, ଜୁନିଅର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ପତ୍ରାପାଲି(କ)ସମିତି ସଭ୍ୟ ସନ୍ନ୍ୟାସୀ ପୁଟେଲ, ପଞ୍ଚାୟତି ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ ନାଗ ଓ ଓଷ୍ଟା ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିକାଶ ମଞ୍ଚ ମୁରିବାହାଲ ବ୍ଲକ ସଭାପତି ଫାଲଗୁନୀ ହାତୀଙ୍କ ନେତୃତ୍ୱରେ ବର୍ତ୍ତମାନ ସମୟର ସାମାଜିକ ଅବ୍ୟବସ୍ଥା ନେତା ଓ କର୍ପୋରେଟର ମାନେ ହାତ ମିଶାଇ ଦେଶକୁ ଲୁଟୁଛନ୍ତି, ଅଫିସର ମାନେ ପଇସା ଖାଇ ମୂର୍ଖ ମାନଙ୍କୁ ଚାକିରି ଦେଇ ଦେଉଥିବା ଓ ଶିକ୍ଷିତ ମାନ ବେକାରୀ ହେଉଥିବା,ରାଜ୍ୟରେ ଚାଷୀ ମାନଙ୍କ ସମସ୍ୟାକୁ ନେଇ ଏକ ଝାଙ୍କି ପ୍ରଦର୍ଶିତ କରାଯାଇଥିଲା । ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ବିଦ୍ୟୁତ ମୂଲ୍ୟ ନିର୍ଦ୍ଧାରଣ: ଜନଶୁଣାଣି ତାରିଖ ଘୋଷଣା କଲେ ଓଇଆରସି

# ଫେବୃଆରୀ ୨ରୁ ଆରମ୍ଭ ହୋଇ ୨୧ରେ ସରିବ

**ଭୁବନେଶ୍ୱର, ୨୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଆସନ୍ତା ବର୍ଷପାଇଁ (୨୦୨୬-୨୭) ବିଦ୍ୟୁତମୂଲ୍ୟ (ଟାରିଫ) ଧାର୍ଯ୍ୟ କରିବା ପାଇଁ ଜନଶୁଣାଣି ତାରିଖ, ସମୟ ଓ ସ୍ଥାନ ବିଜ୍ଞାପିତ କରିଛନ୍ତି । ସେଥିପାଇଁ ଆବେଦନକାରୀ, ଆପତ୍ତିକର୍ତ୍ତା ଓ ରାଜ୍ୟ ସରକାରଙ୍କୁ ଆୟୋଗ ୨୨.୧.୨୦୨୬ରେ ସ୍ୱତନ୍ତ୍ର ଭାବେ ନୋଟିସ ଜାରିକରି ସଙ୍କର ପ୍ରଣାଳୀ (ହାଇବ୍ରିଡ ମୋଡ) ଅନୁସାରେ ବ୍ୟକ୍ତିଗତ ଭାବେ କିମ୍ବା ନିଜର ସ୍ୱୀକୃତିପ୍ରାପ୍ତ ପ୍ରତିନିଧି ମାଧ୍ୟମରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ଦିନ ଜନଶୁଣାଣିରେ ଗ୍ରୀଡ୍‌କୋ ଆବେଦନ କରିଥିବା ୨୦୨୬-୨୭ ପାଇଁ ପାଇକାରୀ ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ଦରଖାସ୍ତ ଉପରେ ଗୀତଗୋବିନ୍ଦ ସଦନ ଭୁବନେଶ୍ୱରରେ ଫେବୃଆରୀ ୨ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ । ଏଥିରେ ଆବେଦନକାରୀ ଗ୍ରୀଡ୍‌କୋ ଓ ରାଜ୍ୟସରକାରଙ୍କ ସହିତ ୧୬ ଜନ ଆପତ୍ତିକର୍ତ୍ତା ଉପସ୍ଥିତ ରହି ମତାମତ ରଖିବେ ।ସେହିପରି ୩ ଓ ୪ ତାରିଖରେ ଯଥାକ୍ରମେ ଓଡିଶା ବିଦ୍ୟୁତ ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ଓ ଟାଟା ପାୱାର କେନ୍ଦ୍ରୀୟ ଓଡିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡ଼ିଏଲ) ଦରଖାସ୍ତ ଉପରେ ଉକ୍ତ ସ୍ଥାନ ଓ ସମୟରେ ଅନୁଷ୍ଠିତ ହେବ । ଓପିଟିସିଏଲ ଦରଖାସ୍ତ ଉପରେ ୧୭ ଜଣ ଓ ଟିପିସିଓଡ଼ିଏଲ ଦରଖାସ୍ତ ଉପରେ ୨୯ ଜଣ ଆପତ୍ତିକର୍ତ୍ତା ମତାମତ ରଖିବା ପାଇଁ ନୋଟିସ ଜାରି ହୋଇଛି । ପ୍ରଥମଥର ପାଇଁ ଓଡିଶାର ପୂର୍ବତନ ମୁଖ୍ୟ ସାଶନ ସଚିବ ବିଜୟ କୁମାର ପଟ୍ଟନାୟକ ଟିପିସିଓଡ଼ିଏଲ ଦରଖାସ୍ତ ଉପରେ ନିଜର ଆପତି ଓ ମତାମତ ରଖିବେ । ଇବ ବିଦ୍ୟୁତ କେନ୍ଦ୍ରର ୟୁନିଟ-୧୦୨ର ବିଦ୍ୟୁତମୂଲ୍ୟ ଧାର୍ଯ୍ୟ ପାଇଁ ଓପିଜିସି (ଓଡିଶା ଶକ୍ତି ଉତ୍ପାଦନ ନିଗମ) ଦାଖଲ କରିଥିବା ଦରଖାସ୍ତକୁ ଆୟୋଗ ନିଜର ଶୈଳଶ୍ରୀବିହାର କାର୍ଯ୍ୟାଳୟରେ ୫ ତାରିଖରେ ଶୁଣିବେ । ଏଥିପାଇଁ ୪ ଜଣ ଆପତ୍ତିକର୍ତ୍ତାଙ୍କ ସହ ସରକାର ଓ ଓପିଜିସିକୁ ନୋଟିସ ଜାରି ହୋଇଛି । ସେହିପରି ଓଏଚପିସି (ଓଡିଶା ଜଳ ବିଦ୍ୟୁତ ନିଗମ) ଦରଖାସ୍ତ ଉପରେ ଜନଶୁଣାଣି ଆୟୋଗଙ୍କ କାର୍ଯ୍ୟାଳୟରେ ୬ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ ଏବଂ ସେହିଦିନ ଅପରାହ୍ନ ୩ଟାରେ ଏସଏଲଡ଼ିସି (ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର) ଦରଖାସ୍ତ ଶୁଣାଣୀ ହେବଛ ଓଏଚପିସି ପାଇଁ ୪ ଜଣ ଓ ଏସଏଲଡ଼ିସି ପାଇଁ ୫ ଜଣ ଆପତ୍ତିକର୍ତ୍ତାଙ୍କୁ ନୋଟିସ ଜାରି ହୋଇଛି ।

ଦ୍ୱିତୀୟ ଦଫାରେ ଟାଟା ପାୱାର ଉତ୍ତର ଓଡିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଏନଓଡ଼ିଏଲ) ଦରଖାସ୍ତ ଉପରେ ବାଲେଶ୍ୱରର ଏନଓସିସିଆଇ କାର୍ଯ୍ୟାଳୟ, ବାମପଦା, ଛଣପୁରରେ ୧୭ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ । ଏଥିପାଇଁ ୨୩ ଜଣ ଆପତ୍ତିକର୍ତ୍ତାଙ୍କୁ ନୋଟିସ ହୋଇଛି । ସେହିପରି ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଡବ୍ଲୁଓଡ଼ିଏଲ) ଦରଖାସ୍ତ ଉପରେ ଜ୍ୟୋତିବିହାର ଅଡିଟୋରିଅମ ବୁର୍ଲା ଠାରେ ୧୯ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ । ସେଠାରେ ସମୁଦାୟ ୨୩ ଜଣ ଆପତ୍ତିକର୍ତ୍ତାଙ୍କ ମତାମତକୁ ଆୟୋଗ ଶୁଣିବେ । ଶେଷ ଜନଶୁଣାଣିଟି ଗଞ୍ଜାମର ଛତ୍ରପୁର ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷରେ ୨୧ ତାରିଖରେ ଅନୁଷ୍ଠିତ ହେବ । ସେଠାରେ ଆବେଦନକାରି ଟିପିଏସଓଡ଼ିଏଲ ସହିତ ୧୯ ଜଣ ଆପତ୍ତିକର୍ତ୍ତା ଓ ରାଜ୍ୟସରକାରଙ୍କ ମତାମତକୁ ଆୟୋଗ ଶୁଣିବେ ।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପାଇଁ ବିଦ୍ୟୁତ ଆଇନ, ୨୦୦୩ ଅନୁସାରେ ଆୟୋଗ ଜନଶୁଣାଣି କରୁଛନ୍ତି । ତେବେ ଏବର୍ଷର ଜନଶୁଣାଣିକୁ ଆୟୋଗଙ୍କ ଶୈଳଶ୍ରୀ ବିହାର କାର୍ଯ୍ୟାଳୟରେ ସୀମିତ ନରଖି ଉପଭୋକ୍ତାର ନିକଟତର ହୋଇ ଗୀତଗୋବିନ୍ଦ ସଦନ ଓ ଟାଟାପାୱାର ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରେ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସାଧାରଣ ଉପଭୋକ୍ତାଟିଏ ଜନଶୁଣାଣି ସ୍ଥାନରେ ପହଞ୍ଚି ସ୍ୱୀକାର ଟେବୁଲରୁ ପରିଦର୍ଶକ ପାସ୍ ନେଇ ଜନଶୁଣାଣିରେ ଭାଗ ନେଇ ପାରିବେ । ସେଥିପାଇଁ ଆୟୋଗଙ୍କ ମୌଖିକ ଅନୁମତି ଏକାନ୍ତ ଆବଶ୍ୟକ ଅଟେ । ପୂର୍ବବର୍ଷ ଗୁଡିକରେ ଆୟୋଗ ପରିଦର୍ଶକଙ୍କ ଠାରୁ ଶୁଣିଛନ୍ତି ।

## ୮ରେ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ

**କେନ୍ଦ୍ରାପଡ଼ା, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହ୍ୟ ସମ୍ପନ୍ନ କେନ୍ଦ୍ରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଏବଂ ବନ୍ଧୁମିଳନ ଆଗାମୀ ଫେବୃଆରୀ ୮ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା ସମ୍ମତି ପ୍ରଦାନ କରିଛନ୍ତି । ସମ୍ମାନୀତ ଅତିଥି ଭାବେ ଯୋଗ ଦେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିମନ୍ତ୍ରଣ କରାଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ଏହାକୁ ସଫଳ କରିବା ପାଇଁ ସଭାପତି ଡ. ଅମିୟ କୁମାର ମହାନ୍ତି ଏବଂ ସମ୍ପାଦକ ଚିରଞ୍ଜନ ଭଗତ ନିବେଦନ କରିଛନ୍ତି ।

## ଓୟୁଏଟି ଶିକ୍ଷକ ଗୃହ ନିର୍ମାଣ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ଭୁବନେଶ୍ୱର, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଓୟୁଏଟି ଶିକ୍ଷକ ଗୃହ ନିର୍ମାଣ ସମବାୟ ସମିତିର ବାର୍ଷିକ ସାଧାରଣ ଅଧିବେଷନ ୨୫ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁରା ମୌଜାରେ ପ୍ରଥମଥର ପାଇଁ ସମିତିର ନିଜସ୍ୱ ନିର୍ମାଣ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସମିତିର ବରିଷ୍ଠ ସଭ୍ୟ ପ୍ରଫେସର ନିରୋଦ କୁମାର ଧଳ ସଭାପତିତ୍ୱ କରିଥିଲେ । ସମିତିର ସଭାପତି ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । ସାଧାରଣ ସମ୍ପାଦକ ପ୍ରଫେସର ସନ୍ତୋଷ କୁମାର ରାଉତ ବାର୍ଷିକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଉପସ୍ଥିତ ଅନ୍ୟାନ୍ୟ ସଭ୍ୟମାନେ ସମିତିର ଉତ୍ତରୋତ୍ତର ଉନ୍ନତି ପାଇଁ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଭବେନ୍ଦ୍ର କୁମାର ବୈଷାଖ, ପ୍ରଫେସର ଶିବ୍ରସାଦ ସଂଗ୍ରାମସିଂହ, ପ୍ରଫେସର ବ୍ରଜକିଶୋର ସାହୁ, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ, ଡ. ସୁଜିତ୍ କୁମାର ନାଥ, ପ୍ରଫେସର ନିରୋଦ କୁମାର ଧଳ, ଡ. ସୁନୀଲ କୁମାର ମହାପାତ୍ର ଏବଂ ପ୍ରଫେସର ଦେବରାଜ ଲେଙ୍କା ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷଙ୍କ ଅନୁପସ୍ଥିତିରେ ସମ୍ପାଦକ ପ୍ରଫେସର ରାଉତ ଚଳିତବର୍ଷର ଖର୍ଚ୍ଚ ଏବଂ ଆଗାମୀ ବର୍ଷର ବଜେଟ୍ ଉପସ୍ଥାପନ କରିଥିଲେ ଯାହା ସାଧାରଣ ସଭାରେ ଅନୁମୋଦିତ ଲାଭ କରିଥିଲା । ପରିଶେଷରେ ଡ. ଦୀପ୍ତିମୟୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## କୁକାନ୍ତରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ପଞ୍ଚମହାଯଜ୍ଞ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ କୁକାନ୍ତ ଉତ୍ତର ମଧୁବନ ସ୍ଥିତ ଶିବମନ୍ଦିର, ମା ମଙ୍ଗଳା ମନ୍ଦିର ସନ୍ନିକଟ ପ୍ରାଙ୍ଗଣରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଇଂଜିନିୟର ବାବୁଚାନ୍ଦ ମାହାଳିକ ଓ ଶକ୍ତି ପ୍ରସାଦ ନନ୍ଦଙ୍କ ମାର୍ଗଦର୍ଶନରେ, ହିନ୍ଦୁ ସମ୍ମିଳନୀର ଆୟୋଜକ ସର୍ବବ୍ୟବସ୍ଥା ପ୍ରମୁଖ ଡ଼ା.ଜଗଦାନନ୍ଦ ତ୍ରିପାଠୀ, ସଭାପତି ଭାବରେ ରାଷ୍ଟ୍ରପତି ସ୍କାଉଟ୍ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ଡ଼ା. ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଭାଗ ସଂଯୋଜକ ପ୍ରଶାନ୍ତ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ପ୍ରାକ୍ତନ ଅଧ୍ୟକ୍ଷା ଡ.ସୁସନ୍ଧ୍ୟା ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଢେଙ୍କାନାଳ ଜିଲ୍ଲା ସଭାପତି ଡ. ଦୁର୍ଗା ମାଧବ ପୃଷ୍ଟି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତ୍ରିନାଥ ପଲେଇ, ସମ୍ପାଦିକା ଅନିତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଡ.ସୁସନ୍ଧ୍ୟା ମହାନ୍ତି ସ୍ୱୀୟ ବକ୍ତବ୍ୟରେ ହିନ୍ଦୁ,ହିନ୍ଦୁ ସମାଜ ଓ ସଂସ୍କୃତି ଉପରେ ବାରମ୍ବାର ଷଡ଼ଯନ୍ତ୍ର ପୂର୍ଣ୍ଣ ଆକ୍ରମଣ ହେଉଥିବାରୁ ସମସ୍ତ ହିନ୍ଦୁଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ।

# ପତାକା ଉତ୍ତୋଳନ ବେଳେ ବିଡିଓଙ୍କ ସହ ଅନେକ ଅଧିକାରୀ ଅନୁପସ୍ଥିତ

**ମାହାଙ୍ଗା, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜନରାଜ୍ୟ ଦିବସ ଏକ ଜାତୀୟ ପର୍ବ । ଏହି ଦିବସଟି ସରକାରୀ ଛୁଟି ଦିବସ ହୋଇଥିଲେ ମଧ୍ୟସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବେସକରାରୀ ଅନୁଷ୍ଠାନ ପର୍ଯ୍ୟନ୍ତ ସବୁ ଆଡେ ମହାସମାରେହରେ ପାଳିତ ହୋଇଥାଏ । ସରକାରୀ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ନିଜ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ଏହି ଜାତୀୟ ଦିବସକୁ ପାଳନ କରିବା ସହ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥାନ୍ତି । କିନ୍ତୁ ମାହାଙ୍ଗା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଯାହାକି ସାଧାରଣରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ମାହାଙ୍ଗା ବ୍ଲକର ବିଡିଓଙ୍କ ଠାରୁ ଆରମ୍ଭ କରି



ବ୍ଲକରେ କାର୍ଯ୍ୟ କରୁଥିବା ବିଭିନ୍ନ ଅଧିକାରୀ ନୂଆ ବର୍ଷ ଓ ବିଭିନ୍ନ ସଭାସମିତିରେ କାର୍ଯ୍ୟାଳୟ ଛାଡି ହାଜିରା ପକାଉଥିବାବେଳେ ଏଭଳି ଏକ ମହାନ ଜାତୀୟ ପର୍ବରେ ଅନୁପସ୍ଥିତ ରହିବା ଜାତିୟତା ବାଦ ପ୍ରତି କୁଠାରଘାତ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ କାର୍ଯ୍ୟକ୍ରମର ଆୟୋଜନ ନ ହେବା ଓ ଅଧିକାରୀ ମାନଙ୍କର ଅନୁପସ୍ଥିତ ପାଇଁ ତାଙ୍କୁ ଏକ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା । ଅଧିକାରୀ ଓ କର୍ମଚାରୀଙ୍କ ବେଖାତିର ମାନୋଭାବକୁ ତୀବ୍ର ସମାଲୋଚନା କରାଯାଇଛି । ପତାକା ଉତୋଳନ ସମୟରେ ଏବିଡିଓ ଜନ୍ମେଜୟ ରାଉତ, ବଡ ବାବୁ ସୁଭାଷ ମିଶ୍ର, ଲଳାଟ ସେଠୀ, ଅଭୟ ବେହେରା, ସତ୍ୟ ନାରାୟଣ ମହାନ୍ତିଙ୍କ ସମେତ କେତେକ ହାତଗଣତି କର୍ମଚାରୀ ଉପସ୍ଥିତ ଥିଲେ । ବିଶେଷ କରି ବିଡିଓଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସିଡିପିଓ, ସମସ୍ତ ଯନ୍ତ୍ରୀଙ୍କ ସହ ବହୁ ଅଧିକାରୀ ଏହି ଦିବସରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହା ଉପରେ ବିଧିବଦ୍ଧ ତଦନ୍ତ କରି ଅନୁପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି ।

## ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି

**ଜଗତସିଂହପୁର, ୨୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୪୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ଟି, ଆବାସ ପାଇଁ ୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୬ଟି, ପୋଲିସ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବି ନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର, ସତ୍ୟବ୍ରତ ଦାଶ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିରିଡ଼ି, ଆୟୁଷୀ ପତି, ତହସିଲଦାର, ବିରିଡ଼ି, ପ୍ରୀଙ୍କିଲ ପରିଡ଼ା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

## ବ୍ୟାଙ୍କ ବନ୍ଦ ଯୋଗୁଁ ବ୍ୟବସାୟ ଅନୁଷ୍ଠାନ କାରବାର ଠପ୍

**ବୈଶିଙ୍ଗା, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଶୁକ୍ରବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ବ୍ୟାଙ୍କ ସେବା ବନ୍ଦ ରହିବା ଯୋଗୁଁ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, କଳ କାରଖାନାରେ କାର୍ଯ୍ୟରତ ଶ୍ରମିକ, ସାଧାରଣ ଗ୍ରାହକମାନଙ୍କ ପାଇଁ ନାହିଁ ନଥିବା ଅସୁବିଧା ସୃଷ୍ଟି ହୋଇଛି । ଏଭଳି ଏକକାଳୀନ ପାଞ୍ଚଦିନ ଧରି କେବେ ବ୍ୟାଙ୍କ ବନ୍ଦ ହୋଇଥିବାର ଦେଖା ଯାଇନଥିଲା । ରାଜ୍ୟ ସରକାର ଏଭଳି ଛୁଟିକୁ ଆଖି ଆଗରେ ରଖି ମଝିରେ ବ୍ୟାଙ୍କର ଏକ ବ୍ୟବସାୟ ଦିବସ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥାଆନ୍ତି । ମାତ୍ର ଚଳିତ ଥର ପାଇଁ ପ୍ରଶାସନର ଏହି ଅଣଦେଖାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି ।

## ଯୁବ ସମ୍ପାଦକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନୀତ

**କଟକ, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜନରାଜ୍ୟ ଦିବସରେ ଯୁବ ସାମ୍ବାଦିକ ଓ ‘ହିମ୍ମତ’ ସମ୍ପାଦକ କମଳାକାନ୍ତ ଦାଶଙ୍କୁ ବାରବାଟୀ ଷ୍ଟାଡିୟମ୍ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସାମ୍ବାଦିକ ଗୌରବ ସମ୍ମାନ ସହ ମାନପତ୍ର ପ୍ରଦାନ କରାଯାଇଛି । ଏହା ଯୁବ ସାମ୍ବାଦିକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଛି । ଶ୍ରୀ ଦାଶଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାର ତଳକୁସୁମା ଗ୍ରାମ । ତାଙ୍କର ଏହି ସମ୍ମାନ ପାଇଁ ବରିଷ୍ଠ ସାମ୍ବାଦିକ ଡଃ ପ୍ରବୋଧ କୁମାର ମିଶ୍ର, ବିଜେପି ମିଡିଆ ମୁଖ୍ୟ ଉପାକାନ୍ତ ପଟ୍ଟନାୟକ, କର୍ମଜୀବୀ



ସାମ୍ବାଦିକ ସଂଘ ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟ ପ୍ରମୁଖ ଆନନ୍ଦ ପ୍ରକାଶ କରିଛନ୍ତି ।

## ପ୍ରଧାନ ଶିକ୍ଷକଙ୍କ ହୃଦଘାତରେ ମୃତ୍ୟୁ

**ଜଳେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ସୁଗୋ ପଞ୍ଚାୟତ, ଧାନଶିମୁଳିଆ ଗାଁର ସମାଜସେବୀ ତଥା ମୟୁରଭଞ୍ଜ ଜିଲ୍ଲାରୁ ପ୍ରାଧନ ଶିକ୍ଷକ ଭାବେ ଅବସର ନେଇଥିବା ଆଦର୍ଶ ପ୍ରଧାନ ଶିକ୍ଷକ ଅତୁଳ ଚନ୍ଦ୍ର ଭୂୟାଁ(୮୨)ଙ୍କ ହୃଦଘାତରେ ପରଲୋକ ଘଟିଛି । ଶନିବାର ରାତ୍ରିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଗୁରୁତର ଭାବେ ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ୧୯୬୮ମସିହାର ମୟୂରଭଞ୍ଜ ଜିଲ୍ଲାର ବାଘଡା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ୨୦୦୪ ମସିହାରେ ଜଣେ ଆଦର୍ଶ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ଅବଶିଷ୍ଟ ସମୟକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିବା ବେଳେ ପରୋପକାରୀ, ମିଷ୍ଟଭାଷୀ, ଛାତ୍ର ବତ୍ସଳ ଓ ଅନୁଷ୍ଠାନ ପ୍ରେମୀ ଭାବେ ସେ ଆଦୃତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ଆରତୀ ଭୂୟାଁ, ପରିବାର ବର୍ଗ ଆତ୍ମିୟସ୍ୱଜନ,ଝିଅ ଜ୍ୱାଇଁ ଉପସ୍ଥିତ ଥିବା ବେଳେ, ସରପଞ୍ଚ ଜୟନ୍ତୀ ପରିଡ଼ା, ସମାଜସେବୀ ଅରୁଣ ପରିଡ଼ା, ପ୍ରାକ୍ତନ ସମିତି ସଭ୍ୟ ସଞ୍ଜୟ ମହାନ୍ତି, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଗୋପାଳପୁର ବେଳାଭୂମି ମହୋତ୍ସବର ଶୁଭାରମ୍ଭ କଲେ ରାଜ୍ୟପାଳ

**ବ୍ରହ୍ମପୁର, ୨୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପାଳପୁର କେବଳ ଏକ ଆକର୍ଷଣୀୟ ବେଳାଭୂମି ଗନ୍ତବ୍ୟସ୍ଥଳ ନୁହେଁ, ଏହା ଏପରି ଏକ ସ୍ଥାନ ଯେଉଁଠାରେ ଇତିହାସ ବର୍ତ୍ତମାନ ସହିତ ମିଶିଛି ଏବଂ ପରମ୍ପରା ପ୍ରଗତି ସହିତ ହାତରେ ହାତ ମିଳାଇ ଚାଲିଛି । ଆମର ଉପକୂଳ କେବଳ ଏକ ଭୌତିକ ସୀମା ନୁହେଁ, ବରଂ ଜୀବିକା ଏବଂ ଆକାଂକ୍ଷାର ପ୍ରତୀକ । ପ୍ରାଚୀନ କଳିଙ୍ଗର ବୀର ସାଧବମାନେ ବିଶାଳ ସମୁଦ୍ର ପାର ହୋଇ ବାଣିଜ୍ୟ ସହ ଆମ ସଂସ୍କୃତି ଏବଂ ମୂଲ୍ୟବୋଧର ପ୍ରଚାରପ୍ରସାରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଓଡ଼ିଶା ସର୍ବଦା ବିଶ୍ୱଦୃଷ୍ଟି, ଆତ୍ମବିଶ୍ୱାସ ଏବଂ ଉନ୍ନତ ଚିନ୍ତାଧାରା ସହିତ ଗଭୀର ଭାବରେ ଜଡିତ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଭାରତ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆଡକୁ ଅଗ୍ରସର ହେଉଥିବାବେଳେ ଗୋପାଳପୁର ଭଳି ଉପକୂଳବର୍ତ୍ତୀ ଅଞ୍ଚଳ ଏକ ସ୍ଥିର ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଉତ୍ସବ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରି ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ କରିବ ବୋଲି ମଙ୍ଗଳବାରର ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ମୁଖ୍ୟଅତିଥି ପ୍ରକାଶ କରିଛନ୍ତି ।

ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ




ବେଳାଭୂମି ମହୋତ୍ସବ ଓଡ଼ିଶାର ଶ୍ରେଷ୍ଠ ମହୋତ୍ସବ ମଧ୍ୟରୁ ଅନ୍ୟତମ । କଳା, ସାହିତ୍ୟ, ସଂସ୍କୃତି, ସଂଗୀତ ସମସ୍ତ କ୍ଷତ୍ରରେ ଗଞ୍ଜାମର ସ୍ଥାନ ଓଡ଼ିଶାର ସର୍ବାଗ୍ରେ । ବେଳାଭୂମି ମହୋତ୍ସବର ମାର୍ଗଦର୍ଶକ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଲେ ଯେ ବହୁପ୍ରତିକ୍ଷୀତ ଗୋପାଳପୁର ବେଳାଭୂମି ମହୋତ୍ସବକୁ କେବଳ ଓଡିଶା ନୁହଁ ଦେଶ ତଥା ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏ ବର୍ଷ ଭାରତବର୍ଷର ସର୍ବୋତ୍ତମ କଳା, ସଂସ୍କୃତି, ଅନନ୍ୟ ସମୁଦ୍ର ଆଳତି, ବେଳାଭୂମି କ୍ରୀଡା, ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳାର ଆୟୋଜନ କରାଯାଇଛି । ଏହା ଗୋପାଳପୁରକୁ ବିଶ୍ୱସ୍ତରରେ ଏକ ଆକର୍ଷଣୀୟ ସମୁଦ୍ରତଟୀୟ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଚିତ କରିବ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଞ୍ଜାମ ଓ ଗୋପାଳପୁରର ସାମାଜିକ ଓ ଐତିହାସିକ ପୃଷ୍ଠଭୂମି ବର୍ଣ୍ଣନ କରି ଆଲୋକପାତ କରିଥିଲେ । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ନୀଳମଣି ବଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଗୋପାଳପୁର ଏନ ଏ ସି ଅଧ୍ୟକ୍ଷ ଏ ଜାନକୀ ରାଓ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଆଇ ଜି ନିତିନ କେଶର, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମଙ୍ଗଳବାରର ସାଂସ୍କୃତିକ ମଞ୍ଚ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ନାମରେ ସମର୍ପିତ ହେଇଥିଲା । ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କେର୍କେଟା, ଉପ ଜିଲ୍ଲାପାଳ ବ୍ରହ୍ମପୁର ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ମଙ୍ଗଳବାର ସକାଳେ ମା ତାରାତାରିଣୀ ମନ୍ଦିର (ପୁରୁଷୋତ୍ତମପୁର), ମା ବାଳକୁମାରୀ ମନ୍ଦିର (ଚିକିଟି) ଏବଂ ଭଞ୍ଜନଗର ନିକଟସ୍ଥ ମା କୁଲାଡ ଦେବୀ ମନ୍ଦିରରୁ ଏକାସାଥିରେ ଏକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ନାରାୟଣପୁର ଗ୍ରାମ ନିକଟରେ ପହଞ୍ଚିଥିଲା । ସେଠାରୁ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ନାମ ସଂକୀର୍ତ୍ତନ ସହିତ ଏକ ବିଶାଳ ଶୋଭାଯାତ୍ରାରେ ଗୋପାଳପୁର ବେଳାଭୂମିରେ ଏକତ୍ରିତ ହୋଇଥିଲେ । ସେଇଠି ବନାରସରୁ ଆସିଥିବା ସାଧୁ ସନ୍ଥଙ୍କ ଦ୍ୱାରା ଓଡ଼ିଶାରେ ବସ୍ତୁତଃ ପ୍ରଥମ ଥର ପାଇଁ ଅନନ୍ୟ ସମୁଦ୍ର ଆଳତୀ କରାଯାଇ ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା । ଷ୍ଟାର ନାଇଟ୍ସ କାର୍ଯ୍ୟକ୍ରମରେ ବି ପ୍ରାକ, କୁଳଦୀପ ପଟ୍ଟନାୟକ, ଶାଶ୍ୱତ ଯୋଶୀ, ଅନନ୍ୟା ଦାସ ସହିତ ସ୍ଥାନୀୟ କଳାକାରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଜନସାଧାରଣଙ୍କ ମନମୋହିଥିଲେ। ବଡକୁଶସ୍ଥଳୀ ସ୍ଥିତ ନରେନ୍ଦ୍ରପୁର କଳାବିକାଶ କେନ୍ଦ୍ରରେ କଳାକାରଙ୍କ ଦ୍ୱାରା ରଣାପା ନୃତ୍ୟ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିବା ବେଳେ ଛତ୍ରପୁର କଳାବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ, ବ୍ରହ୍ମପୁର ସ୍ଥିତ ସଙ୍ଗୀତ ଆରାଧନ ନୃତ୍ୟ ଓ ସଙ୍ଗୀତ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଏମ ଜେ ଭାଇରସ ଡ୍ୟାନସ ଗ୍ରୁପ ପକ୍ଷରୁ ଆଧୁନିକ ନୃତ୍ୟ, ଲକ୍ଷ୍ୟମଞ୍ଜୁରୀ କଳା କ୍ଷେତ୍ର ପକ୍ଷରୁ କୁଚୁପୁଡି ନୃତ୍ୟ, କରାପଲ୍ଲୀ ସ୍ଥିତ ବିଟ୍ ଦ ଷ୍ଟାଇଲ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ, ବ୍ରହ୍ମପୁର ଓଡ଼ିଶୀ ନୃତ୍ୟାୟନ ପକ୍ଷରୁ ବିହୁ ନୃତ୍ୟ, ପୁରୀ ଜିଲ୍ଲା ସାଂସ୍କୃତିକ ପରିଷଦ ପକ୍ଷରୁ ନାଗା ନୃତ୍ୟ, କଳାହାଣ୍ଡି ସ୍ଥିତ ଜିତେନ୍ଦ୍ର ଭୋଇ ଏବଂ ଟ୍ରୁପ ପକ୍ଷରୁ ଘୁମୁରା ନୃତ୍ୟ, ରାଜସ୍ଥାନର ମମତା ବାଇ ଅନ୍ତର୍ଜାତୀୟ କଳାକାରଙ୍କ ପକ୍ଷରୁ ଘୁମୁରା ନୃତ୍ୟ ପ୍ରମୁଖ ପରିବେଷଣ ହୋଇଥିଲା । ପାଖାପାଖି ୨୫୦ଟି ଷ୍ଟଲ ସହିତ ଏକ ବୃହତ୍ ପଲ୍ଲୀଶ୍ରୀ ମେଳା ଆୟୋଜିତ ହୋଇଛି । ସମଗ୍ର ଦେଶର ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ଉଦ୍ୟୋଗ, ହସ୍ତଶିଳ୍ପ ଓ ହସ୍ତତନ୍ତ ୟୁନିଟ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହେଉଛି ।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 29th January, 2026 Thursday | RNI Regd. No. ODIODI/2009/28880

## ବାଟବଣା ମାଲିକ

**ହେଲ୍‌ଥ**



**ଟନିକ୍**

ସ୍ୱାମୀ ତାଙ୍କ ମୋବାଇଲ୍‌ରେ ସ୍ତ୍ରୀକୁ ପଚାରିଲେ- ଟିକେ ଦେଖିଲ ବିଲେଇଟା କ'ଣ ଘରକୁ ପଳାଇ ଆସିଛି କି ?

ସ୍ତ୍ରୀ କହିଲେ- ହଁ, ଏଠି ବାରଣ୍ଡାରେ ବୁଲୁଛି।

ଦ୍ୱିତୀୟ ଦିନ ସ୍ତ୍ରୀ ସ୍ୱାମୀ ଘରଠାରୁ ଆଉ ଟିକେ ଦୂରରେ ବିଲେଇକୁ ଛାଡ଼ିବା ପରେ ସେ ପୁଣି ଘରକୁ ପଳାଇ ଆସିଲା। ଏମିତି ଏମିତି କରି ୪ଦିନ ଗଲା।

ପଞ୍ଚମ ଦିନ ସ୍ତ୍ରୀଙ୍କ ମୋବାଇଲ୍‌କୁ ଫୋନ୍ ଆସିଲା- ଦେଖିଲ ବିଲେଇଟା ଘରେ ପହଞ୍ଚିଯାଇଛି କି ?

ସ୍ତ୍ରୀ କହିଲେ- ହଁ, ଏଇଠି ବୁଲୁଛି।

ସ୍ୱାମୀ କହିଲେ- ତାକୁ ଟିକେ ଫୋନ୍‌ଟା ଦେଲ।

ସ୍ତ୍ରୀ ପଚାରିଲେ- କାହିଁକି ?

ସ୍ୱାମୀ କହିଲେ- ସେ କେଉଁ ବାଟ ଦେଇ ଘରକୁ ଗଲା ଟିକେ ତା'ଠୁ ପଚାରି ବୁଝିବି, ଏ ଜଙ୍ଗଲରେ ମୁଁ ବାଟ ପାଉନାହିଁ।

# ଓଏଏସ୍ କ୍ୟାଡର୍‌ରେ ପଦୋନ୍ନତି: ପୁଣି ବିଭ୍ରାଟ ଆଶଙ୍କା

**ଭୁବନେଶ୍ୱର,୨୮।୧**

**ତଥ୍ୟ**

ଆଇନଗତ ବିବାଦ ଯୋଗୁ ଓଡ଼ିଶା ପ୍ରଶାସନିକ ସେବା କ୍ୟାଡର୍‌ରେ ବର୍ଷବର୍ଷ ଧରି ଚୂଡ଼ାନ୍ତ ବରିଷ୍ଠତା ତାଲିକା ପ୍ରକାଶ ପାଉନଥିବାବେଳେ ଏବେ ଅନ୍ୟ କ୍ୟାଡର୍‌ର ପ୍ରାୟ ୨୦ଜଣ ଅଫିସରଙ୍କୁ ପିଛିଲା ତାରିଖରୁ ଓଏଏସ୍ ଭାବେ ନିଯୁକ୍ତି ସହ ପଦୋନ୍ନତି ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ପରିପ୍ରେକ୍ଷୀରେ ନୂଆ ବିବାଦ ମୁଣ୍ଡ ଟେକିବାର ସମ୍ଭାବନା ଦେଖାଦେଇଛି। ଏଥିଯୋଗୁ ଯୁଗ୍ମ ସଚିବ ଓ ଅତିରିକ୍ତ ଶାସନ ସଚିବ ପାହ୍ୟାର ବହୁ ବରିଷ୍ଠ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏହି ନୂଆ ବିବାଦଟି ମୁଣ୍ଡ ଟେକୁଛି ୧୯୯୭ ବ୍ୟାଚ୍‌ର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳାଫଳ ଭିତ୍ତିରେ ନିଯୁକ୍ତିକୁ କେନ୍ଦ୍ରକରି। ଏ ସଂକ୍ରାନ୍ତରେ ସ୍ୟାଟ୍ ଓ ହାଇକୋର୍ଟରେ ମାମଲା ଚାଲିବା ପରେ ପୁଣି ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଦରକାର ପଡ଼ିଥିଲା। ତେବେ ରାଜ୍ୟ ସରକାରଙ୍କ ଯୁକ୍ତିକୁ ଠିକଣା ଭାବେ କୋର୍ଟରେ ଉପସ୍ଥାପନ ନକରି ସେତେବେଳର ଜଣେ ସରକାରୀ ଓକିଲ ସରକାରଙ୍କ ପକ୍ଷରୁ ଯେଉଁ ପ୍ରତିଶ୍ରୁତି ଅଦାଲତକୁ ଦେଇଥିଲେ ତାହା ଆଧାରରେ ସୁପ୍ରିମକୋର୍ଟ ମୂଳ ମାମଲାର ଫଇସଲା କରିଥିଲେ। ଏ ପ୍ରସଂଗ ଜଣାପଡିବା ପରେ ୨୦୧୩ ମସିହାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ସଂପୃକ୍ତ ରାଜ୍ୟ ସରକାରଙ୍କ ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍ ବିଭାଗକୁ କୁହାଯାଇଥିଲା।

ଅନ୍ୟପକ୍ଷରେ ଅଦାଲତଙ୍କ ଆଦେଶ ଠିକଣା ଭାବରେ କାର୍ଯ୍ୟକାରୀ କରାଯାଉନଥିବାରୁ ସୁପ୍ରିମକୋର୍ଟ ବାରମ୍ବାର ଅସନ୍ତୋଷ ବ୍ୟକ୍ତ କରୁଥିଲେ। ତେବେ ଗତବର୍ଷ ଜୁଲାଇ ମାସରେ ପୁଣିଥରେ ଏହି ମାମଲା ସୁପ୍ରିମକୋର୍ଟରେ ଉଠିଥିଲା



ଏବଂ ସେତେବେଳେ କୁହାଯାଇଥିଲା ଯେ ପୂର୍ବରୁ ଅନୁରୂପ ମାମଲାରେ ସତ୍ୟଜିତ ଦାସ ଓ ରୁଦ୍ରନାରାୟଣ ଆଚାର୍ଯ୍ୟ ନାମକ ଦୁଇଜଣ ଆବେଦନକାରୀଙ୍କ ପାଇଁ ସରକାର ସୁପରନ୍ୟୁମେରାରୀ ପଦବୀ ସୃଷ୍ଟି କରି ସେମାନଙ୍କୁ ଯେଭଳି ଓଏଏସ୍ କ୍ୟାଡର୍‌ରେ ଅବସ୍ଥାପିତ କରିଛନ୍ତି ସେହିଭଳି ଅନ୍ୟ ଆବେଦନକାରୀ ଓ ଅନ୍ୟ ଅଧିକାରୀଙ୍କ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବା କଥା।

ସୁପ୍ରିମକୋର୍ଟଙ୍କ ଏହି ଆଦେଶ ପରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ତା'ର କାର୍ଯ୍ୟକାରିତା ପାଇଁ ରାଜସ୍ୱ ବିଭାଗକୁ ସୁପରନ୍ୟୁମେରାରୀ ପଦବୀ ସୃଷ୍ଟି ପାଇଁ କହିଥିବାବେଳେ ଅର୍ଥ ବିଭାଗ କିନ୍ତୁ ଏଥିରେ ଆପତ୍ତି ଉଠାଇଥିଲା। ତେବେ ସରକାରଙ୍କ ଆଦେଶ ନିଆଯାଇଥିବାରୁ ଏହା ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଇତିମଧ୍ୟରେ ପଦକ୍ଷେପ ନିଆଯାଇଛି। ଫଳରେ ଓଏଫ୍‌ଏସ୍ ଚାକିରିରେ ଥିବା ୩ଜଣ, ସବ୍ ରେଜିଷ୍ଟ୍ରାର୍ ଥିବା ୪ଜଣ, ସମବାୟ ସେବା ପଦବୀରେ ଥିବା ୯ଜଣ, ଶିକ୍ଷା ସେବାରେ ଥିବା ୨ଜଣଙ୍କ ସମେତ ୧୯ଜଣ ଅଧିକାରୀଙ୍କ ପାଇଁ ସୁପରନ୍ୟୁମେରାରୀ ପଦବୀ ସୃଷ୍ଟି କରାଯାଇ ସେମାନଙ୍କୁ ଓଏଏସ୍ କ୍ୟାଡର୍‌ରେ ଭର୍ତ୍ତି କରିବା ଲାଗି ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ଅଦାଲତ ଅବମାନନା ମାମଲା ଦୃଷ୍ଟିରୁ ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଯେଉଁ ୧୯ଜଣ ଅଧିକାରୀଙ୍କୁ ଓଏଏସ୍ କ୍ୟାଡରକୁ ଆଣିବାପାଇଁ ନିଷ୍ପତ୍ତି ହୋଇଛି ସେମାନଙ୍କୁ ଏବେ ଜଣଙ୍କର ଦେହାନ୍ତ ହୋଇଯାଇଥିବାବେଳେ ଆଉଜଣେ ସ୍ୱେଚ୍ଛାକୃତ ଅବସର ନେଇଯାଇଛନ୍ତି ଏବଂ ଅନ୍ୟଜଣେ ମଧ୍ୟ ସରକାରୀ ଚାକିରିରେ ନାହାନ୍ତି।

ଅଭିଯୋଗ ହେଉଛି ଯେ ଏହି ୧୯ଜଣଙ୍କ ଭିତରୁ କେତେକ ଭିନ୍ନ କ୍ୟାଡର୍‌ରେ ଚାକିରି କରିବା ଲାଗି ସେମାନଙ୍କ ମୂଳ ଆବେଦନରେ ଉଲ୍ଲେଖ କରିଥିଲେ ଓ ତଦନୁଯାୟୀ ସେମାନଙ୍କୁ ଅର୍ଥ ସେବା ଓ ଅନ୍ୟ କ୍ୟାଡର୍‌ରେ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ଏବେ ୧୯ଜଣ ଅଧିକାରୀଙ୍କୁ ଅନ୍ୟ କ୍ୟାଡର୍‌ରୁ ଆଣି ସେମାନଙ୍କୁ ଓଏଏସ୍ କ୍ୟାଡରଭୁକ୍ତ କରିବା ସହ ପିଛିଲା ତାରିଖରୁ ପଦୋନ୍ନତି ଓ ବେତନ ନିର୍ଦ୍ଧାରଣ କରି ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ଅଣାଯାଉଥିବା ଫଳରେ ଏହି କ୍ୟାଡର୍‌ରେ ପ୍ରାୟ ୨୭ବର୍ଷ ଧରି କାର୍ଯ୍ୟରତ ଥାଇ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ପଦୋନ୍ନତି ପାଇଆସୁଥିବା ବହୁ ଅଧିକାରୀଙ୍କ ବରିଷ୍ଠତା ଓ ଚାକିରି ସର୍ତ୍ତାବଳୀ ବିଭ୍ରାଟ ହେବାର ଆଶଙ୍କା ଉପୁଜିଛି। ଏଥିଯୋଗୁ ଚାପା ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ସେତେବେଳର ଜଣେ ସରକାରୀ ଓକିଲଙ୍କ ତ୍ରୁଟି ଯୋଗୁ ଏଭଳି ବିଭ୍ରାଟ ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେଉଛି।

## ଭାରତ ମ୍ୟାଚରୁ ଓହରିଲେ ପିସିବି ଦେବ ୩୫୦ କୋଟି କ୍ଷତିପୂରଣ

**ଦୁବାଇ,୨୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

କଲମ୍ବୋରେ ଖେଳାଯିବାକୁ ଥିବା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚରୁ ଓହରିଯିବାକୁ ପାକିସ୍ତାନ ବାହାସ୍ଫଟ ମାରୁଛି। ଏଭଳି କଲେ କିନ୍ତୁ ତା'ର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦୁଇ ଖଣ୍ଡ ହୋଇଯିବ। ଆଇସିସି ତ ଯାହା କାର୍ଯ୍ୟାନୁଷ୍ଠାନ ନେବ ପ୍ରସାରଣକାରୀ ସଂସ୍ଥା ମଧ୍ୟ ତା' ବିରୋଧରେ ୩୮ ନିୟୁତ ଡଲାର ବା ପାଖାପାଖି ୩୫୦ କୋଟି ଟଙ୍କାର କ୍ଷତିପୂରଣ ମୋକଦ୍ଦମା କରିବେ। ଏକଥା ବିଶ୍ୱକପ୍ର ପ୍ରସାରଣ ଅଧିକାର ହାସଲକାରୀ ସଂସ୍ଥା ପରୋକ୍ଷ ଭାବେ ପିସିବିକୁ ଜଣାଇ ଦେଇଛନ୍ତି। ଏହା ପୂର୍ବରୁ ପୂରା ବିଶ୍ୱକପ୍ କିମ୍ବା କୌଣସି ମ୍ୟାଚ୍ରୁ ଓହରିଲେ ପାକିସ୍ତାନକୁ ଏକଘରିକିଆ କରିବାର ସମସ୍ତ ରଣନୀତି ଆଇସିସି ପ୍ରସ୍ତୁତ କରିସାରିଛି। ଏହା ସତ୍ତ୍ୱେ ଯଦି ପାକିସ୍ତାନ ଓହରେ, ତାହେଲେ ତାକୁ ଏସିଆ କପରୁ ବାହାର କରିବ ଆଇସିସି। ପୁଣି କୌଣସି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିବାର ସୁଯୋଗ ଦେବନି। ସେହିଭଳି ପାକିସ୍ତାନ ସୁପର ଲିଗ୍ ଲାଗି ବିଦେଶୀ ଖେଳାଳିଙ୍କୁ ଆପତ୍ତି ବିହୀନ ପ୍ରମାଣପତ୍ର ମଧ୍ୟ ଜାରି କରିବିନ। ଯାହା ପାକିସ୍ତାନ କ୍ରିକେଟ୍ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହେବ। ସେଥିପାଇଁ ଇଞ୍ଜମାମ-ଉଲ୍-ହକ୍, ୱାସିମ ଆକ୍ରମ ଏବଂ ରସିଦ ଲତିଫଙ୍କ ଭଳି ପୂର୍ବତନ ଖେଳାଳି ଏଭଳି କୌଣସି ପଦକ୍ଷେପ ନନେବାକୁ ପିସିବିକୁ ପରାମର୍ଶ ଦେଇଛନ୍ତି।

## ପୂର୍ବତନ ପ୍ରଧାନ ଶିକ୍ଷକ ନରହରି ଦାସଙ୍କ ପରଲୋକ

**କେନ୍ଦ୍ରାପଡ଼ା,୨୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବଳଦେବ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ତଥା କେନ୍ଦ୍ରାପଡା ଜିଲ୍ଲାର ସୁନାମଧନ୍ୟ ଶିକ୍ଷାବିତ୍ ନରହରି ଦାସଙ୍କର ୮୯ ବର୍ଷ ବୟସରେ ରବିବାର ଶ୍ୟାମସୁନ୍ଦରପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ନିଷ୍ଠାପର ଓ ଉଚ୍ଚକୋଟୀର ଶିକ୍ଷକ ଭାବେ ସମଗ୍ର ଜିଲାରେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇ ତାଙ୍କର ବହୁ ପ୍ରତିଷ୍ଠିତ ଛାତ୍ରଛାତ୍ରୀ ସ୍ୱର୍ଗତ ଦାସଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ଛାତ୍ର କେନ୍ଦ୍ରାପଡା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଧିରେନ୍ଦ୍ର କୁମାର ସାହୁ, ଜିଲା ବିଜେଡି ସଭାପତି ଶିବ ପ୍ରସାଦ ଭଲ, ପୂର୍ବତନ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାୟକ, ପୁରାତନ ଛାତ୍ର ତଥା ବିଶିଷ୍ଟ ସମାଜସେବୀ ଶୁଭାଷିଶ ସେନାପତି, କେଶବ ଚନ୍ଦ୍ର ସାହୁ, ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ପୂର୍ବତନ ଶିକ୍ଷକ ରତ୍ନପର୍ଣ୍ଣ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପାର୍ଥିବ ଶରୀର ନିକଟରେ ପୁତ୍ର ଦେବଦତ୍ତ, ପୁତ୍ରବଧୂ ସଂଧ୍ୟା, ଝିଅ ଆଶା ଓ ଉଷା, ଜ୍ୱାଇଁ ସର୍ବେଶ୍ୱର ଓ ସୁବାଷ, ଭଣଜା ପ୍ରବୀଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦରପୁର ସ୍ଥିତ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ ହୋଇଥିବା ବେଳେ ପୁତ୍ର ଦେବଦତ୍ତ ମୁଖାଗ୍ନି ଦେଇଥିଲେ।

## ସେବା ନିବୃତ୍ତ ବନକର୍ମଚାରୀଙ୍କ ପରଲୋକ

**ରାଜନଗର,୨୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନ୍ୟପ୍ରାଣୀ ଡିଭିଜନର ବରିଷ୍ଠ ତଥା ଅବସରପ୍ରାପ୍ତ କର୍ମଚାରୀ ଶିବପ୍ରସାଦ ଦାସଙ୍କର ବୁଧବାର ସକାଳ ପ୍ରାୟ ୪ଟା ସମୟରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସ୍ୱର୍ଗତ ଦାସ ଅବସର ନେବା ପରେ ବି ବନ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଜଣେ କର୍ତବ୍ୟ ନିଷ୍ଠ, ଦାୟିତ୍ୱ ସଂପନ୍ନ କର୍ମଚାରୀ ଭାବରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବନବିଭାଗର କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ଆଠଗଡ ଅଂଚଳର ବଡପଡା ଗ୍ରାମକୁ ନିଆଯାଇଛି। ସେଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡିଛି।

# କଟକ-ଚାନ୍ଦବାଲି ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା

**କେନ୍ଦ୍ରାପଡ଼ା,୨୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବା କଟକ-ଚାନ୍ଦବାଲି ରାସ୍ତା ଉପରେ ଯଥେଷ୍ଟ ଚାପ ବଢୁଛି। ଏହି ଚାପ ଯୋଗୁ ଅନେକ ସମୟରେ ରାସ୍ତାଟିରେ ଅଚଳାବସ୍ଥା ସୃଷ୍ଟି ହେଉଛି। ଏହି ରାସ୍ତାକୁ ଚାରି ଲାଇନ୍ ବିଶିଷ୍ଟ କରିବା ପାଇଁ ଦୀର୍ଘ ଦିନ ହେଲା କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ଦାବିକୁ ପୂର୍ବ ସରକାର ଓ ବର୍ତ୍ତମାନର ସରକାର ଏଡ଼ାଇ ଚାଲିଛନ୍ତି। ତେବେ ପ୍ରଶାସନ ହୁଅନ୍ତୁ କି ରାଜ୍ୟ ସରକାର ହୁଅନ୍ତୁ କଟକ-ଚାନ୍ଦବାଲି ରାସ୍ତାରେ ବଢୁଥିବା ଯାନବାହାନର ସଂଖ୍ୟା ଓ କ୍ରମାଗତ ଦୁର୍ଘଟଣା ଜନିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଜରୁରୀ ହୋଇ ପଡ଼ିଛି। ହେଲେ ଏଥିନେଇ ସମସ୍ତେ ଉଦାସିନ। ଏହି ରାସ୍ତା ସଂଲଗ୍ନ କଟକସଦର, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ରାଜନଗର, ଆଳି ଓ ଚାନ୍ଦବାଲିର ଲୋକପ୍ରତିନିଧି ବିଧାୟକମାନେ ହୁଅନ୍ତୁ କି ଖୋଦ୍ ଶାସକ ଦଳର ରାଜ୍ୟ ସଭାପତି ଅଥବା କେନ୍ଦ୍ରାପଡ଼ା ସାଂସଦ ହୁଅନ୍ତୁ ଏଥିନେଇ କାହାରି ମୁହଁ ଖୋଲୁନାହିଁ। ସମାଜସେବୀ ମହେନ୍ଦ୍ର କୁମାର ସିଂହ, ସାମାଜିକ କର୍ମୀ ସୁବ୍ରତ ରାଉତ, ନରେଶ ଚନ୍ଦ୍ର ଜେନା, ନରୋତ୍ତମ ଦାସ ପ୍ରମୁଖଙ୍କ କହିବା କଥା ଯେ,ପ୍ରାକ୍ ସ୍ୱାଧୀନତା କାଳରୁ କଟକ-ଚାନ୍ଦବାଲି ରାସ୍ତା ଯୋଗାଯୋଗ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ମଧ୍ୟ ଏହି ରାସ୍ତା ସଂଯୋଗ କରୁଛି। ବହୁ ଆବେଦନ, ନିବେଦନ ଓ ଦାବି ପରେ ସରକାର ଗତ କିଛି ବର୍ଷ ତଳେ ଏହି ରାସ୍ତାକୁ ଦୁଇ ଲାଇନ୍ ବିଶିଷ୍ଟ କରିବା ସହିତ ବିକଶିତ କରିଛନ୍ତି। ହେଲେ ସରକାରଙ୍କ ଏହି ବିଳମ୍ବିତ ପଦକ୍ଷେପ ସମୟ ଉପଯୋଗୀ ହୋଇ ପାରିନାହିଁ। କାରଣ ଏହି ରାସ୍ତାର ବିକାଶ ପାଇଁ ବିଂଶ ଶତାବ୍ଦୀର ଶେଷ ଭାଗରେ ଯେତେବେଳେ ଦାବି ହେଉଥିଲା ସେତେବେଳେ ଏହି ରାସ୍ତା ଉପରେ ଚାପ ଯଥେଷ୍ଟ କମ୍ ଥିଲା। କିନ୍ତୁ ସରକାର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଏହି ରାସ୍ତାର ଯେତେବେଳେ ବିକାଶ କଲେ ସେତେବେଳେ ରାସ୍ତାଟି ଉପରେ ନିର୍ଭର କରୁଥିବା ଯାନବାହାନ ସଂଖ୍ୟା ବହୁ ଗୁଣା ବଢିଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ରାସ୍ତାଟିକୁ ଚାରି

### ନିୟନ୍ତ୍ରଣ ବାହାରେ ଯାନବାହାନ ଚଳାଚଳ

ଲାଇନ୍ ବିଶିଷ୍ଟ କରିବା ପରିବର୍ତ୍ତେ ଦୁଇ ଲାଇନ୍‌ରେ କାମ ସାରି ଦେଲେ। ଫଳରେ ବର୍ଷ କେଇଟା ନଯାଉଣୁ ଏହି ରାସ୍ତା ରେ ଯାତାୟତ ନେଇ ଲୋକଙ୍କ ଚିନ୍ତା ବଢୁଛି। ରାସ୍ତାଟିରେ ଯାନବାହାନ ସଂଖ୍ୟା ଏତେ ବଢିଯାଇଛିଯେ ଆଳି-କନିକାରୁ ହେଉ କି ରାଜନଗରରୁ ହେଉ ସାଧାରଣ ରୋଗୀଟିକୁ ନେଇ କଟକ ବଡ଼ ଡ଼ାକ୍ତରଖାନାକୁ ବାହାରୁଥିବା ଆମ୍ବୁଲାନ୍ସକୁ ନିର୍ଦ୍ଧାରିତ ସମୟରେ ପହଂଚିବା ସମ୍ଭବ ହେଉନାହିଁ। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହାନର ସଂଖ୍ୟା ବୃଦ୍ଧି ଏବଂ ଚାନ୍ଦବାଲି ସେତୁ ହୋଇଯିବା ପରେ ଏହି ରାସ୍ତାଦେଇ ଗଲେ ଭଦ୍ରକ, ବାଲେଶ୍ୱର ଓ ଏପରିକି କୋଲକାତାକୁ ଦୂରତ୍ୱ ହ୍ରାସ କାରଣରୁ ରାସ୍ତାଟି ଉପରେ ଚାପ ପଡ଼ିଛି। ସବୁଠାରୁ ଉଦ୍‌ବେଗ ଜନକ କଥା ହେଲା ମୁଖ୍ୟତଃ ଲକ୍ଷ ଲକ୍ଷ ଲୋକଙ୍କ ଯାତାୟତର ପ୍ରମୁଖ ପଥ କୁହାଯାଉଥିବା ଏହି ରାସ୍ତାରେ ବେଆଇନ ଭାବେ ଶହ ଶହ ସଂଖ୍ୟାରେ ଭାରିଯାନ ଚଳାଚଳ ସମସ୍ୟାକୁ ବହୁ ଗୁଣିତ କରିଛି। ଏହି ରାସ୍ତାଟି ଏବେ ରାଜ୍ୟ ରାଜପଥ ହୋଇ ରହିଛି। ଏହାକୁ ଜାତୀୟ ରାଜପଥର ମାନ୍ୟତା ମିଳିନାହିଁ। କିନ୍ତୁ କେବଳ ଜାତୀୟ ରାଜପଥରେ ଯିବାର ଆବଶ୍ୟକତା ଥିବା ୨୫ଟନ୍‌ରୁ ବହୁ ଅଧିକ ମାଲ ପରିବହନ କରୁଥିବା ଟ୍ରକ୍ ଗୁଡ଼ିକ ପାଇକାରୀ ହାରରେ ଏହି ରାଜ୍ୟ ରାଜପଥରେ ଦୌଡୁଛନ୍ତି। ଯାହାର ପରିଣାମରେ କ୍ରମାଗତ ଭାବେ ରାସ୍ତାଟ ଯାହା ବିପର୍ଯ୍ୟସ୍ତ ହେଉଛି ହେଉଛି ଏହି ଟ୍ରକ ଗୁଡ଼ିକର ଭିଡ଼ ଯୋଗୁ ଯାତ୍ରୀବାହୀ ବସ୍, କାର୍, ବାଇକ୍ ଓ ଅନ୍ୟାନ୍ୟ ଯାନ ଚଳାଚଳରେ ବ୍ୟାଘାତ ଘଟୁଛି। ଏଥିସହିତ ଜନ ଗହଳି ପୂର୍ଣ୍ଣ ଏହି ରାଜ୍ୟ ରାଜପଥ ଦେଇ ଲୁଆପଥର,ଜିପ୍‌ସମ୍ ଆଦି ପରିବହନ ହେବା ଫଳରେ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଦେଖାଦେଉଛି। ଚଣ୍ଡିଖୋଲ - ପାରାଦୀପ ଜାତୀୟ ରାଜପଥରେ ମାଲ୍ ପରିବହନ କରୁଥିବା ଅନେକ ଟ୍ରକ୍ ଟୋଲ୍ ଫି ଓ ରାସ୍ତା କମ୍ ଜନିତ ଡ଼ିଜେଲ ବଂଚାଇବା ପାଇଁ ଏହି କଟକ-ଚାନ୍ଦବାଲି ରାସ୍ତାରେ ଜଗତପୁର ଦେଇ ଦୁହୁରିଆ ଯାଏ ଆସୁଛନ୍ତି। ସେଠାରୁ ପୁଣି ୫୩ନମ୍ବର ଜାତୀୟ ରାଜପଥକୁ ଉଠି ପାରାଦୀପ ଯାଉଛନ୍ତି।

ଅନ୍ୟ ପକ୍ଷରେ ପାରାଦୀପରୁ ଆସୁଥିବା ମାଲ ବାହୀ ଟ୍ରକ ଗୁଡ଼ିକ ଦୁହୁରିଆରୁ ଗଡ଼ି ଏହି ରାସ୍ତାଦେଇ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି। କଟକ ଜିଲ୍ଲା ପ୍ରଶାସନ ହେଉ କି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ହେଉ କେହି ବି ଏଥିପ୍ରତି ନଜର ଦେଉନାହାଁନ୍ତି। ଏହି ରାସ୍ତାରେ ୨୫ଟନ୍ ରୁ ଅଧିକ ମାଲ ପରିବହନ କରୁଥିବା ଟ୍ରକ୍ ଗୁଡ଼ିକୁ ବାରଣ କରିବା ଏବଂ ଆବଶ୍ୟକ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ସଂପୂର୍ଣ୍ଣ ସରକାରଙ୍କ ନିୟନ୍ତ୍ରଣ ହରାଇଛି। ଫଳରେ ଯାନବାହାନ ଚଳାଚଳ ରେ ଯେ କେବଳ ଯେ ବ୍ୟାହାତ ହେଉଛି ତା ନୁହେଁ କ୍ରମାଗତ ଦୁର୍ଘଟଣାରେ ଧନ ଜୀବନ ର କ୍ଷୟକ୍ଷତି ଘଟୁଛି। ପରିବହନ ବିଭାଗ ଅଧିକାରୀ ଓ ଏହି ରାସ୍ତା ସଂଲଗ୍ନ ଥାନା ପୋଲିସ ଭାରି ଯାନରୁ ବଟି ପାଇ ଖୁସିରେ ଅଛନ୍ତି। ବେଆଇନ ଯାନବାହାନ ଚଳାଚଳକୁ ନିଜ ଆଖିରେ ଦେଖି ଅହେତୁକ ନିରବତା ଅବଲମ୍ବନ କରୁଛନ୍ତି। ରାଜ୍ୟ ସରକାର ଏହି ରାସ୍ତାକୁ ଚାରି ଲାଇନ୍ ବିଶିଷ୍ଟ ଯେବେ କରୁଛନ୍ତି କରନ୍ତୁ ପଛେ, ଏବେ ଏହି ରାସ୍ତାର ଅଚଳାବସ୍ଥା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଅନ୍ତତଃ କଟକ-ଚାନ୍ଦବାଲି ରାସ୍ତାରେ ଲୋକେ ଟିକେ ଅନାୟରେ ଯାତାୟତ କରିବା ସହିତ ବିନା ଦୁର୍ଘଟଣା ରେ ଠିକଣା ସମୟରେ ନିଜ ନିଜ ଗନ୍ତବ୍ୟସ୍ଥଳରେ ପହଂଚି ପାରନ୍ତେ ବୋଲି କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବିମାନ ଦୁର୍ଘଟଣାରେ...

ବାରାମତୀ ଏୟାରପୋର୍ଟର ୧୧ ନମ୍ବର ରନୱେରେ ସକାଳ ୮.୪୦ରେ ଲ୍ୟାଣ୍ଡିଂ ଉଦ୍ୟମ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହାପରେ ଏଥିରେ ନିଆଁ ଲାଗି ଯାଇଥିଲା।

ଅଜିତ ପାୱାର ହେଉଛନ୍ତି ଶରଦ ପାୱାର ବଡ ଭାଇ ଅନନ୍ତରାଓଙ୍କ ପୁଅ। ତାଙ୍କ କ୍ୟାରିୟର ଦାଦା ଶରଦ ପାଓ୍ୱରଙ୍କ ଅଧୀନରେ ମହାରାଷ୍ଟ୍ର ସମବାୟ ସେକ୍ଟରରୁ ଆରମ୍ଭ ହୋଇଥିଲା। ଦାଦା ଭାବେ ପରିଚିତ ଅଜିତ ପାୱାର ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଦାଦାଙ୍କ ହାତ ଧରି କ୍ୟାରିୟର ଆରମ୍ଭ କରିଥିଲେ ହେଁ ୨୦୨୩ରେ ସେ ବେଶ ନାଟକୀୟ ଢଙ୍ଗରେ ପଟ ପରିବର୍ତ୍ତନ କରିଥିଲେ। ସେ ଦାଦାଙ୍କଠାରୁ ଅଲଗା ହୋଇ ବିଜେପି ସହ ହାତ ମିଳାଇ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୫୯ ମସିହା ଜୁଲାଇ ୨୨ରେ ଅହମଦନଗର ଜିଲ୍ଲା ଦେଓଲାଲି ପ୍ରଭାରାରେ ଅଜିତ ପାୱାର ଜନ୍ମ ଗ୍ରହଣ କରିଥିଲେ। ମହାରାଷ୍ଟ୍ର ରାଜନୀତିରେ ଦବଦବା ରଖିଥିବା ପାୱାର ପରିବାର ସହ ଅଜିତ ଜଡିତ। ସମବାୟ ଓ କୃଷି କ୍ଷେତ୍ର ସହ ଜଡିତ ହୋଇ ପାୱାର ପରିବାର ରାଜନୀତି କରନ୍ତି। ଏହାକୁ ଆଧାର କରି ଅଜିତ ପାୱାର ମଧ୍ୟ ନିଜ ରାଜନୀତିକ କ୍ୟାରିୟରର ମୂଳଦୁଆ ପକାଇଥିଲେ। ଅଜିତ ପାୱାରଙ୍କ ବାପା ଅନନ୍ତରାଓ ମୁମ୍ବାଇର ରାଜକମଲ ଷ୍ଟୁଡିଓରେ କାମ କରୁଥିଲେ। ତାଙ୍କ ଦେହାନ୍ତ ପରେ ହିଁ ଅଜିତ ଦାଦା ରାଜନୀତିରେ ପ୍ରବେଶ କରିଥିଲେ। ଏହି ସମୟରେ ତାଙ୍କ ଦାଦା ମହାରାଷ୍ଟ୍ର କଂଗ୍ରେସର ଜଣେ ଟାଣୁଆ ନେତା ଥିଲେ। ତେଣୁ ଅଜିତଙ୍କୁ ରାଜନୀତିରେ ପ୍ରବେଶ ପାଇଁ ବେଶ ପରିଶ୍ରମ କରିବାକୁ ପଡିନଥିଲା। ମାତ୍ର ୨୩ ବର୍ଷ ବୟସରେ ସେ ପ୍ରଥମଥର ବାରାମତୀରେ ଥିବା ସମବାୟ ସୁଗାର ଫ୍ୟାକ୍ଟ୍ରୀ ବୋର୍ଡକୁ ନିର୍ବାଚିତ ହୋଇଥିଲେ। ୧୯୯୧ରେ ସେ ପ୍ରଥମଥର ବାରାମତୀରୁ ବିଧାନସଭାକୁ ଯାଇଥିଲେ। ଏହାପର ଠାରୁ ସେ କେବେ ବି ପଛକୁ ଚାହିଁନାହାନ୍ତି।

### ଷଡ଼ଯନ୍ତ୍ରର ଗନ୍ଧ...

ମଲ୍ଲିକାର୍ଜୁନ ଖଡ଼ଗେ, କଂଗ୍ରେସ ସାଂସଦ ଗୌରବ ଗୋଗୋଇ, ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଓ ବଞ୍ଚିତ ବହୁଜନ ଅଘାଡି ନେତା ପ୍ରକାଶ ଆମ୍ବେଦକର ପ୍ରମୁଖ ଘଟଣାରେ ଶୋକ ପ୍ରକାଶ କରି ତଦନ୍ତ ପାଇଁ ଦାବି ଉପସ୍ଥାପନ କରିଛନ୍ତି।

ଲାଲୁ ପ୍ରସାଦ ଯାଦବ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ଏକ୍ସରେ ଲେଖିଛନ୍ତି ଯେ ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ସେ ଅଜିତ ପାୱାରଙ୍କ ଆତ୍ମାର ସଦଗତି କାମନା କରି ତାଙ୍କ ପରିବାର ଓ ସମର୍ଥକଙ୍କୁ ଦୁଃଖ ସହିବାର କ୍ଷମତା ଦେବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଗୌରବ ଗୋଗୋଇ ଗୋଟିଏ ଉପଯୁକ୍ତ ଓ ସ୍ୱଚ୍ଛ ତଦନ୍ତ ଦାବି କରିଛନ୍ତି। ଏଥିସହ ସେ ଅଜିତ ପାୱାରଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି। ପ୍ରକାଶ ଆମ୍ବେଦକର ମଧ୍ୟ ଉପଯୁକ୍ତର ତଦନ୍ତର ଆବଶ୍ୟକତା ଥିବା କଥା ଦୋହରାଇଛନ୍ତି।

### କଳାଗଡ଼ରେ ଶିଳ୍ପ...

ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମାଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡା ବ୍ଲକ ଅଧ୍ୟକ୍ଷା ମୀରା ରାଣୀ ମହାନ୍ତି, ଯଦୁପୁର ସରପଞ୍ଚ ସଂଯୁକ୍ତା ଜେନା, କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିବା ଇଡ଼କୋ ଜମି ଅଧିଗ୍ରହଣ ଅଧିକାରୀ ସ୍ମିତାଞ୍ଜଳି ଦାସ,ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଦୀପାର ଆପ୍ଟର କେର ରିଲେସନସିପ ଏକ୍ସପୋର୍ଟ ବଳରାମ ସାହୁ ସମେତ ଲାଇଫ ଏକାଡେମୀ ଅଫ ଭକେସନାଲ ଷ୍ଟଡ଼ି ର ସଂଯୋଜକ କୋର୍ଡିନେଟର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଦୀପା ଟିମ ଲିଡର ସୌଭାଗ୍ୟ ରଞ୍ଜନ ମଲ୍ଲିକ ସଂଚାଳନା କରିଥିଲେ। ସୂଚନା ଯେ, କଳାଗଡ଼ ଗ୍ରାମର ୧୨୪୫ଜଣ ଚାଷୀଙ୍କର ୫୪୩.୩୫୧ ଏକର ବେସରକାରୀ ଜମି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ ହେବ। ଭୁବନେଶ୍ୱର ର ଏକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସର୍ବେକ୍ଷଣ ସମୟରେ ଆସିଥିବା ଅଭିଯୋଗ ଏବଂ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇଥିଲେ। ଆଜିର ଜନ ଶୁଣାଣିରେ ପ୍ରଭାବିତ ଲୋକ ଶିଳ୍ପ ପ୍ରତିଷ୍ଠାକୁ ସ୍ୱାଗତ କରିବା ସହିତ ପ୍ରତିବଦଳରେ ତାଙ୍କର କିଛି ଦାବି ଉପସ୍ଥାପନ କରିଛନ୍ତି। ଉପରୋକ୍ତ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ଅନୁମୋଦନ ଦେଇସାରିଥିବା ବେଳେ, ଗୋଟିଏ ଶିଳ୍ପ ନିମନ୍ତେ ଚୂଡ଼ାନ୍ତ ନିଷ୍ପତି ଖୁବ୍ ଶୀଘ୍ର ନିଆଯାଇପାରେ ବୋଲି ସୂଚନା ରହିଛି।

### ରାଜ୍ୟସଭାର ଚତୁର୍ଥ...

ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଏସବୁ ଚର୍ଚ୍ଚା ଭିତରେ ରାଜ୍ୟସଭା ନିର୍ବାଚନକୁ ନେଇ ଗୁଗ୍‌ଲି ଫିଙ୍ଗିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି ରାଜ୍ୟସଭା ପାଇଁ ଚାରିକୁ ଚାରି ଆସନ ବିଜେପି ହାତେଇବ। କେତେବେଳେ କ'ଣ ଗେମ୍ ହେବ କିଛି କହିହେବ ନାହିଁ। ୟୁ ଜଷ୍ଟ ୱେଟ୍ ଆଣ୍ଡ ୱାଚ୍। ରାଜ୍ୟସଭା ନିର୍ବାଚନରେ ପ୍ରତି ପ୍ରାର୍ଥୀଙ୍କ ପାଇଁ ୩୦ ବିଧାୟକଙ୍କ ସମର୍ଥନ ଦରକାର। ବିଜେପି ପାଖରେ ସର୍ବାଧିକ ୭୯ ବିଧାୟକ ଅଛନ୍ତି। ତେବେ ବିଜେପି ସହିତ ୩ ସ୍ୱାଧୀନ ବିଧାୟକ ମଧ୍ୟ ରହିଛନ୍ତି। ଫଳରେ ବିଜେପି ପାଖରେ ୮୨ ବିଧାୟକଙ୍କ ସମର୍ଥନ ରହିଛି। ଯଦି ବିଜେପି ଆଉ ୮ ବିଧାୟକଙ୍କ ସମର୍ଥନ ଯୋଗାଡ କରିବାରେ ସକ୍ଷମ ହେଉଛି ତାହେଲେ ଚତୁର୍ଥ ଆସନ ବିଜେପି ପାଇଁ ସହଜ ହୋଇଯିବ। ଆଉ ଯଦି ବିଜେଡି ଓ କଂଗ୍ରେସ ମିଶି ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ ଦେଉଛନ୍ତି ତାହେଲେ ଏହା ସମ୍ଭବ ହୋଇପାରିବ। ତେବେ ଚତୁର୍ଥ ଆସନ ପାଇଁ କିଏ କାହାକୁ ସମର୍ଥନ ଦେଉଛନ୍ତି ତା' ଉପରେ ରହିବ ନଜର।

### ନବନିର୍ମାଣ କୃଷକ...

ପ୍ରଭାବିତ ହୋଇଛି। କିନ୍ତୁ ପାରାଦୀପରେ ସେଭଳି ପ୍ରଭାବ ଦେଖିବାକୁ ମିଳିନଥିଲା। ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ସଦର ମହକୁମା ତଥା ସହରଠାରୁ ନେଇ ବ୍ଲକଗୁଡିକରେ ବନ୍ଦର ବିଶେଷ ପ୍ରଭାବ ନାହିଁ। ଦୋକାନ ବଜାର, ପେଟ୍ରୋଲ ପମ୍ପ ଖୋଲା ଥିବାବେଳେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ସୁରକ୍ଷା କର୍ମୀ ମୁତୟନ ହୋଇଥିଲେ।

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଠ ଘଣ୍ଟିଆ କୋରାପୁଟ ଜିଲ୍ଲା ବୈପାରିଗୁଡାରେ ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରା ଯୋଗୁଁ ରାଞ୍ଚି ବିଜୟୱାଡ଼ା ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ଠପ ହୋଇପଡ଼ିଛି। ଜାତୀୟ ରାଜପଥର ବୈପାରିଗୁଡାରୁ ସଂଯୋଗ କରୁଥିବା ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ତଥା ତେଲେଙ୍ଗାନା ରାଜ୍ୟକୁ ଯୋଗାଯୋଗ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବା ଅନେକ ମାଲବାହୀ ଟ୍ରକ ଓ ବସ ବୈପାରିଗୁଡାରରେ ଅଟକି ରହିଥିବାର ଦେଖିବାକୁ ମିଳିଥିଲା। ଫଳରେ ଯାତ୍ରୀମାନେ ବନ୍ଦ ପାଳନ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ବୈପାରିଗୁଡା ସଦର ମହକୁମାରେ ଦୋକାନ ବଜାର ସବୁ ବନ୍ଦ ରହିଥିବା ବେଳେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

ପାରଳାଖେମୁଣ୍ଡି ସହର ପ୍ରବେଶ ପଥ ଫରେଷ୍ଟ ଗେଟ୍ ଛକ ନିକଟରେ ରାସ୍ତା ଉପରେ ଧାନ ବସ୍ତା ରଖି, ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ ଚାଷୀ। ଶହ ଶହ ଚାଷୀ ଏକତ୍ରିତ ହୋଇ ରାସ୍ତା ଉପରେ ସରକାରି ବିରୋଧୀ ନାରାବାଜି କରିଥିଲେ। ଭଦ୍ରକରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ। ଭଦ୍ରକ ରେଳ ଷ୍ଟେସନ, ଭଦ୍ରକ ବସ ଷ୍ଟାଣ୍ଡ, ସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟବସାୟୀକ ପ୍ରତିଷ୍ଠାନ ସବୁ ବନ୍ଦ କରାଯାଇଥିଲା।

ରାଉରକେଲା ସହରରେ ଓଡ଼ିଶା ବନ୍ଦ ପ୍ରଭାବଶୂନ୍ୟ ରହିଛି। ଟ୍ରେନ, ବସ, ଟ୍ରକ ଚଳାଚଳ ସ୍ୱାଭାବିକ ରହିଥିଲା। ରାଉରକେଲା ସହରରେ ଦୋକାନବଜାର ଖୋଲା ରହିଥିବା ବେଳେ ଦୁଇଚକିଆ, ଚାରିଚକିଆ ଓ ଅଟୋରିକ୍ସା ଚଳାଚଳ କରୁଥିଲା। ବିଶ୍ରା ଛକରେ କିଛି ଆନ୍ଦୋଳନକାରୀ ପିକେଟିଂ ଚାଲିଥିବା ଦେଖିବାକୁ ମିଳିଥିଲା। ସହରରେ କିଛି ସ୍କୁଲ, କଲେଜ ବନ୍ଦ ରହିଛି। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏହି ବନ୍ଦ ଡାକରାକୁ କଂଗ୍ରେସ ବିଜେଡି ଓ କିଛି ବାମ ପନ୍ଥୀ ସଂଗଠନ ସମର୍ଥନ ଦେଇଛନ୍ତି।

ଝାରସୁଗୁଡା ଜିଲ୍ଲାରେ ବନ୍ଦ ପାଳନ ପ୍ରଭାବ ଶୂନ୍ୟ ରହିଛି। ସକାଳୁ ରେଳ ଷ୍ଟେସନ ଓ ପୁରୁଣା ବସ ଷ୍ଟାଣ୍ଡ ନିକଟରେ କିଛି ସମୟ ପାଇଁ ପିକେଟିଂ କରାଯାଇଥିବା ବେଳେ ସକାଳ ୯ଟା ପରଠାରୁ ଦୋକାନ ବଜାର ଖୋଲା ରହିଛି, ଗାଡ଼ି ମଟର ଚଳାଚଳ ମଧ୍ୟ ସ୍ୱାଭାବିକ ରହିଛି। ବନ୍ଦ ଡାକରା ଯୋଗୁ କିଛି ଘରୋଇ ବସ ଚଳାଚଳ ବନ୍ଦ ରହିଛି।

### ସତରେ ସରକାର...

କର୍ମଚାରୀ ବଦଳି ଓ ବାତିଲରେ ବିପୁଳ ହାତଗୁଞ୍ଜା ନେଉଥିବାର ଅଭିଯୋଗରେ ଅଭିଯୁକ୍ତ) ଦାଗୀ ନେତାମାନେ ପଶିଯାଆନ୍ତି ତେବେ ସେମାନଙ୍କ ଦାଗ ସଫା ହୋଇଯିବ। ଏ କ୍ଷେତ୍ରରେ ନିଜକୁ ସଂଘ ଓ ଦଳର ଉପରେ ଭାବୁଥିବା ମୋହିନୀ ନାମଧାରୀ ଜଣେ ନେତା ଦିଲ୍ଲୀରେ ଏହି ଦାଗୀମାନଙ୍କୁ ବଳ ଯୋଗାଉଥିବା ଚର୍ଚ୍ଚା ଜୋର ଧରିଛି। ଦଳ ପଛେ ଚୁଲିକି ଯାଉ, ଦାଗୀମାନଙ୍କୁ ଖାଲେଇରେ ଭର୍ତ୍ତି କରିଦେଲେ ନିଜର ଖାଲି ଲାଭ ଆଉ ଲାଭ।

ଏପଟେ ଦୁର୍ନୀତିଖୋର ଦାଗୀ ନେତାଙ୍କ ବିରୋଧରେ ନା କାର୍ଯ୍ୟାନୁଷ୍ଠାନ ହେଉଛି, ନା କୋର୍ଟ କଚେରୀରେ ସରକାରଙ୍କ ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରି ସରକାରଙ୍କ ସମ୍ମାନ ରକ୍ଷା କରାଯାଉଛି ? ଫଳରେ ସବୁ ଥାଇ ବି ଦଳ ଅଡୁଆରେ ପଡୁଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଅଛି। କେନ୍ଦ୍ର ସରକାର ବ୍ୟାଙ୍କିଂ ନିୟନ୍ତ୍ରଣ ଆଇନ୍‌ରେ କରିଥିବା ସଂଶୋଧନ ଆଧାରରେ ଓଡ଼ିଶାରେ ସମବାୟ ଆଇନ୍‌ରେ ଆବଶ୍ୟକ ସଂଶୋଧନ କରି ସମବାୟ ବ୍ୟାଙ୍କଗୁଡ଼ିକୁ ସୁନିୟନ୍ତିତ କରି ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାକୁ ସଶକ୍ତ କରିବାର ସୁଯୋଗ ଥିଲେ ହେଁ ତାହା କରାଯାଇପାରୁ ନାହିଁ। ଏଥିନେଇ ତତ୍ପରତା ମଧ୍ୟ ଦେଖିବାକୁ ମିଳୁନାହିଁ। କିନ୍ତୁ ଏଥିଲାଗି ଯେଉଁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ଅଛି ସେହି ଇଚ୍ଛାଶକ୍ତିର ଅଭାବ ଦେଖିବାକୁ ମିଳୁଥିବାରୁ କୌଣସି କ୍ଷେତ୍ରରେ ଅଗ୍ରଗତି ହୋଇପାରୁ ନାହିଁ। ବିରୋଧୀ ଦଳର ଦୁର୍ବଳ ସ୍ଥିତି ସତ୍ତ୍ୱେ ସରକାର ଦୃଢ଼ ପଦକ୍ଷେପ ନେଇପାରୁନଥିବାରୁ ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହେଲାଣି ଯେ ସତରେ ସରକାର ଚାଲୁଛି ତ ?

## କେନ୍ଦ୍ରାପଡା ଝିଅ ଝାରସୁଗୁଡାରେ ପ୍ରଥମ

**କେନ୍ଦ୍ରାପଡ଼ା,୨୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଝିଅ ଆରାଧ୍ୟା ମହାନ୍ତି ଝାରସୁଗୁଡା ଜିଲ୍ଲାରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ପୁରସ୍କୃତ ହୋଇଛନ୍ତି। ଝାରସୁଗୁଡା ଜିଲ୍ଲାପାଳ କୁଶାଳ ହେ୍ୱଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଆରାଧ୍ୟାଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଛନ୍ତି। ଆରାଧ୍ୟା ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମୃଗନୟନୀ ଗ୍ରାମର ଅବସରପ୍ରାପ୍ତ ଓ.ଏଫ.ଏସ. ସ୍ୱର୍ଗତ କୃପାସିନ୍ଧୁ ମହାନ୍ତିଙ୍କ ନାତୁଣୀ। ମେଧାବୀ ଛାତ୍ରୀ ଆରାଧ୍ୟା ଇବଥର୍ମାଲ ବନହରପାଲୀ ସ୍ଥିତ ଓଡିଶା ପାୱାର ଜେନେରେସନ କରପୋରେସନରେ ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ମହାନ୍ତି ଓ ବିଶିଷ୍ଟ ସଂଗୀତକାର ସୁଶ୍ମୀତା ମହାନ୍ତିଙ୍କ ସୁପୁତ୍ରୀ ହୋଇଥିବା ବେଳେ ଭୁବନେଶ୍ୱରର ବିଶିଷ୍ଟ ଟ୍ୟାକ୍ସ କନସଲଟାଣ୍ଟ ଦିପ୍ତୀରାଣି ମହାନ୍ତିଙ୍କ ଝିଆରୀ ଅଟନ୍ତି। ଆରାଧ୍ୟା ଥର୍ମାଲ ଡିଏଭି ପବ୍ଲିକ ସ୍କୁଲର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ସେ ସର୍ବଦା ଶ୍ରେଣୀରେ ପ୍ରଥମ ହୋଇଥାନ୍ତି। ଏଥିସହିତ ଆରାଧ୍ୟା ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଆସୁଛନ୍ତି।

## ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫାଇନାଲରେ ଲେବର ସ୍ପୋର୍ଟିଂ କ୍ଲବ ଓ ଚାନ୍ଦ କ୍ଲବ

**କେନ୍ଦ୍ରାପଡ଼ା,୨୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

**କେନ୍ଦ୍ରାପଡା,୨୮।୧:** ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ-ବି ର ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ କଟକ-ବାରବାଟି ବିଧାୟକ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ ଓ ବରିଷ୍ଠ ସାମ୍ବାଦିକ ପରେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେମିଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ୧-୦ ଗୋଲରେ ଓଡିଶା ପୋଲିସ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌କୁ ରେଫରୀ ଭାବେ ମାନସ କୁମାର ବିଶ୍ୱାଳ, ସୁକାନ୍ତ ସିଂ, ମହମ୍ମଦ ସାକଲିନ ଅସରଫି, ସେକ ମୁକିମ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଲେବର ସ୍ପୋର୍ଟିଂ କ୍ଲବ ଚାନ୍ଦ କ୍ଲବକୁ ଭେଟିବ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ୍, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ୍, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର୍, କଲିମ ଖାନ୍, ମୀର ଅବୁସମା, ଆୟାଜ ମହମ୍ମଦ୍, କୋଷାଧ୍ୟକ୍ଷ ସେକ ମୁସ୍ତାକ ଓ ମହମ୍ମଦ ଆଝାରୁଦ୍ଦିନ, ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, ମାସୁମ ଖାନ୍, ମୀର ସଲାମତ୍, ସଲିମ ଖାନ୍, ଜାହିଦ ଖାନ୍, ମୀର ମହମ୍ମଦ ଅମୀରଙ୍କ ସମେତ ସେକ ଆଦିକ ଇକବାଲ୍, ସମସେର ଅଲ୍ଲୀ ଖାନ୍, ମହମ୍ମଦ ଇମ୍ରାନ୍, ୱାସିମ, ଦିଲୁ ପଣ୍ଡା, ଆଜମଲ ଖାନ୍, ମହମ୍ମଦ ଅଜିଜ୍, ମିରାଜନ୍, ମୋତି ଖାନ୍ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**